R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୪
ତିଥି : ପ୍ରତିପଦ
୧୫ ଅକ୍ଟୋବର ୨୦୨୩, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

27th ANNIVERSARY

Bhubaneswar | Balasore | Angul | Berhampur | Sambalpur | Jeypore

### ଦିନିକିଆ ବିଶ୍ୱକପ୍‌ରେ ଅତୁଟ ରହିଲା ଭାରତର ଅପରାଜେୟ ରେକର୍ଡ

## ପାକିସ୍ତାନକୁ ପୁଣି ହରାଇଲା ଭାରତ

ଅହମ୍ମଦାବାଦ, ୧୪।୧୦ (ଏଜେନ୍ସି) : ପୂର୍ବରୁ ବିଶ୍ୱକପ୍‌ରେ ଭାରତ ୭ଥର ପାକିସ୍ତାନଠାରୁ ଜିତିଥିଲା । ଆଜିର ବିଜୟ ପରେ ଏହି ସଂଖ୍ୟା ୮-୦ ହୋଇଯାଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ପାକିସ୍ତାନ ଦଳ ଧୂଳି ଚାଟିଛି । ବିଶ୍ୱକପ୍‌ରେ ପାକିସ୍ତାନ ମୁଣ୍ଡରେ ଲାଗିଥିବା କଳଙ୍କ ଫର୍ଦ୍ଦ ଆଉ ଏକ ବଢ଼ିଛି । ବିଶ୍ୱର ସର୍ବବୃହତ ଷ୍ଟାଡିୟମ୍‌ରେ ଭାରତୀୟ ବୋଲରଙ୍କ ପରାକ୍ରମ ପରେ ରୋହିତ ଶର୍ମାଙ୍କ ବ୍ୟାଟିଂ ବିସ୍ଫୋରଣ (୯ ପୃଷ୍ଠାରେ)



## ପିକଅପ୍ ଭ୍ୟାନ-ବାଇକ୍ ମୁହାଁମୁହିଁ : ୩ ଛାତ୍ର ମୃତ

ବାଙ୍କୀ, ୧୪।୧୦ (ସବ୍ୟୁ) : ପବିତ୍ର ମହାଳୟା କାର୍ଯ୍ୟ ଚାଲୁଥିବା ବେଳେ ଦୁଃଖଦ ଘଟଣା ଘଟିଛି । କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ଚକୁଳେଶ୍ୱର ଗ୍ରାମରୁ ଟିଉସନ ସାରି ପୂର୍ବାହ୍ନ ୧୦ ଟାରେ ୩ ଜଣ ଦଶମ ଶ୍ରେଣୀ ଛାତ୍ର ବାଇକରେ ଫେରୁଥିଲେ କଟକ ବାଙ୍କୀ ରାସ୍ତାର ରଣଶଙ୍ଖ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍ ଅପ ଭ୍ୟାନ ସହ ମୁହାଁମୁହିଁ ହେବାରୁ ବାଇକରେ ଆସୁଥିବା ୨ ଜଣ ଛାତ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଶଙ୍କଟାପନ୍ନ ଅବସ୍ଥାରେ ଆଉ ଜଣେ ଛାତ୍ରଙ୍କୁ ଚିକିତ୍ସା ପାଇଁ କଟକଏସସିବିକୁ ସ୍ଥାନାନ୍ତର କରାଯାଇଥିଲା।ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।. ସୂଚାନୁସାରେ ବାଙ୍କୀ ହରିରାଜପୁର ଗାଁର ୩ ଜଣଦଶମ ଶ୍ରେଣୀର ଛାତ୍ର ଏକ ବାଇକ ଯୋଗେ ଚକୁଳେଶ୍ୱରରୁ ଟିଉସନ ସାରି ଫେରୁଥିବା ସମୟରେ ବାଙ୍କୀରୁ କଟକ ଯାଉଥିବା ଏକ ପିକଅପ ଗାଡି ସେମାନଙ୍କ ବାଇକକୁ ସାମ୍ନା ପଟୁ ଧକ୍କା ଦେଇଥିଲା।। ଫଳରେ ଘଟଣା ସ୍ଥଳରେ ୨ଜଣ ଓ ଡ଼ାକ୍ତରଖାନାରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା । (୯ ପୃଷ୍ଠାରେ)




## ହମାସର ବାୟୁସେନା ମୁଖ୍ୟ ମୃତ

ନୂଆଦିଲ୍ଲୀ, ୧୪।୧୦ : ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ଅଷ୍ଟମ ଦିନରେ ପହଞ୍ଚିଛି । ହମାସର ବାୟୁସେନା ମୁଖ୍ୟ ମୁରାଦ ଅବୁ ଇସ୍ରାଏଲ୍ ଏୟାର ଷ୍ଟ୍ରାଇକ୍‌ରେ ମୃତ୍ୟୁବରଣ କରିଛି । ଏହା ଇସ୍ରାଏଲ ସେନା ପକ୍ଷରୁ ଦାବି କରାଯାଇଛି । ମୁରାଦ ଅବୁ ଥିଲା ହମାସ ବାୟୁସେନାର ମୁଖ୍ୟ ସଦସ୍ୟ । ତେବେ ହମାସ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ ।

ଏହି ଲଢ଼େଇରେ ପ୍ରାୟ ହଜାର ହଜାର ଇସ୍ରାଏଲ, ପାଲେଷ୍ଟାଇନ୍ ଓ ବିଦେଶୀ ନାଗରିକ ନିହତ ହୋଇଥିବା ସୂଚନା ମିଳିଛି । ଇସ୍ରାଏଲ ଏବେ ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣକୁ ତୀବ୍ର କରିଛି । ହମାସ ଆତଙ୍କବାଦୀମାନେ ଅଧିକାଂଶ ନାଗରିକଙ୍କୁ ଗୃହବନ୍ଦୀ କରି ରଖିଛନ୍ତି । ଆକ୍ରମଣ ଫଳରେ ପାଲେଷ୍ଟାଇନ୍‌ର ବ୍ୟାପକ କ୍ଷୟକ୍ଷତି ହେବା ସହ ଗାଜା ସହର ଏବେ ଧ୍ୱଂସ ସ୍ତୁପ ଭଳି (୯ ପୃଷ୍ଠାରେ)

## ପର୍ଯ୍ୟଟକଙ୍କ ଲାଗି ଖୋଲିଲା ଶିମିଳିପାଳ

ବାରିପଦା, ୧୪।୧୦ (ସବ୍ୟୁ) : ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଶନିବାର ଠାରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ହୋଇଅଛି । ଆଜି ପ୍ରଥମଦିନରେ ଲୁଲୁଙ୍ଗ ସ୍ଥିତ ପିଠାବଟା ଫାଟକ ଓ ଯଶିପୁର ସ୍ଥିତ କାଳିଆଣୀ ତନଖୀ ଫାଟକ ଦେଇ ୧୩ଟି ଯାନରେ ମୋଟ୍ ୭୩ଜଣ ପର୍ଯ୍ୟଟକ ଶିମିଳିପାଳ ବୁଲିବାକୁ ଯାଇଛନ୍ତି । ସେଥିମଧ୍ୟରୁ ଓଡିଶା ରାଜ୍ୟରୁ ୫୦ଜଣ ଓ ଅନ୍ୟ ରାଜ୍ୟରୁ ୨୩ଜଣ ପର୍ଯ୍ୟଟକ ଶିମିଳିପାଳ ଅଭୟାରଣ୍ୟର ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୀବଜନ୍ତୁଙ୍କୁ ଦେଖିବାକୁ ଯାଇଛନ୍ତି । ଉଭୟ ଫାଟକରେ ଶିମିଳିପାଳ ଉଚ୍ଚ କର୍ତ୍ତୃପକ୍ଷ ମାନେ ଉପସ୍ଥିତ ରହି ପର୍ଯ୍ୟଟକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ । ଏତଦ୍‌ବ୍ୟତୀତ କିଛି ପର୍ଯ୍ୟଟକମାନେ ଶିମିଳିପାଳ ଅଭୟାରଣ୍ୟରେ ରାତ୍ରିଯାପନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତିଦିନ ସକାଳ (୯ ପୃଷ୍ଠାରେ)



ASSISTANCE - 1800 8898 701 WHATSAPP -94394 34467 | 94381 85203
Disclaimer : This Advertisement includes artistic images and representation of the said project.
DEVELOPER-
STALWART PROJECTS PVT. LTD
Website-www.stalwartprojects.in Mail ID-stalwartprojects@gmail.com




# ହୃଦ୍‌ରୋଗ ପାଇଁ ଖାଦ୍ୟ

ସମୟ ସହିତ ହୃଦ୍‌ରୋଗ ଜନିତ ବିଭିନ୍ନ ସମସ୍ୟା ମଧ୍ୟ ବଢ଼ିଚାଲିଛି । ଦଶନ୍ଧି ପୂର୍ବେ ଏହି ରୋଗ କେବଳ ବୟସ୍କ ଶ୍ରେଣୀର ଲୋକଙ୍କୁ ହେଉଥିଲା, ମାତ୍ର କ୍ରମଶଃ ସମସ୍ତ ବର୍ଗର ଲୋକଙ୍କ ଠାରେ ଏହି ସମସ୍ୟା ଦେଖିବାକୁ ମିଳୁଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଶେଷଜ୍ଞ ସମସ୍ତଙ୍କୁ ସତର୍କ ରହିବା ସହିତ ଏହି ରୋଗରୁ ବର୍ତ୍ତିବା ପାଇଁ ନିରନ୍ତର ପ୍ରୟାସ କରିବା ଲାଗି ପରାମର୍ଶ ଦେଉଛନ୍ତି । ସେହିପରି ଲାଇଫ୍‌ଷ୍ଟାଇଲ୍ ଓ ଖାଦ୍ୟରେ ଅଣଦେଖା କରିବା ଏହି ରୋଗର ଲକ୍ଷଣକୁ ବଢ଼ାଇଥାଏ ବୋଲି ଅନେକ ହୃଦ୍‌ରୋଗ ବିଶେଷଜ୍ଞ କୁହନ୍ତି । ତେଣୁ ଦୈନିକ ଆହାରରେ କେତେକ ସାମଗ୍ରୀ ସାମିଲ କରିବା ଦ୍ୱାରା ଏ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ହ୍ରାସ ପାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

- ଆଭୋକାଡୋ ହୃଦ୍ ଜନିତ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ଏହା ମନୋଅନସାଚୁରେଟେଡ୍ ଫ୍ୟାଟ୍‌ର ଏକ ଉତ୍କୃଷ୍ଟ ସ୍ରୋତ, ଯାହା କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରି ହୃଦ୍‌ରୋଗ ବିପଦକୁ କମାଇବାରେ ସହାୟକ ହୋଇଥାଏ । ଏଥିରେ ଥିବା ଫାଇବର ହଜମ ପ୍ରକ୍ରିୟା ପାଇଁ ମଧ୍ୟ ଖୁବ୍ ଲାଭପ୍ରଦ ହେବ ।
- ସବୁଜ ପନିପରିବା ସହିତ ବିଭିନ୍ନ ପ୍ରକାରର ସାଗରେ ପ୍ରଚୁର ପରିମାଣର ଭିଟାମିନ, ମିନେରାଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହା ଆମ ଶରୀର ପାଇଁ ନିୟମିତ ରୂପେ ଆବଶ୍ୟକ ହୋଇଥାଏ । ପାଳଙ୍ଗ, କେଲ୍ ଓ କୋଲାର୍ଡ (ବ୍ରୋକଲି ଭଳି ଏକପ୍ରକାରର ସାଗ) ସହିତ ବିନ୍ସ ଭଳି ପରିବା ଖାଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ମିଳିଥାଏ ।
- ଯେଉଁମାନେ ନିୟମିତ ରୂପେ ମଞ୍ଜିଜାତୀୟ ଖାଦ୍ୟ ଖାଆନ୍ତି ସେମାନଙ୍କ ଠାରେ ହୃଦରୋଗର ବିପଦ କମ୍ ଥାଏ । ବିଶେଷକରି ବାଦାମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଫଳପ୍ରଦ ହେବ । ଏଥିରେ ଫାଇବର୍, ମ୍ୟାଗ୍ନେସିଅମ୍, କପର୍ ଓ ମାଙ୍ଗାନିଜ୍ ଭଳି ସୂକ୍ଷ୍ମ ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀର ପକ୍ଷେ ହୀତକର ।
- ଡାର୍କ ଚକୋଲେଟ୍ ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ଲାଭଦାୟକ । ଏଥିରେ ଭରପୂର ମାତ୍ରାରେ ଫ୍ଲାଭୋନଏଡ୍ସ ଭଳି ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ହୃଦ୍‌ରୋଗକୁ ହ୍ରାସ କରିବାରେ ସହାୟକ ହେବ । ସେହିପରି କୋରୋନାରୀ ହାର୍ଟ ଡିଜିଜ୍, ଷ୍ଟ୍ରୋକ୍ ଓ ମଧୁମେହର ବିପଦ ମଧ୍ୟ କମିବ । ଏହାସହ ଉଚ୍ଚ ରକ୍ତଚାପକୁ କମ୍ କରିବାରେ ମଧ୍ୟ ଏହା ବେଶ୍ ସାହାଯ୍ୟ କରିବ ।





# ଏ.ପି.ଜେ. ଅବଦୁଲ କଲାମ

ମିଶାଇଲ୍ ମ୍ୟାନ୍ ଭାବେ ସର୍ବତ୍ର ପରିଚିତ ଥିବା ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ତାମିଲନାଡୁର ରାମେଶ୍ୱରମ୍ ଠାରେ ଜନ୍ମଗ୍ରହଣ କରିଥିଲେ । ଭାରତର ୧୧ତମ ରାଷ୍ଟ୍ରପତି ବ୍ୟତୀତ ଲୋକମାନଙ୍କର ରାଷ୍ଟ୍ରପତି ଭାବେ ତାଙ୍କର ଏକ ଭିନ୍ନ ପରିଚୟ ଥିଲା । ରାଷ୍ଟ୍ରପତି ହେବା ପୂର୍ବରୁ ସେ ଡିଆର୍‌ଡିଓ ଏବଂ ଇସ୍ରୋରେ ଅନ୍ତରୀକ୍ଷ ଇଞ୍ଜିନିୟର୍ ଥିଲେ । ବାଲିଷ୍ଟିକ୍ ମିଶାଇଲ୍ ଏବଂ ଲଞ୍ଚ୍ ଭେଇକିଲ୍ ପ୍ରଯୁକ୍ତିବିଦ୍ୟାର ଆବିଷ୍କାର ପାଇଁ ତାଙ୍କୁ ଭାରତର ମିଶାଇଲ୍ ମ୍ୟାନ୍ ଆଖ୍ୟା ଦିଆଯାଇଥିଲା । ପୋଖରାନ୍ ପରମାଣୁ ବୋମା ପରୀକ୍ଷଣରେ ବି ତାଙ୍କର ପ୍ରମୁଖ ଗ୍ରହଣ ରହିଥିଲା । ମହାକାଶ ବିଜ୍ଞାନ ଓ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା । ଏହାସହିତ ଇନ୍ଦିରା ଗାନ୍ଧୀ ପୁରସ୍କାର, ବୀର ସଭରକର ପୁରସ୍କାର ସମେତ ଏକାଧିକ ବିଶ୍ୱବିଦ୍ୟାଳୟରୁ ସେ ଡକ୍ଟରେଟ୍ ଉପାଧି ପାଇଥିଲେ । କଲାମ ଏକାଧିକ ପୁସ୍ତକର ରଚୟିତା ମଧ୍ୟ । ତାଙ୍କ ଦ୍ୱାରା ଲିଖିତ ଇଗନାଇଟେଡ୍ ମାଇଣ୍ଡସ୍ (୨୦୦୨), ୱିଙ୍ଗସ୍ ଅଫ୍ ଫାୟାର୍ (୧୯୯୯, କଲାମ୍‌ଙ୍କ ଆତ୍ମଜୀବନୀ) ଓ ଇଣ୍ଡିଆ ୨୦୨୦- ଏ ଭିଜନ୍ ଫର୍ ଦି ନ୍ୟୁ ମିଲିନିୟମ୍ ଆଦି ବହି କୋଟି କୋଟି ଜନତାଙ୍କୁ ପ୍ରେରଣା ଯୋଗାଇଛି । ଏହାଛଡା ସେ ମିଶନ୍ ଇଣ୍ଡିଆ, ଇନ୍‌ସ୍ପାୟରିଂ ଥଟ୍ସ ଭଳି ଅନେକ ବହି ଲେଖିଛନ୍ତି । ୨୦୧୫ ମସିହା ଜୁଲାଇ ୨୭ ତାରିଖରେ ଏକ ସଭାରେ ଭାଷଣ ଦେଉଥିବା ସମୟରେ ହୃଦ୍‌ଘାତ ହେବାରୁ ତାଙ୍କୁ ଶିଲଂସ୍ଥିତ ବେଥନି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରେ ମାତ୍ର ୮୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

## ଇତିହାସ

୧୫୪୨- ମୋଗଲ ଶାସକ ଆକବରଙ୍କ ଜନ୍ମ ।
୧୬୮୬- ବିଜାପୁର ସହିତ ଶାନ୍ତି ବୁଝାମଣା ଉପରେ ମୋଗଲ ଶାସକ ଔରଙ୍ଗଜେବଙ୍କ ସ୍ୱାକ୍ଷର ।
୧୯୨୦- ପ୍ରସିଦ୍ଧ ଉପନ୍ୟାସ ଗଡ୍‌ଫାଦର୍‌ର ରଚୟିତା ମାରିଓ ଗେନ୍‌ଲୁଗି ପୁଜୋଙ୍କ ଜନ୍ମ ।
୧୯୩୧- ଭାରତର ଏକାଦଶତମ ରାଷ୍ଟ୍ରପତି ଅବଦୁଲ କଲାମଙ୍କର ଜନ୍ମ ।
୧୯୨୪- ପୂର୍ବତନ ଆମେରିକା ରାଷ୍ଟ୍ରପତି କାଲଭିନ କୁଲିଡ୍‌ଜ ଷ୍ଟାଚ୍ୟୁ ଅଫ୍ ଲିବର୍ଟିକୁ ରାଷ୍ଟ୍ରୀୟ ସ୍ମାରକ ରୂପେ ଘୋଷଣା କଲେ ।
୧୯୩୨- ଟାଟା କମ୍ପାନୀ ଟାଟା ସନ୍ସ ଲିମିଟେଡ୍ ନାମକ ଦେଶର ପ୍ରଥମ ଏୟାର୍‌ଲାଇନ୍ସର ଶୁଭାରମ୍ଭ ।
୧୯୩୫- ଟାଟା ଏୟାର୍‌ଲାଇନ୍ସ (ବର୍ତ୍ତମାନର ଏୟାରଇଣ୍ଡିଆ) ଏହାର ପ୍ରଥମ ଉଡାଣ ଭରିଲା ।
୧୯୮୮- ଉଜ୍ଜ୍ୱଳା ପଟେଲ ସମୁଦ୍ରରେ ସମଗ୍ର ବିଶ୍ୱ ଯାତ୍ରା କରିଥିବା ଏସିଆର ପ୍ରଥମ ମହିଳା ରୂପେ ପରିଚିତି ହାସଲ କଲେ ।
୧୯୯୦- ସୋଭିଏତ ୟୁନିଅନ୍‌ର ରାଷ୍ଟ୍ରପତି ମିଖାଇଲ ଗୋର୍ବାଚେଭ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଗଲା ।

## ସୋସିଆଲ କୋଟ୍ସ



ଫିଲ୍ମ ଥ୍ୟାଙ୍କ୍ ୟୁ ଫର୍ କମିଙ୍ଗ୍ ହେଉଛି କ୍ରିଏଟିଭ୍ ଅଗ୍ରାଜିମ୍ । ଏହି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୋ ମନରେ କୌଣସି ଆଶଙ୍କା ନଥିଲା । ଏଥିରେ ମୋର ଭୂମିକା ଜଣେ ସିଙ୍ଗଲ୍ ମଦରର ରହିଛି ଏବଂ ଏଥିପାଇଁ ମୋ ବାପା-ମା’ଙ୍କ ପୂରା ସପୋର୍ଟ ମଧ୍ୟ ରହିଛି ।

**ଶିବାନୀ ବେଦୀ, ଅଭିନେତ୍ରୀ**



ଆମେମାନେ ଆକ୍ଟର ଏଥିପାଇଁ ହେଉ କି ଆମେ ଯାହା ବ୍ୟକ୍ତିଗତ ଲାଇଫ୍‌ରେ କରିପାରିନଥାଉ, ତାହା ଆମେ ବଡ଼ ପରଦା କିମ୍ବା ଓଟିଟିରେ କରିଥାଉ ।

**ନିମରତ କୌର, ଅଭିନେତ୍ରୀ**



ଲୋକେ ଭାବନ୍ତି ଯେ ବଲିଉଡ୍‌ରେ ଯେଉଁମାନେ କାମ କରନ୍ତି ସେମାନେ ଭଲ ଲୋକ ନୁହଁନ୍ତି । ତେଣୁ ଏହି କଥା ଆମକୁ ବାରମ୍ବାର ପ୍ରମାଣ କରିବାକୁ ପଡ଼ିଥାଏ । ଲୋକେ ଯେତେବେଳେ ବହୁ ରୁକ୍ଷ ବ୍ୟବହାର କରନ୍ତି ସେତେବେଳେ ଆମକୁ ଖୁବ୍ କଷ୍ଟ ହୁଏ ।

**ଭାଗ୍ୟଶ୍ରୀ, ଅଭିନେତ୍ରୀ**


# ୨ ଲକ୍ଷ ଟଙ୍କାର ସାବୁନ୍





ସାଧାରଣତଃ ଗୋଟିଏ ସାବୁନର ଦାମ୍ ୧୦, ୨୦ କିମ୍ବା ୧୦୦ ଟଙ୍କା ହୋଇଥାଏ । ଅତିବେଶୀରେ ଏହା ୧୦୦୦ କିମ୍ବା ୨୦୦୦ ଟଙ୍କା ପର୍ଯ୍ୟନ୍ତ ଦାମୀ ହୋଇପାରେ । ମାତ୍ର ବର୍ତ୍ତମାନ ଗୋଟିଏ ସାବୁନ ବିଷୟରେ ଜଣାପଡ଼ିଛି ଯାହାର ଦାମ୍ ହେଉଛି ୨,୮୦୦ ଡଲାର ବା ୨.୦୭ ଲକ୍ଷ ଟଙ୍କା । ମଧ୍ୟପୂର୍ବ ଦେଶ ଲେବନନ୍‌ର ତ୍ରିପୋଲିରେ ବାଡର୍ ହାସନ୍ ଆଣ୍ଡ୍ ସନ୍ସ ନାମକ ଏକ କମ୍ପାନୀ ଦ୍ୱାରା ଏହି ସାବୁନ ପ୍ରସ୍ତୁତ କରାଯାଇଛି । ଏହି କମ୍ପାନୀର ମାଲିକ ନିଜ ହାତରେ ଏହାକୁ ତିଆରି କରନ୍ତି । ଏହି ସାବୁନର ନାଁ ହେଉଛି ଦି ଖାନ୍ ଅଲ୍ ସାବୋନ୍ । ୧୫ ଶତାବ୍ଦୀରୁ ଏହି କମ୍ପାନୀଟି ସାବୁନ ପ୍ରସ୍ତୁତ କରୁଛି । ତେବେ ଏହି ଦାମୀ ସାବୁନ୍‌ର ପଟିକୁ ସୁନା ଓ ହୀରା ପାଉଡର୍‌ରେ ପ୍ରସ୍ତୁତ କରାଯାଏ । ଯାହାଫଳରେ ଏହାକୁ ସବୁଠୁ ଦାମୀ ସାବୁନ ବୋଲି କୁହାଯାଏ । ହେଲେ ଏହାକୁ ଶରୀରରେ ଲଗାଇବା ଦ୍ୱାରା କୌଣସି ଆଘାତ ସୃଷ୍ଟି ହୁଏ ନାହିଁ । ତେବେ କିଛି ବର୍ଷ ତଳେ କମ୍ପାନୀର ସିଇଓ ଅମୀର ହସନ୍ ବହରୀନ ଆକ୍ଟ୍ରେସ ଶୈଳା ସାବତଙ୍କୁ ଏହି ସାବୁନ ଉପହାରସ୍ୱରୂପ ଦେଇଥିଲେ, ଏହାକୁ ନେଇ ସେତେବେଳେ ସୋସିଆଲ୍ ମିଡିଆରେ ଜୋର୍‌ଦାର୍ ଚର୍ଚ୍ଚା ହୋଇଥିଲା । ଏହି ସାବୁନର ଅଧିକାଂଶ ଗ୍ରାହକ ଦୁବାଇର ବୋଲି କମ୍ପାନୀ ତରଫରୁ କୁହାଯାଇଛି । ୨୦୧୩ରେ ଏହାକୁ ପ୍ରଥମ ଥର ପାଇଁ ନିର୍ମାଣ କରାଗଲା, ଯାହାକୁ କତାରର ପ୍ରଥମ ମହିଳାଙ୍କୁ ଉପହାରସ୍ୱରୂପ ଦିଆଗଲା । ଏଥିରେ ୧୭ ଗ୍ରାମ୍‌ର ୨୪ କ୍ୟାରଟ୍ ସୁନା ରହିଥିବାବେଳେ ୩ ଗ୍ରାମ୍ ହୀରା ପାଉଡର, ଅଲିଭ୍ ଅଏଲ୍, ଅର୍ଗାନିକ୍ ହନି, ଖଜୁରୀ ଆଦି ମିଶ୍ରଣ କରାଯାଇଛି । ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରାୟ ୬ ମାସର ସମୟ ଲାଗିଥାଏ ।

# ଚନ୍ଦ୍ରରେ ହେବ ରାସ୍ତା !




ଖୁବ୍‌ଶୀଘ୍ର ଚନ୍ଦ୍ରପୃଷ୍ଠରେ ପକ୍କା ସଡ଼କ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି । ଚନ୍ଦ୍ରପୃଷ୍ଠରେ ଥିବା ମାଟିକୁ ତରଳାଇ ଏହାକୁ ପକ୍କା ସଡ଼କ ଭଳି ଅଧିକ କଠିନ ପଦାର୍ଥରେ ରୂପାୟନ କରିବା ଲାଗି ବୈଜ୍ଞାନିକମାନେ ସୂର୍ଯ୍ୟକିରଣକୁ ବ୍ୟବହାର କରିବା ଲାଗି ଏକ ଉପାୟର ଆବିଷ୍କାର କରିଛନ୍ତି । ରିପୋର୍ଟ ମୁତାବକ, ଏଭଳି ବୈଷୟିକ ସଫଳତାର ଗୁରୁତ୍ୱ ଅଧିକ । କାହିଁକି ନା ଚନ୍ଦ୍ରପୃଷ୍ଠରେ ଥିବା ଧୂଳି ମୁନ୍ ରୋଭର୍ ପାଇଁ ବିଭିନ୍ନ ପ୍ରକାରର ସମସ୍ୟାର କାରଣ ସାଜିଥାଏ । ଯାହାଦ୍ୱାରା ରୋଭର୍‌ର କାର୍ଯ୍ୟପ୍ରଣାଳୀରେ ବିଭିନ୍ନ ସମସ୍ୟା ଦେଖାଦିଏ । ତେବେ ଚନ୍ଦ୍ରରେ ମାଧ୍ୟାକର୍ଷଣ ଅଭାବରୁ ଛୋଟ ଛୋଟ ଧୂଳି କଣିକା ଭାସମାନ ଅବସ୍ଥାରେ ଥାଏ । ଯାହାଫଳରେ ଉପରୋକ୍ତ ସମସ୍ୟା ପରିଲକ୍ଷିତ ହୋଇଥାଏ । ସେପଟେ ଚନ୍ଦ୍ରରେ ଥିବା ମାଟିକୁ ତରଳାଇଲେ ଖର୍ଚ୍ଚ କମ୍ ହେବ ବୋଲି ମଧ୍ୟ ଗବେଷକମାନେ ମତ ଦେଇଛନ୍ତି । ଏହାକୁ ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିବାବେଳେ ଭିବଷ୍ୟତରେ ଚନ୍ଦ୍ରରେ ଏହାକୁ ଆପଣାଯିବ ବୋଲି କୁହାଯାଇଛି । ୟୁରୋପୀୟ ସ୍ପେସ୍ ଏଜେନ୍ସି ଦ୍ୱାରା ଚନ୍ଦ୍ର ମାଟିର ବିକଳ୍ପ ପ୍ରସ୍ତୁତ କରାଯାଇଥିବାବେଳେ ଜର୍ମାନୀରେ ଆଲେନ୍ ୟୁନିଭର୍ସିଟିର ଗବେଷକମାନେ ଉପରୋକ୍ତ ବିକଳ୍ପକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ଥିଓରିର ପରୀକ୍ଷଣ କରିଛନ୍ତି । କାର୍ବନ ଡାଇଅକ୍ସାଇଡ୍ ଲେଜରକୁ ନେଇ ସେଥିରେ ମାଟିକୁ ତରଳାଇଛନ୍ତି । ତେବେ ଚନ୍ଦ୍ରପୃଷ୍ଠରେ ଯଦି ଏହି ଥିଓରି ସଫଳ ରୂପାୟନ ହୁଏ ତେବେ ଆସନ୍ତା ୨ ବର୍ଷ ମଧ୍ୟରେ ଚନ୍ଦ୍ରରେ ଚାଲିପାରିବେ ବୋଲି ନାସା ଲକ୍ଷ୍ୟ ରଖିଛି । ଏହାବ୍ୟତୀତ ଆସନ୍ତା ଦିନରେ ଚନ୍ଦ୍ରରେ ମୋଟରୱେ ଏବଂ ଲ୍ୟାଣ୍ଡିଙ୍ଗ୍ ଟ୍ରି ନିର୍ମାଣ କରାଯିବା ନେଇ ମଧ୍ୟ ନାସାର ଯୋଜନା ରହିଛି ।



# ଗିନିଜ୍ ରେକର୍ଡରେ ଭୂତିଆ ସହର



ଆଜିର ବିଜ୍ଞାନ ଯୁଗରେ ଭୂତ ପ୍ରେତକୁ କ୍ୱଚିତ ଲୋକ ହିଁ ବିଶ୍ୱାସ କରନ୍ତି । ମାତ୍ର କିଛି ଲୋକ ଏମିତି ବି ଅଛନ୍ତି ଯେଉଁମାନେ ଭୂତ ପ୍ରେତକୁ ସମ୍ପୂର୍ଣ୍ଣ ରୂପେ ବିଶ୍ୱାସ କରିବା ସହିତ ସେମାନଙ୍କର ଉପସ୍ଥିତିକୁ ଅନୁଭବ କରିଥିବା ମଧ୍ୟ କୁହନ୍ତି । ହେଲେ ଯିଏ ଅଙ୍ଗେ ଲିଭେଇଥାଏ ସିଏ ହିଁ ଜାଣିପାରେ ଏହାର ସତ୍ୟାସତ୍ୟ ବିଷୟରେ । ମାତ୍ର ୟୁକେର ଏକ ଗାଁରେ ଭୂତ ଅଛନ୍ତି ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି । ଏହାକୁ ନେଇ ସୋସିଆଲ୍ ମିଡିଆରେ ମଧ୍ୟ ଏକାଧିକ ପୋଷ୍ଟ ସେୟାର କରାଯାଇଛି । ଇଂଲଣ୍ଡର କେଣ୍ଟରେ ଥିବା ପ୍ଲକ୍‌ଲି ନାମକ ଏକ ଗାଁକୁ ବିଶ୍ୱର ସବୁଠୁ ଭୂତିଆ ସହର ବୋଲି କୁହାଯାଏ । ଏହି ଗାଁର ୧୨ଟି ସ୍ଥାନରେ ଭୂତମାନେ ଖୁଲମ୍‌ଖୁଲା ବୁଲୁଥାଆନ୍ତି ବୋଲି ଲୋକେ କୁହନ୍ତି । ସବୁଠୁ ଅଧିକ ଭୂତ ରୁହନ୍ତି ବୋଲି ଏହି ଗାଁକୁ ମୋଷ୍ଟ ହଣ୍ଟେଡ୍ ଟ୍ୟାଗ୍ ଦିଆଯାଇଛି । ଏହିସହିତ ଗିନିଜ୍ ବିଶ୍ୱ ରେକର୍ଡରେ ବି ଏହି ଗାଁକୁ ସାମିଲ କରାଯାଇଛି । ଇତିହାସ ସୂଚାଏ ଯେ ଏଠାରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅନେକ ସୈନିକ ରହୁଥିଲେ । ତେବେ ଯୁଦ୍ଧରେ ସହିଦ ହେବା ପରେ ସେମାନେ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ଲାଗି ଭୂତ ହୋଇ ଆସି ଆଉ ଫେରିଲେ ନାହିଁ ।

# ମନୀଷଙ୍କ ଫିଲ୍ମରେ ରାଧିକା

ଫିଲ୍ମ ଇଣ୍ଡଷ୍ଟ୍ରିର ସବୁଠୁ ନାମୀଦାମୀ ଡିଜାଇନର୍ ମନୀଷ ମଲହୋତ୍ରା ଏବେ ଫିଲ୍ମମେକର୍ ରୂପେ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଛନ୍ତି । ଗତ କିଛିଦିନ ତଳେ ସେ ତାଙ୍କ ପ୍ରଡକ୍ସନ ହାଉସ୍ ଷ୍ଟେଜ୍ ୫ ସମ୍ବନ୍ଧରେ ଘୋଷଣା କରିଥିଲେ । ଏବେ ଏହି ବ୍ୟାନର ତଳେ ସେ ତାଙ୍କର ପ୍ରଥମ ଫିଲ୍ମ ବିଷୟରେ ଖୁଲାସା କରିଛନ୍ତି । ଫିଲ୍ମ ମେକର୍ ରୂପେ ତାଙ୍କ ପ୍ରଥମ ଫିଲ୍ମରେ ଷ୍ଟନିଂ ଆକ୍ଟ୍ରେସ୍ ରାଧିକା ଆପଟେଙ୍କୁ କାଷ୍ଟ କରାଯାଇଛି । ଏହି ଫିଲ୍ମର ଟାଇଟଲ୍ ଟ୍ରେନ୍ ଫ୍ରମ୍ ଛପରୌଲା ରଖାଯାଇଥିବାବେଳେ ରାଧିକା ଏଥିରେ ଲିଡ୍ ରୋଲ୍‌ରେ ନଜର ଆସିବେ । ଏନେଇ ସ୍ୱୟଂ ମନୀଷ ସୋସିଆଲ୍ ମିଡିଆରେ ସୂଚନା ଦେଇଛନ୍ତି । ଏହାବ୍ୟତୀତ ଫିଲ୍ମର କିଛି ଦୃଶ୍ୟର ଫଟୋ ମଧ୍ୟ ସେୟାର କରିଛନ୍ତି । ସେପ୍ଟେମ୍ବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇଥିବାବେଳେ ସମସ୍ତ କଳାକର ନିରନ୍ତର ଭାବେ କାମ କରିଛନ୍ତି ବୋଲି ସେ କହିଛନ୍ତି । ଯାହାଫଳରେ ଏତେ କମ୍ ସମୟ ମଧ୍ୟରେ ଫିଲ୍ମର ସମସ୍ତ ପାର୍ଟର ସୁଟିଂ ଶେଷ ହୋଇଛି । ତେଣୁ ସେ ବହୁତ ଖୁସି ଅଛନ୍ତି ବୋଲି ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ମନୀଷଙ୍କ ପ୍ରଥମ ଫିଲ୍ମର ପାର୍ଟ ହୋଇଥିବାରୁ ରାଧିକା ମଧ୍ୟ ଉତ୍ସାହିତ ଅଛନ୍ତି ।





ପବିତ୍ର ମହାଳୟା ଉପଲକ୍ଷେ ଭୁବନେଶ୍ୱର ବିନ୍ଦୁସାଗରରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ

# ଭାଉଜକୁ ଆକ୍ରମଣ: ଦିଅର ଗିରଫ

ବାରଙ୍ଗ,(ସବ୍ୟୁ) : ଭାଉଜକୁ ଆକ୍ରମଣ କରି ଦିଅର ଗିରଫ । ଏଭଳି ଘଟଣା ଚନ୍ଦକା ଅଞ୍ଚଳରେ ଦେଖିବାକୁ ମିଳିଛି । ଏକ ଜମି ବିବାଦକୁ କେନ୍ଦ୍ର କରି ଭାଉଜକୁ ଆକ୍ରମଣ କରି ଦିଅର ଶନିବାରଦିନ ଗିରଫ ହୋଇ କୋର୍ଟଚାଲଣ ହୋଇଛନ୍ତି ।ଗିରଫ ଦିଅର ମଳିପଡାର ସରୋଜ ମହାକୁଡ଼କୁ(୩୪) ବୋଲି ସୂଚନା ମିଳିଛି । ପ୍ରକାଶଯେ,ସରୋଜଙ୍କ ଘରପାଖରେ ତାଙ୍କ ଭାଉଜ ଲତାମହାକୁଡ଼ ରହୁଛନ୍ତି ।ଦିଅର ଭାଉଜଙ୍କ ମଧ୍ୟରେ ଏକ ଜମିବାଡିକୁ ନେଇ ଗତକିଛି ଦିନ ହେବ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ଉଭୟ ପରିବାର ସଦସ୍ୟ ସର୍ବଦା ପରସ୍ପର ସହ ଝଗଡା କରିଆସୁଥିଲେ । ଗତ ତା ୧୯.୦୬.୨୦୨୩ ରିଖ ସକାଳ ସମୟରେ ହଠାତ ସରୋଜ ରାଗିଯାଇ ଏକ ଲୁହାରଡରେ ଭାଉଜଙ୍କୁ ଆକ୍ରମଣ କରିଥିଲେ ।ଫଳରେ ତାଙ୍କ ଭାଉଜ ଗୁରୁତର ଆହତ ହେବା ସହ ତାଙ୍କର ଡାହାଣ ହାତର ଆଙ୍ଗୁଠି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ବୋଲି ଲତା ଚନ୍ଦକା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଥିଲେ । ଏନେଇ ପୋଲିସ ୨୦୭/୨୩କେଶନମ୍ବର ରେ ଏକ ମକଦମା ରୁଜୁକରି ମଳିପଡାର ସରୋଜ ମହାକୁଡ଼କୁ ଗିରଫ କରି ଶନିବାର ଦିନ କୋର୍ଟଚାଲଣ କରିଛି।

# ଷ୍ଟ୍ରିଟ ଲାଇଟ୍ ପ୍ରକଳ୍ପ ନିର୍ମାଣରେ ଅନିୟମିତତା,କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

କଟକ (ସବ୍ୟୁ): ବିନା ଏଷ୍ଟିମେଟ୍ ରେ ଚାଲିଛି ପ୍ରକଳ୍ପ । ଯନ୍ତ୍ରୀ ଜାଣି ନାହାଁନ୍ତି ମନ୍ତ୍ରୀ ଜାଣୁ ନାହାଁନ୍ତି ଠିକାଦାର କାମ କରିବାରେ ବ୍ୟସ୍ତ । ବିଧାୟକ ପାଣ୍ଠି ରୁ ଦିଆଯାଇଥିବା ଅର୍ଥ ତୋଷର ପାତ ହେଉଛି। ଏଭଳି କାର୍ଯ୍ୟ କୁ କିନ୍ତୁ ସହ୍ୟ



କରିପାରନାହାନ୍ତି ସ୍ଥାନୀୟ ଅଧିବାସୀ । କରିଛନ୍ତି ଜୋରଦାର ବିରୋଧ । ପ୍ରକଳ୍ପ ର ଏଷ୍ଟିମେଟ କରାଯାଇନଥିବାରୁ ଲୋକମାନେ ଷ୍ଟ୍ରିଟ୍ ଲାଇଟ ଲଗାଇଦେବେ ନାହିଁ ବୋଲି ମୂତାରିଫା ପାଞ୍ଚାୟତ ସରପଞ୍ଚ ଓ ଗ୍ରାମବାସୀ ମାନେ ଅଡ଼ି ବସିଥିଲେ । ଏପରିକି ଏହି ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାଦାର ଙ୍କ ପାଖରେ କାର୍ଯ୍ୟାଦେଶ ନ ଥିବା କି ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିବା ପଛରେ ଏକ ବଡଧରଣର ଘୋଟାଲା ସ୍ପଷ୍ଟ ବାରି ହୋଇ ପଡୁଥିବା ଗ୍ରାମବାସୀ ମାନେ ଅନୁଭବ କରି ଏପରି ନିଷ୍ପତ୍ତି ନେଇଥିବା ଜଣାପଡିଛି । କଟକ ଚାନ୍ଦବାଲି ରାସ୍ତାରେ ପଦ୍ମପୁର ଉର୍ଦ୍ଧ୍ୱ ବଜାର ଠାରୁ କାଜି ବଜାର ପର୍ଯ୍ୟନ୍ତ କୋଡ଼ିଏ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ ପାଇଁ ସାଲେପୁର ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଟଂକା ଅନୁଦାନ ପ୍ରଦାନ କରାଯାଉଛି । କିନ୍ତୁ ଏହାର ଏଷ୍ଟିମଟ ପ୍ଲାନ୍ ଆପ୍ରୁଭାଲ ହୋଇ ନଥିଲା ବେଳେ ଠିକାଦାର କେଉଁ ଆଧାରରେ କାମ କରୁଛି ବୋଲି ଗ୍ରାମବାସୀମାନେ ପ୍ରଶ୍ନ କରିଥିଲେ । ଏପରିକି ବ୍ଲକ ଯନ୍ତ୍ରୀ ମଧ୍ୟ କାର୍ଯ୍ୟ ସଂକ୍ରାନ୍ତରେ ଅବଗତ ନ ଥିବା ଏବଂ ଏ ସଂକ୍ରାନ୍ତୀୟ କାଗଜ୍ ନ ଥିବା ହାସ୍ୟାସ୍ପଦ ଘଟଣା । ତେଣୁ ଏହା ପଛରେ ଏକ ବିରାଟ ମନ୍ଦ ଉଦ୍ଦେଶ୍ୟ ରହି ଥିବା ଦର୍ଶାଇ ଗ୍ରାମାସୀମାନେ କାର୍ଯ୍ୟ ବନ୍ଦ କରିଛନ୍ତି ।

## ମା'ଶିଖରଚଣ୍ଡୀ ପୀଠର ହେବ ଉନ୍ନତିକରଣ

# ମାଟିରେ ମିଶିଲା ଅରଣ୍ୟ ମହିମା ଆଶ୍ରମ

ଭୁବନେଶ୍ୱର, (ସବ୍ୟୁ): ମା' ଶିଖରଚଣ୍ଡୀଙ୍କ ପୀଠର ଉନ୍ନତିକରଣରେ ବାଧକ ସାଜିଥିଲା ବେଆଇନ ଜବରଦଖଲ । ପ୍ରାୟ ୮୦୦ ଡିସିମିଲ ସରକାରୀ ଜମିରେ ଗଢି ଉଠିଥିଲା ଅରଣ୍ୟ ମହିମା ଆଶ୍ରମ । ସେଠାରେ କୋଠାଘର ସାଙ୍ଗକୁ ମନ୍ଦିର ବି ନିର୍ମାଣ ହୋଇଥିଲା । ଭୁବନେଶ୍ୱର ତହସିଲଦାରଙ୍କ ରିକ୍ୟୁଜିସନ କ୍ରମେ ଆଜି ବିଡିଏ ପକ୍ଷରୁ ଜୋରଦାର ଉଚ୍ଛେଦ କରାଯାଇଛି ।

ଶନିବାର ଭୋର ୬ଟା ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଶିଖରଚଣ୍ଡୀ ପାହାଡରେ ପହଞ୍ଚିଥିଲା । ଏକାଧିକ ପ୍ଲାଟୁନ ପୋଲିସ ଫୋର୍ସ, ୩ଟି ସ୍କ୍ୱାର୍ଡ, ୩ରୁ ଉର୍ଦ୍ଧ୍ୱ ଜେସିବି ସାହାଯ୍ୟରେ ମାଟିରେ ମିଶିଗଲା ଅରଣ୍ୟ ମହିମା ଆଶ୍ରମ । ଏଥିରେ ୯ଟି ଛାତଘର, ୪ଟି ଆଜବେଷ୍ଟସ୍ ଘର, ଗୋଟିଏ ଲୁହା ଗେଟ୍, ୩ଟି ଶୌଚାଳୟ ଏବଂ ଗୋଟଏ ମନ୍ଦିର ଭଙ୍ଗାଯାଇଛି । ପ୍ରାୟ ୮ଶହ ଡିସିମିଲ ଜାଗାକୁ ମୁକ୍ତ କରିଛି ବିଡିଏ । ଏହି ଉଚ୍ଛେଦ ବେଳେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ (ଓଏସ୍‌ଡି) ଦେବରାଜ ସେଠୀ, ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଏ ଲିଆସନ



ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଇନ୍‌ଫୋ ସିଟି ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ମା' ଶିଖରଚଣ୍ଡୀଙ୍କ ପୀଠର ବଦଳିବ ରୂପରେଖ । ପାର୍କିଂ ଠାରୁ ଆରମ୍ଭ କରି ପାର୍କ, ଭୋଜିଭାତ ଏବଂ ପ୍ରମୁଖ ମନ୍ଦିରର ଢାଞ୍ଚା ବଦଳିବ । ଏଥିପାଇଁ ବିଡିଏ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି । କେବଳ ମନ୍ଦିର ରୂପରେଖ ବଦଳିବନି, ପାହାଡର ଖାଲି ସ୍ଥାନରେ ଥିବା ଜାଗାରେ ବୃକ୍ଷରୋପଣ କରାଯିବ । ଆସନ୍ତା ୪ରୁ ୫ ମାସ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି ।

ରାଜସ୍ୱ ବିଭାଗର ୩୪ଏକର ଏବଂ ଇଡକୋର ୧୮ଏକର ଜମିରେ ମା' ଶିଖରଚଣ୍ଡୀ ପୀଠର ଉନ୍ନୟନମୂଳକ କାର୍ଯ୍ୟ ହେବ । ଏହାକୁ ୪ଟି ଜୋନରେ ବିଭକ୍ତ କରାଯାଇଛି । ଜୋନ୍-୧ରେ ପାର୍କିଂ ସ୍ଥଳୀ, ଗୋଷ୍ଠୀକେନ୍ଦ୍ର, ଶିଶୁମାନଙ୍କ ପାଇଁ ଖେଳ ପାର୍କ, ଅବସର ବିନୋଦନ ପାଇଁ ଭିତ୍ତିଭୂମି ବିକାଶ ହେବ । ଜୋନ-୨ରେ ଟ୍ରେକିଂ ରୁଟ୍, ପାହାଡର ଦୃଶ୍ୟ, ଜୋନ୍-୩ରେ ଭ୍ୟୁ ପଏଣ୍ଟ, ଜନ ପରିବହନ, ଇ-ବସ୍‌ର ରହଣୀ ବ୍ୟବସ୍ଥା ରହିବ । ସେହିପରି ଜୋନ୍-୪ରେ ପ୍ରମୁଖ ମନ୍ଦିରର ପୁନଃ ବିକାଶ ସହିତ ମନ୍ଦିର କାର୍ଯ୍ୟାଳୟ ଓ ଦୋକାନ ବ୍ୟବସ୍ଥା କରାଯିବ । ଏଥିପାଇଁ ୩୦କୋଟି ଟଙ୍କା ଖର୍ଚ୍ଚ କରିବ ବିଡିଏ ।

## ୮୦୦ ଡିସିମିଲ ଜମି ହେଲା ଜବରଦଖଲମୁକ୍ତ

# ୧୦ ଜୁଆଡ଼ି ଗିରଫ

ବୁଗୁଡା , (ସବ୍ୟୁ) : ସ୍ଥାନୀୟ ନେଳିଆ ବନ୍ଧ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ବୁଗୁଡା ପୋଲିସ ଚଢ଼ାଉ କରି ୧୦ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ନଗଦ ୫୬୪୦ ଟଙ୍କା ଓ ତାସ୍ କାଟା ଜବତ କରିଥିବା ଜଣାପଡିଛଇ। ଶ୍ରର୍ମିଷ୍ଠା ପ୍ରଧାନଙ୍କ ଠାରୁ ପ୍ରକାଶ ପାଇଛି ।ପ୍ରକାଶ ଯେ , ନେଳିଆ ବନ୍ଧ ନିକଟରେ ଜୁଆ ଖେଳ ଚାଲିଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଏସଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା । ସେଠାରୁ ଟଙ୍କା ଓ ତାସ୍ ଜବତ କରିବା ସହ ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିଲା ।

# କେନ୍ଦ୍ରୀୟ ବିଦ୍ୟାଳୟରେ ନାଲକୋର ସତର୍କତା ଜାଗରଣ କାର୍ଯ୍ୟକ୍ରମ





ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରର କଳିଙ୍ଗନଗର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ୫ ଠାରେ ନାଲକୋ କର୍ପୋରେଟ କାର୍ଯ୍ୟାଳୟର ଭିଜିଲାନ୍ସ ବିଭାଗ ପକ୍ଷରୁ ଛାତ୍ରୀ ଛାତ୍ର ମାନଙ୍କ ନିମନ୍ତେ ଗତକାଲି ଏକ ସତର୍କତା ଜାଗରଣ ଏବଂ ସାଧୁତା ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ, ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀ ଛାତ୍ରମାନଙ୍କୁ ଜୀବନରେ ସାଧୁତା ଅବଲମ୍ବନ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲାଛ ଏହି କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ସୋମନାଥ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦେଶର ଅଭିବୃଦ୍ଧି ଏବଂ ପ୍ରଗତିରେ ଦୁର୍ନୀତିର ଭୟାବହତା ଓ ପରିଣାମ ବିଷୟରେ ଶ୍ରୀ ହାଁସଦା ତାଙ୍କ ସମ୍ବୋଧନରେ ଉଲ୍ଲେଖ କରିଥିଲେ । ସାଧାରଣ ଜୀବନରେ ଅଖଣ୍ଡତା ଏବଂ ନୈତିକତା ଉପରେ ଗୁରୁତ୍ୱାରୋପ କରି ଦୁର୍ନୀତି ନିବାରଣର ଆବଶ୍ୟକତା ସମ୍ବନ୍ଧରେ ସେ ବିଶେଷ ଆଲୋଚନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବଳ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ ।

# ଏକ ସପ୍ତାହ ଧରି ପ୍ରିୟବ୍ରତ ନିଖୋଜ

ବେତନଟୀ , (ସବ୍ୟୁ) :ଗତ ସପ୍ତାହ ଶନିବାର ବୈଶିଙ୍ଗା ଥାନା ଅନ୍ତର୍ଗତ ପତଡା ସ୍ଥିତ ନିଜ ବଡବାପାଙ୍କ ଘରୁ ନିଜ ଘର ଅଭିମୁଖେ ବାହାରି ସାତ ଦିନ ହେଲା ନିଖୋଜ ଅଛନ୍ତି ।ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ଅମ୍ବଡିହା ଗ୍ରାମର ସ୍ୱର୍ଗତ ବିକାଶ ଚନ୍ଦ୍ର ଦେ ଙ୍କ ପୁଅ ପ୍ରିୟବ୍ରତ (୪୦)। ପ୍ରିୟବ୍ରତ ତାଙ୍କ ମାଆଙ୍କ ସହିତ ଚଳିତ ମାସ ଆରମ୍ଭରୁ ନିଜ ପତଡା ସ୍ଥିତ ବଡବାପାଙ୍କ ଘରକୁ ବୁଲିବାକୁ ଆସିଥିଲେ । ତାଙ୍କ ମାଆ ଘରକୁ ଫେରିଯାଇଥିବାବେଳେ ସେଠାରେ ପ୍ରାୟ ୧୪ଦିନ ରହିବା ପରେ ପ୍ରିୟବ୍ରତ ଗତ ୭ ତାରିଖ ଶନିବାର ଦିନ ନିଜ ସକାଳୁ ଖାଇପିଇ ସାରି ପତଡାରୁ ବାହାରି ବୈଶିଙ୍ଗା ବସଷ୍ଟାଣ୍ଡକୁ ଆସିଥିଲେ । ହେଲେ ସେଠାରୁ ସେ କୁଆଡେ ଚାଲିଯାଇଛନ୍ତି ପରିବାର ଲୋକେ ବହୁତ ଖୋଜାଖୋଜି କରିବା ସତ୍ତ୍ୱେ କୌଣସି ସନ୍ଧାନ ନପାଇବାରୁ ପ୍ରିୟବ୍ରତ ନିରୁଦ୍ଦିଷ୍ଟ ଥିବା ନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି ପ୍ରିୟବ୍ରତଙ୍କ ଭାଇ ଦେବବ୍ରତ। ବୈଶିଙ୍ଗା ପୁଲିସ ମଧ୍ୟ ବ୍ୟାପକ ତନାଘନା କରଥିଲେ ହେଁ ନିଖୋଜ ଥିବା ଯୁବକଙ୍କ କୌଣସି ପତ୍ତା ପାଉନାହିଁ ।

# ୧୨ଲକ୍ଷ ଟଙ୍କାର ବାଣ ଓ ବାରୁଦ ଜବତ : ଜଣେ ଗିରଫ

ଖୋର୍ଦ୍ଧା (ସବ୍ୟୁ): ବେଗୁନିଆ ଥାନା ଅନ୍ତର୍ଗତ କଂଟାବାଡ ଗ୍ରାମରେ ଚାଲିଥିବା ବେଆଇନ ବାଣ କାରଖାନା ଉପରେ ଚଢଉ କରି ପୁଲିସ ବିପୁଳ ପରିମାଣ ର ବାଣ ଏବଂ ବାରୁଦ ଜବତ କରିଛି । ଯାହାର ମୂଲ୍ୟ ୧୨ଲକ୍ଷ ହେବ ବୋଲି ପୁଲିସ ଆକଳନ କରିଛି । ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଜଣକ ହେଲେ ବିଶ୍ୱନାଥ ମହାପାତ୍ର ବୋଲି ଏସଡିପିଓ ଦିଲିପ କୁମାର ଦାସ ସୂଚନା ଦେଇଛନ୍ତି । କଂଟାବାଡର ବିଶ୍ୱନାଥ ମହାପାତ୍ର ଏବଂ ପ୍ରସନ୍ନ ମହାପାତ୍ରଙ୍କ ଘରେ ବେଆଇନଭାବେ ବାଣ ପ୍ରସ୍ତୁତ ଚାଲିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା । ବେଆଇନ ବାଣ ପ୍ରସ୍ତୁତି ରୋକିବା ଲାଗି ଏସପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ



ତତ୍ତ୍ୱାବଧାନରେ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଥାନା ଏସ ଆଇ ଉମାକାନ୍ତ ବେହେରା ,ଏ ଏସ ଆଇ ଜେ ପୂଜାରୀ, ହାବିଲଦାର ପି କେ ଆଚାର୍ଯ୍ୟ ,ପି କେ ବେହେରା ,ଏମ୍ ବେହେରା ଓ ବି ବଳବନ୍ତରାୟ ଙ୍କୁ ନେଇ ଗଠନ କରିଥିବା ଟିମ ଚଢ଼ାଉ କରି ପ୍ରଚୁର ପରିମାଣର ବିଭିନ୍ନ କିସମର ବାଣ ଜବତ କରିଥିଲା ।ଏହି ଘରୁ ପ୍ରାୟ ଦୁଇଟି ମିନିଟ୍ରକ ବୋଝେଇ ବାଣ ଜବତ ହେବା ସହିତ ୨୫ କେଜି ବାରୁଦ ମଧ୍ୟ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷରୁ ଉଦ୍ଧର୍ବ ହେବ ବୋଲି ପୁଲିସ ସୂଚନା ଦେଇଛି । ୩୬୪/ ୨୩ନଂ ମାମଲାରେ ପୁଲିସ ବିଶ୍ୱନାଥଙ୍କୁ ଗିରଫ କରିଥିବା ପୁଲିସ ସୂଚନା ଦେଇଛି । ଗତ ମାର୍ଚ୍ଚ ୬ତାରିଖରେ ଦୋଳ ପୂର୍ଣ୍ଣିମାର ଗୋଟିଏ ଦିନ ପୂର୍ବରୁ ଟାଙ୍ଗୀ ଥାନା ଭୂଷଣ୍ଡପୁର ଫାଣ୍ଡି ଅଧିନସ୍ଥ ଭୂଷଣ୍ଡପୁର ଚିଲିକା କୂଳ କାଳିଜାଇ ମନ୍ଦିର ନିକଟରେ ବେଆଇନ ବାଣ ପ୍ରସ୍ତୁତି ବେଳେ ଅଘଟଣ ଘଟିଥିଲା । ଏଥିରେ ୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ ହୋଇଥିଲେ ।

## ମିଶନ ଶକ୍ତିକୁ ନେଇ ଧରାପଡିଲା କେନ୍ଦ୍ରମନ୍ତ୍ରୀଙ୍କ ମିଛ : ବିଜେଡି

# ଆଦିବାସୀଙ୍କ ଘର ବାତିଲ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି

ଭୁବନେଶ୍ୱର(ସବ୍ୟୁ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଠଗଡରେ ଯେଉଁ ଅଭିଭାଷଣ ରଖିଲେ, ସେଥିରୁ ତାଙ୍କର ନିର୍ବୋଧତା ପଦାରେ ପଡିଛି । ଦୁର୍ଭାଗ୍ୟର କଥା ଶ୍ରୀ ପ୍ରଧାନ କହୁଛନ୍ତି, ମିଶନ ଶକ୍ତି ତାଙ୍କ ସରକାର ସମୟରେ ଆରମ୍ଭ ହେଲା । ଏହା ସମ୍ପୂର୍ଣ୍ଣ ମିଛ କଥା ବୋଲି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ କହିଛନ୍ତି ।

ଶ୍ରୀମତୀ ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ୨୦୦୧ ମସିହାରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଭଳି ବିଭ୍ରାନ୍ତିକର ତଥ୍ୟ ଦେଇ ଶ୍ରୀ ପ୍ରଧାନ ରାଜ୍ୟର ଲକ୍ଷଲକ୍ଷ ମିଶନ ଶକ୍ତି ମା'ମାନଙ୍କୁ ଅପମାନିତ କରିଛନ୍ତି । ଯେଉଁ ମା'ମାନେ ଗଛ ତଳେ ବସି, ମୁଠି ଚାଉଳ ଦେଇ ଏହାକୁ ଗଢିଛନ୍ତି, ତାଙ୍କ କାର୍ଯ୍ୟ ବିଷୟରେ ନଜାଣି ବକ୍ତବ୍ୟ ଦେବା ସେମାନଙ୍କ ପ୍ରତି ଅପମାନ ଓ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା ।

କେନ୍ଦ୍ରମନ୍ତ୍ରୀ ଆଠଗଡ ନିର୍ବାଚନମଣ୍ଡଳୀ ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଶୋଚନୀୟ ଅବସ୍ଥାକୁ ସୁଧାରିବାକୁ କଣ କରିଛନ୍ତି ଏବଂ ୯ ବର୍ଷର କେନ୍ଦ୍ରମନ୍ତ୍ରୀତ୍ୱ ସମୟରେ କଣ ପଦକ୍ଷେପ ନେଇଛନ୍ତି, ସେ ବିଷୟରେ ଆଠଗଡବାସୀଙ୍କୁ କହିଥିଲେ ଭଲହୋଇଥାନ୍ତା। କାରଣଖାଲି ଆଠଗଡବାସୀ ନୁହଁନ୍ତି, ଓଡିଶାବାସୀ ଜାଣିବାକୁ ଚାହୁଁଛନ୍ତି କାହିଁକି ଏନଏଚ-୫୫ ମରଣଯନ୍ତା ହେଲା ପରେ ମଧ୍ୟ ସେ ଚୁପ୍ ହୋଇ ରହିଛନ୍ତି ।

ସେହିଭଳି ଓଡିଶାର ବିଜେପି ସାଂସଦମାନେ ଷଡଯନ୍ତ୍ର କରି ଗରିବ ଆଦିବାସୀଙ୍କୁ ମିଳିବାକୁ ଥିବା ଘର ବନ୍ଦ କରି ଦେଲେ । ଆଜିର ସଭାରେ ଶ୍ରୀ ପ୍ରଧାନ ଏ ବାବଦରେ ପଦୁଟିଏ ମଧ୍ୟ ଉଲ୍ଲେଖ କଲେନାହିଁ। ସାଢେ ୪ କୋଟି ଓଡିଶାବାସୀଙ୍କ ସାମ୍ନାରେ ଏଭଳି ଅବିଚାର ନେଇ ବକ୍ତବ୍ୟ ରଖିଥିଲେ ଭଲ ହୋଇଥାନ୍ତା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଆପଣ ଦାୟିତ୍ୱ ତୁଲାଉଛନ୍ତି । ଆଠଗଡ ଗସ୍ତ ସମୟରେ ଜବାହର ନବୋଦୟ ବିଦାଳୟ ଅଥବା କେନ୍ଦ୍ରୀୟ ବିଦ୍ୟାଳୟ ନେଇ ଶିଳାନ୍ୟାସ କରିଥିଲେ ଆଠଗଡବାସୀ ଉପକୃତ ହୋଇଥାନ୍ତେ । ଶିକ୍ଷାମନ୍ତ୍ରୀ ଭାବେ ଓଡିଶାର ବିଭିନ୍ନ ସ୍ଥାନ ବୁଲୁଛନ୍ତି । କେତେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟ ପାଇଁ ଆପଣ କି ପଦକ୍ଷେପ ନେଇଛନ୍ତି? ସଭାରେ ବିଭ୍ରାନ୍ତିକର ତଥ୍ୟ ଦେବା ବଦଳରେ ଏସବୁର ହିସାବ ଦେଇଥିଲେ ଭଲ ହୋଇଥାନ୍ତା ବୋଲି ଶ୍ରୀମତୀ ସାହୁ କହିଛନ୍ତି ।

# ଜାନୁଆରୀ ୨୩କୁ ଜାତୀୟ ପତାକା ଦିବସ ଭାବେ ପାଳନ କର : ନବୀନ ଜିନ୍ଦଲ

ଭୁବନେଶ୍ୱର/କଟକ (ସବ୍ୟୁ): ଜାନୁଆରୀ ୨୩ ତାରିଖରେ ଆମେ ଜାତୀୟ ପତାକାକୁ ସମ୍ମାନର ସହ ପ୍ରଦର୍ଶନ କରିବାର ଅଧିକାର ପାଇଥିବାରୁ ଆମେ ଏହି ଦିନକୁ ଜାତୀୟ ପତାକା ଦିବସ ଭାବରେ ପାଳନ କରିବା ଉଚିତ ବୋଲି ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧକ୍ଷ ନବୀନ ଜିନ୍ଦଲ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏକ ସ୍ମାରକୀ ଜାତୀୟ ପତାକା ଉତ୍ତୋଳନ ଅବସରରେ ଆହ୍ୱାନ ଦେଇଛନ୍ତି । ଅଧିକାଂଶ ଦେଶରେ ଜାତୀୟ ପତାକା ଏବଂ ଏହାର ମୂଲ୍ୟବୋଧ ପାଳନ କରିବାକୁ ଜାତୀୟ ପତାକା ଦିବସ ରହିଛି । ଭାରତରେ ମଧ ଜାତୀୟ ପତାକା ଦିବସ ପାଳନ କରିବା ଉଚିତ ଏବଂ ୨୩ ଜାନୁଆରୀ ହେଉଛି ଏହା ପାଇଁ ଏକ ଉପଯୁକ୍ତ ଦିନ । ଜାତୀୟ ପତାକାକୁ ଗର୍ବ, ସମ୍ମାନ ଏବଂ ଗୌରବର ସହିତ ଉଡ଼ାଇବା ଏବଂ ପ୍ରଦର୍ଶନ କରିବାର ଅଧିକାର ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଦାନ କରିବାକୁ ଶ୍ରୀ ଜିନ୍ଦଲ ଏକ ଦଶନ୍ଧି ଧରି ଆଇନଗତ ସଂଗ୍ରାମ କରିଥିଲେଛ ୨୦୦୪ ମସିହା ଜାନୁଆରୀ ୨୩ ତାରିଖ ଦିନ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ସମସ୍ତ ଭାରତୀୟଙ୍କୁ ସମ୍ମାନ ସହିତ ମୁକ୍ତ ଭାବରେ ଭାରତୀୟ ପତାକା ପ୍ରଦର୍ଶନ କରିବାର ମୌଳିକ ଅଧିକାର ରହିଛି । କଟକ ମହାନଗର ନିଗମର





ମେୟର ସୁଭାଷ ସିଂ, ବିଧାୟକ (ଚୌଦ୍ୱାର-କଟକ) ସୋଭିକ ବିଶ୍ୱାଳ, କଟକ ମହାନଗର ନିଗମର କମିଶନର ନିଖିଲ ପବନ କଲ୍ୟାଣ (ଆଇଏସ), ରେଭେନ୍ସା ବିଶ୍ୱବିଦ୍ୟାଳୟର ଉପ କୁଳପତି ଡଃ ସଞ୍ଜୟ କୁମାର ନାୟକ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳ ସଚିବ ଶ୍ରୀ କାହ୍ନୁ ଚରଣ ମଲିକ (ଓଏଏସ)ଙ୍କ ସହିତ ଶ୍ରୀ ଜିନ୍ଦଲ ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ଦ୍ୱାରା ସ୍ଥାପିତ ଏକ ୧୦୮ ଫୁଟ ଉଚ୍ଚ ସ୍ମାରକୀ ଫ୍ଲାଗପୋଲରେ ୩୬ ଫୁଟ ଡ ୨୪ ଫୁଟ ତିରଙ୍ଗା ଉତ୍ତୋଳନ କରିଥିଲେ ।

ଶ୍ରୀ ଜିନ୍ଦଲ କହିଥିଲେ ଯେ, ଏହି ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ପରିସରରେ ୧୦୮ ଫୁଟ ସ୍ମାରକୀ ଜାତୀୟ ପତାକା ସ୍ଥାପନ କେବଳ ଏକ ପ୍ରତୀକ ନ ହୋଇ, ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଜାତୀୟତାର ଭାବନା ସୃଷ୍ଟି କରିବାରେ ମହାନ ଭୂମିକା ଗ୍ରହଣ କରିବ । ଶ୍ରୀ ଜିନ୍ଦଲ, ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିବା ସହିତ ବ୍ରିଟିଶ ଅମଳର ଏହି ଐତିହାସିକ ଶିକ୍ଷା ସଂସ୍ଥାକୁ ପ୍ରଶଂସା କରିବା ସହିତ ଏହାର ସଠିକ ରକ୍ଷଣା ବେକ୍ଷଣ ପାଇଁ ଓଡ଼ିଶା ସରକାର ଏବଂ ବିଶ୍ୱବିଦ୍ୟାଳୟ ପରିଚାଳନାକୁ ମଧ ପ୍ରଶଂସା କରିଥିଲେ । ରାଜନୀତି ବିଜ୍ଞାନର ପ୍ରଫେସର ଡଃ ଅସୀମା ସାହୁ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଡକ୍ଟର ଧର୍ମବ୍ରତ ମହାପାତ୍ର, ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ମହାସଚୀବ ମେଜର ଜେନେରାଲ (ଅବସରପ୍ରାପ୍ତ)ଅସୀମ କୋହଲି, ଜେଏସପିର ପ୍ରେସିଡେଣ୍ଟ ଓ ଗୃପ ହେଡ (ସିଏସଆର ଏଣ୍ଡ ଏଜୁକେଶନ) ପ୍ରଶାନ୍ତ କୁମାର ହୋତା, ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସୋଆ କୃଷି ମହାବିଦ୍ୟାଳୟରେ ଜାତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ





ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟିଅଫ୍ ଏଗ୍ରିକଲ୍ଚରାଲ ସାଇନ୍‌ସେସ ( ଆଇଏଏସ୍)ରେ ଜାତୀୟ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କୃଷି ବିଜ୍ଞାନରେ ଦକ୍ଷତା ବିକାଶର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ଗୁଣାତ୍ମକମାନକୁ ବୃଦ୍ଧି କରିଛି ବୋଲି ମତବ୍ୟକ୍ତ କରିଥିଲେ।

ସୋଆର ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ଡିଜିଏମ ଅଶୋକ କୁମାର ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସୋଆ ଆଡିସନାଲ୍ ଡିନ୍ (ରିସର୍ଚ୍ଚ) ଡଃ ପ୍ରିୟବ୍ରତ ପଟ୍ଟନାୟକ, ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ୨୪୦ ଜଣ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ଚଳିତବର୍ଷ ଏପ୍ରିଲ୍ ୨୮ରୁ ୨୯ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ଜୈବିକ ଚାଷ, ଛତୁ ଚାଷ ଓ ମହୁମାଛି ପାଳନ ସମ୍ବନ୍ଧୀୟ ଜ୍ଞାନକୌଶଳ ବିଷୟରେ ଅଧ୍ୟୟନ କରାଯାଇଥିଲା। ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଶିକ୍ଷକ ଡଃ ରାକେଶ ରୋଶନ ଶତପଥୀ, ଡଃ ବିଷ୍ଣୁପ୍ରିୟା ପାତ୍ର, ଡଃ ସ୍ୱୟଂମ୍ ସିଂହ , ଡଃ ସତ୍ୟ ନାରାୟଣ ଶତପଥୀ, ପ୍ରଫେସର ବ୍ରଜ କିଶୋର ସାହୁ, ଡଃ ଅଭିଷେକ ତ୍ରିପାଠୀ , ଡଃ ଦୀପ୍ତନୁ ଦତ, ଡଃ ରିଟନ ଚୌଧୁରୀ ଉପସ୍ଥିତ ଥିଲେ।

# ସୋଆର ଫାର୍ମାସି ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ (ଏସ୍‌ପିଏସ୍) ନୂତନ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଓରିଏଂଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୂତନ ବର୍ଷର ବି.ଫାର୍ମା ଓ ଏମ୍.ଫାର୍ମା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏସ୍‌ପିଏସ୍‌ର ଆଡିସ୍‌ନାଲ ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଫାର୍ମାସି ପାଠ୍ୟକ୍ରମରେ କ୍ୟାରିୟର ସମ୍ପର୍କିତ ବିସ୍ତୃତ ତଥ୍ୟ ଛାତ୍ରଛାତ୍ରୀଙ୍କୁ ବୁଝାଇଥିବା ବେଳେ ଡେପୁଟି ଡିନ୍ ପ୍ରଫେସର ପ୍ରତାପ କୁମାର ସାହୁ ଫାର୍ମାସି ବୃତିରେ ଆଗକୁ ଯିବା ନିମନ୍ତେ ଏହା ପ୍ରତି ସମ୍ମାନ ରଖିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଫାର୍ମାସ୍ୟୁଟିକ୍ସ ବିଭାଗର ମୁଖ୍ୟ ପ୍ରଫେସର ସୁବ୍ରତ ମଲ୍ଲିକ ଓ ଫାର୍ମାକୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଦୁର୍ଗାମାଧବ କର ମଧ୍ୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଡକ୍ଟର ଶକ୍ତିକେତନ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫେସର ଅନିନ୍ଦ୍ୟ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଯୋଜନା, ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ): ମଶାଣିରେ ଡକାୟତି ଯୋଜନା କରୁଥିବା ବେଳେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାପି ନାୟଗ (୨୭), ପ୍ରକାଶ ନାୟକ (୨୬), ମିଥୁନ ଭୋଇ (୩୪), ଅଜୟ କୁମାର ଭୋଇ(୩୫) ଓ ପ୍ରକାଶ ଚନ୍ଦ୍ର ସିଂ (୩୩) । ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ ହୋଇଛି । ଶନିବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କ ଜେଲ ହାଜତ ପଠାଇ ଦିଆଯାଇଛି ।

ଶୁକ୍ରବାର ଦିନ ଶ୍ରୀ ଲିଙ୍ଗରାଜ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ପାଟ୍ରୋଲିଂ ଟୀମ ଥାନା ପରିସରଭୁକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ମାନେ କିଛି ମାରଣାସ୍ତ୍ର ସହିତ ସାମନ୍ତରାପୁର ବଡୁସାହି ମଶାଣି ପଡିଆରେ ଏକତ୍ରିତ ହୋଇ ଡକାୟତି କରିବା ପାଇଁ ଯୋଜନା କରୁଥିବାର ବିଶେସ ସୂତ୍ରରୁ ସୂଚନା ହସ୍ତଗତ ହୋଇଥିଲା । ସୂଚନା ଆଧାରେ ପାଟ୍ରୋଲିଂ ଟିମ ଅତି ସତର୍କତାର ସହ ଘଟଣା ସ୍ଥଳକୁ ଯାଇଥିଲା ଏବଂ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତ ମାନଙ୍କ ତଲାସି ବେଳେ ସେମାନଙ୍କ ହେପାଜତରୁ ଗୋଟିଏ ଖଣ୍ଡା, ଗୋଟିଏ ପରିକଳ୍ପିତ କାଠ ବାଡ଼ି, ୪ଟି କିଙ୍ଗଫିସରର ଖାଲି ବିୟର ବୋତଲ, ୨ଟି ରୁଚି କମ୍ପାନୀ ଚିଲି ପାଉଡରର ଏବଂ ୫ଟି ପାଉଚ୍ ଗ୍ଲାସ ଜବତ କରାଯାଇଥିଲା । ପଚରା ଉଚରା ବେଳେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିବା ସହ ସାମନ୍ତରାପୁର ଅଞ୍ଚଳରେ ଡକାୟତି ଯୋଜନା କରିବା ପାଇଁ ଘଟଣା ସ୍ଥଳରେ ଏକତ୍ରିତ ହୋଇଥିବା ଦର୍ଶାଇଥିଲେ ।

# ୟୁକୋ ବ୍ୟାଙ୍କ ପକ୍ଷରୁ ବିତ୍ତୀୟ ଯୋଜନା ଏବଂ ବ୍ୟାଙ୍କିଙ୍ଗ୍ ଉତ୍ପାଦ ସମ୍ବନ୍ଧୀୟ ଶିବିର




ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରାୟନ୍ତ ୟୁକୋ ବ୍ୟାଙ୍କ ପକ୍ଷରୁ ବିନୀୟ ଯୋଜନା ଏବଂ ବିଭିନ୍ନ ପ୍ରକାରର ବ୍ୟାଙ୍କିଙ୍ଗ୍ ଉତ୍ପାଦ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ବିର୍ଲ୍ଲା ଗ୍ଲୋବାଲ ୟୁନିଭର୍ସିଟିଠାରେ ଏକ ଶିବିରର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟାଫ୍, ଆଡମିନ୍ ଅଧିକାରୀ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଏହାକୁ ସଫଳ କରାଇଥିଲେ। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଗୌତମ ପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ସହ ଏଥିରେ ବିଜିୟୁ କୁଳପତି ପ୍ରଫେସର ପି.ପି. ମାଥୁର ଏବଂ ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ଉପସ୍ଥିତ ଥିଲେ । ଏହି ଅବସରରେ ଭାରତ ସରକାରଙ୍କ ବିଭିନ୍ନ ବିନୀୟ ଉତ୍ପାଦ ଗୁଡିକ ଯେପରି : ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନା, ଅଟଳ ପେନ୍‌ସନ୍ ଯୋଜନା ଏବଂ ଜାତୀୟ ପେନ୍‌ସନ୍ ସ୍କିମ୍ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆକର୍ଷଣୀୟ ସୁଧହାର ସହିତ ପ୍ରଦାନ କରାଯାଉଥିବା ଗୃହ ଋଣ ଏବଂ କାର ଋଣ ଉପରେ ଲୋକମାନେ ଆଗ୍ରହ ପ୍ରକାଶ କରିଥିଲେ। ବିଲ୍ଡର, କାର ଡିଲର ଏବଂ ଇନ୍‌ସୁରାନ୍ସ ପାର୍ଟନରମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟି ସଫଳ ହୋଇଥିବା ସହ ବର୍ତ୍ତମାନର ଗ୍ରାହକମାନଙ୍କ ସହ ଯୋଡି ହୋଇ ରହିବା ପାଇଁ ୟୁକୋ ବ୍ୟାଙ୍କର ଏହା ଏକ ଉତ୍ତମ ପ୍ରୟାସ ଥିଲା।

# ନିଶାଦିଆ ଲୁଟେରା ଗ୍ୟାଙ୍ଗର ୪ ଗିରଫ, ନିଶା ବଟିକା, ବାଇକ୍ ଜବତ

ଭୁବନେଶ୍ୱର, (ସବ୍ୟୁ): ରେଳ ଯାତ୍ରୀଙ୍କୁ ନିଶାଦେଇ ଲୁଟିଥିବା ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିଛି ଖାରବେଳନଗର ପୋଲିସ । ସେମାନେ ହେଲେ ମୁସ୍କାନ ଓରଫ ସରିଫା ଖାତୁନ (୨୨), ସୁଶାନ୍ତ ରାଉତ (୨୪), ପୂର୍ଣ୍ଣଚନ୍ଦ୍ର ସେଠୀ (୩୩) ଓ ନଣ୍ଡା ଓରଫ ଅଶୋକ ବେହେରା (୩୩) । ଏମାନେ ପେଶାଦାର ଲୁଟେରା ଗ୍ୟାଙ୍ଗର ସଦସ୍ୟ ବୋଲି ପୋଲିସ କହିଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ୨ଟି ବାଇକ୍, ନିଶା ଔଷଧ, ଛୁରୀ ଓ କେକ୍ ଇତ୍ୟାଦି ଜବତ ହୋଇଛି । ୪ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କ ଜେଲ ହାଜତ ପଠାଇ ଦିଆଯାଇଛି ।

ଖାରବେଳନଗର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ୱତନ୍ତ୍ର ପୁଲିସ ଟିମ ମାଷ୍ଟର କ୍ୟାଣ୍ଟିନ ସ୍ଥିତ ରିଲାୟ୍ୟାନ୍ସ ମାର୍ଟ ନିକଟରେ ଏକ ପରିତ୍ୟକ୍ତ ଅଞ୍ଚଳରେ ଚଢଉ କରିବା ସହ ଅଭିଯୁକ୍ତ ମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ସେହି ସମୟରେ ଜଣେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ । ଗିରଫ ଅଭିଯୁକ୍ତ ମାନଙ୍କ ତଲାସି ବେଳେ ସେମାନଙ୍କ ହେପାଜତରୁ ୪ଟି ସ୍ଟ୍ରିପ ଲୋରାଜେପମ୍ ଟାବଲେଟ୍, ଗୋଟିଏ ଛୁରୀ, କୋଲ୍ଡ ଡ୍ରିଂକ୍ସ ବଟଲ, ୪ ଟି ପକେଟ କେକ୍, ଏବଂ ୨ଟି ମୋଟରସାଇକେଲ ଜବତ କରାଯାଇଥିଲା । ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ମାନେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ମାନଙ୍କୁ ବିଭିନ୍ନ ବାହାନାରେ ପ୍ରଲୋଭିତ କରାଇ ସେମାନଙ୍କ ଥଣ୍ଡା ପାନୀୟ, ଚା କିମ୍ବା ପାଉଁରୁଟିରେ ଷ୍ଟୁଫିଫିଙ୍ଗ୍ ପଦାର୍ଥ ବା ନିଶା ଦ୍ରବ୍ୟ ମିଶ୍ରଣ କରୁଥିଲେ ଏବଂ ଯାତ୍ରୀ ମାନେ ନିଶାର କବଳିତ ହେବା ପରେ ତାଙ୍କର ମୁଲ୍ୟବାନ ସାମଗ୍ରୀ ସର୍ବସ୍ୱ ଲୁଟି ନେଉଥିଲେ । ପଚରା ଉଚରା ସମୟରେ ଅଭିଯୁକ୍ତ ମାନେ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତ ମାନଙ୍କର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ ବେଳେ ଅଭିଯୁକ୍ତମାନେ ପେଷାଦାର ଅପରାଧୀ ଜାଣିବାକୁ ପାଇଥିଲେ । ଅଭିଯୁକ୍ତ ଲଣ୍ଡାଙ୍କ ସମ୍ପୃକ୍ତି ଯାଞ୍ଚ ବେଳେ ତାଙ୍କ ନାମରେ ପୂର୍ବରୁ ୧୨ ଟି ଅପରାଧିକ ମାମଲା, ଅଭିଯୁକ୍ତ ପୂର୍ଣର ସମ୍ପୃକ୍ତି ଯାଞ୍ଚ ବେଳେ ତାଙ୍କ ନାମରେ ୭ଟି ଅପରାଧିକ ମାମଲା, ଅଭିଯୁକ୍ତ ସୁଶାନ୍ତଙ୍କ ଯାଞ୍ଚ ବେଳେ ତାଙ୍କ ନାମରେ ୧୦ ଟି ଅପରାଧିକ ମାମଲା ଏବଂ ଏହି ମାମଲାର ମୁଖ୍ୟ ଅଭିଯୁକ୍ତା ମୁସ୍କାନ୍‌ଙ୍କ ଅପରାଧିକ ସମ୍ପୃକ୍ତି ଯାଞ୍ଚ ବେଳେ ତାଙ୍କ ନାମରେ ପୂର୍ବରୁ ୮ ଟି ଅପରାଧିକ ମାମଲା ରୁଜୁ ହୋଇସାରିଛି ।

# ବାଡ଼ି ରେ କଦଳୀ ଗଛ ଥିଲେ ଚୋର ନୁହେଁ ହାତୀ କୁ ସାବଧାନ

ଖୋର୍ଦ୍ଧା (ସବ୍ୟୁ) : ବାଡ଼ି ରେ କଦଳୀ ଗଛ କି ଆଉ କିଛି ଫଳ ଗଛ ଥିଲେ, ସାବଧାନ। ରାତିରେ ଚୋର ନୁହେଁ ହାତୀ ମାଡିବେ। ଦୁଇଟି ଦନ୍ତା ହାତୀ ବାଡ଼ି ରେ ପଶି କଦଳୀ ଗଛ ଉପାଡ଼ି ଖାଉଥିବା ର ଦୃଶ୍ୟ ସିସିଟିଭି ରେ କଏଦ୍ ହୋଇଛି । ୫୭ନଂ ଜାତୀୟ ରାଜପଥ ର ଖୋର୍ଦ୍ଧା ନୟାଗଡ଼ ରାସ୍ତା ମେଡିକାଲ୍ ପାଖ ଏକ ଘର ବାଡ଼ି ରେ । କଦଳୀ ଗଛ କିଏ ନେଲା ବୋଲି ଖୋଜୁ ଖୋଜୁ ସିସିଟିଭି ରେ ହାତୀ ଉପାଡି ନଷ୍ଟ କରିଥିବା ଦେଖାଯାଉଛି ।

ଏଇ ଦୃଶ୍ୟ ମୋବାଇଲ ରେ ଘୁରି ବୁଲୁଥିବା ବେଳେ ଲୋକମାନେ ଆଶଙ୍କା ରେ ରହୁଛନ୍ତି। ହାତୀ ଦୁଇଟି ଜାତୀୟ ରାଜପଥ ଅତିକ୍ରମ କରି ତରତୁଆ, କୁମାରବସ୍ତ ଅଂଚଳ ରେ ରହୁଛନ୍ତି। ରାତିରେ ବାଡ଼ି ବଗିଚାରେ ପଶି ବ୍ୟାପକ ଫଳ, ପନିପରିବା ନଷ୍ଟ କରୁଛନ୍ତି । ବନ ବିଭାଗ ହାତୀ ଘଉଡାଇବା ପରିବର୍ତ୍ତେ କ୍ଷତି ପୂରଣ ମିଳିବ କହି କର୍ତବ୍ୟ ରେ ଅବହେଳା କରି ଚାଲିଛନ୍ତି। ଆଗକୁ ଚାଷ ଜମି ରେ ପସି ହାତୀ ଧାନ ଫସଲ କ୍ଷୟକ୍ଷତି କରିବାର ଆଶଙ୍କା ଥିବାରୁ ଚାଷୀମାନେ ଏବେ ଆଶଙ୍କାରେ ରହିଛନ୍ତି ।

## ସିବିଏସଇ କ୍ଲଷ୍ଟର-୨ ବାସ୍କେଟ ବଲ ଚମ୍ପିୟାନସିପ ଉଦଯାପିତ

# ବାଳକରେ ଯୁଗାନ୍ତର ପବ୍ଲିକ ସ୍କୁଲ, ବାଳିକାରେ ଡି ପି ଏସ, ରାଜନନ୍ଦଗାଁ ଛତିଶଗଡ଼ ଚମ୍ପିୟାନ

କଟକ (ସବ୍ୟୁ): ଜିତିବାର ଗୌରବ ସମସ୍ତଙ୍କ ମନରେ ଆଣିଛି ଅପାର ଆନନ୍ଦଛ ଯେଉଁ ମାନେ ହାରିଲେ ସେମାନେ ଆଗାମୀ ଦିନରେ ନିଶ୍ଚିତ ଜିତିବେ । ଏଠାକୁ ଆସିଥିବା ପ୍ରତ୍ୟେକ ଖେଳାଳୀ ଏକ ଖେଳୁଆଡ ମନୋବୃତ୍ତି ସହ ଆସି ଯେଉଁ ଭାତୃତ୍ୱର ନିଦର୍ଶନ ଛାଡ଼ିଦେଇଗଲେ ତାହା ସ୍ମୃତିରେ ରହିଗଲା । ତେବେ ଖେଳିବା ବଡ଼ କଥା ନୁହେଁ ଖେଳର ଆୟୋଜନ କରିଥିବା ଆୟୋଜକ ଦଳ ହିଁ ଏହାର ସବୁ ଶ୍ରେୟ ପାଇବା ଉଚି୍ତ ବୋଲି ତିନିଦିନ ଧରି ଚାଲି ଥିବା ବାସ୍କେଟ ବଲ ମ୍ୟାଚରେ ଉଦଜାପାନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନି ଓ ମେୟର ସୁବାସ ସିଂହ ଉପସ୍ଥିତ ଖେଳାଳୀ ମାନଙ୍କୁ କହିଛନ୍ତି । ଓଡ଼ିଶା ରେ ପ୍ରଥମକରି ଏଭଳି ଏକ ମେଗା ବସ୍କେଟ ବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ସିନିୟର୍ ସେକେଣ୍ଡାରୀ ସିବିଏସଇ ବାରବାଟୀ କୁ ଯେତେ ପ୍ରଶଂସା କଲେ ବି କମ୍ ପଡ଼ିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଶେଷ ଦିନରେ ଅନୁଷ୍ଠିତ କ୍ୱାର୍ଟର, ସେମି ଓ ଫାଇନାଲ ମ୍ୟାଚ ବେଶ୍ ପ୍ରତିଯୋଗୀତା ମୂଳକ ହୋଇଥଲା ବେଳେ ଅତିଥି ମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥଲେ। ଅନୁଷ୍ଠିତ ସିବିଏସଇ କ୍ଲଷ୍ଟର୍ ୨ ବାସ୍କେଟ ବଲ ପ୍ରତିଯୋଗୀତା ସେମିଫାନାଲର ମ୍ୟାଚର ବାଳକ ବିଭାଗରେ ଯୁଗାନ୍ତର ପବ୍ଲିକ ସ୍କୁଲ, ରାଜନନ୍ଦଗାଁଓ ବନାମ କିଟସ୍ ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର ଏବଂ ଓଡିଏମ୍ ପବ୍ଲିକ୍ ସ୍କୁଲ ,ଭୁବନେଶ୍ୱର ବନାମ ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର୍ ମଧ୍ୟରେ ଅନୁଷ୍ଠିତ ହୋଇଥଲାଛ ଯୁଗାନ୍ତାରୀ ପବ୍ଲିକ ସ୍କୁଲ ରାଜନନ୍ଦଗାଓଁ ୬୩-୨୫ ପଏଣ୍ଟ ବ୍ୟବଧାନରେ କିଟସ୍ ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର କୁ ପରାସ୍ତ କରି ଫାଇନାଲ ରେ ପ୍ରବେଶ କରିଥିଲା । ସେହିପରି ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର ଓଡ଼ିଏମ୍ ସ୍କୁଲ ଭୁବନେଶ୍ୱର କୁ ୨୭-୧୪ ପଏଣ୍ଟ ବ୍ୟବଧାନ ରେ ପରାସ୍ତ କରି ଫାଇନାଲ କୁ ଉନ୍ନୀତ ହୋଇଥିଲେ। ଫାଇନାଲ ରେ ମଦରସ ପବ୍ଲିକ ସ୍କୁଲ ଭୁବନେଶ୍ୱର କୁ ୫୫-୨୧ ପଏଣ୍ଟ ବ୍ୟବଧାନରେ ରେ ପରାସ୍ତ କରି ଯୁଗାନ୍ତର ପବ୍ଲିକ ସ୍କୁଲ ବାଳକ ବିଭାଗରେ ଚମ୍ପିୟାନ ହୋଇପାରିଥିଲା । ସେହିପରି ବାଳିକା ବିଭାଗର ସେମିଫାଇନାଲ ମ୍ୟାଚ ଡି ପି ଏସ ,ରାଜନନ୍ଦଗାଁ ବନାମ ମହାଦେବୀ ର୍ବିଲା ଏକାଡେମୀ, କଲିକତା ଏବଂ ସାଇ ଇଣ୍ଟର ନ୍ୟାସନାଲ ସ୍କଲ, ଭୁବନେଶ୍ୱର ବନାମ ଯୁଗାନ୍ତର ପବ୍ଲିକ ସ୍କୁଲ ରାଜନନ୍ଦଗାଁଓ ମଧ୍ୟରେ ଅନୁଷ୍ଠିତ ହୋଇଥିଲାଛ ଜୁଗାନ୍ତର ପବ୍ଲିକ ସ୍କୁଲ ରାଜନନ୍ଦଗାଁଓ୧୦-୨ପଏଣ୍ଟ ବ୍ୟବଧାନରେ ମହାଦେବୀ ର୍ବିଲା ୱାର୍ଲ୍ଡ ଏକାଡେମୀ, କଲିକତା କୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା । ସେହିପରି ସାଇ ଇର୍ଣ୍ଟର୍ନେସନାଲ ପବ୍ଲିକ ସ୍କୁଲ , ଭୁବନେଶ୍ୱର କୁ ଯୁଗାନ୍ତର ପବ୍ଲିକ ସ୍କୁଲ, ରାଜନନ୍ଦଗାଁଓ ହରାଇ ଫାଇନାଲରେ ପ୍ରବେଶ କରିଥିଲାଛ ଅନୁଷ୍ଠିତ ବାଳିକା ବିଭାଗ ଫାଇନଲ ମ୍ୟାଚ ରେ ଡି ପି ଏସ ରାଜନନ୍ଦଗାଁଓ ୨୩-୧୭ ପଏଣ୍ଟ ବ୍ୟବଧାନରେ ଯୁଗାନ୍ତର ପବଲିକ୍ ସ୍କୁଲ, ଛତିଶଗଡ଼ କୁ ହାରାଇ ବିଜୟ ମୁକୁଟ ପିନ୍ଧିଥିଲା । ଏହି ତ୍ରିରାଜୀୟ ତିନିଦିନିଆ ବାସ୍କେଟ ବଲ କ୍ଲଷ୍ଟର -୨ ପ୍ରତିଯୋଗୀତା ରେ ପଶ୍ଚିମବଙ୍ଗ, ଛତିଶଗଡ଼, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୦୦ଟି ସ୍କୁଲର ୧୫୦୦ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେଛ ବାରବାଟୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷଙ୍କ ପ୍ରିୟଦର୍ଶୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ମେଗା ଇଭେଣ୍ଟ ରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ତାଇକୋଣ୍ଡୋ ଖେଳାଳୀ ଲାଲା ର୍ନିବିକାର ରାୟ, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ଼କ୍ଟର ପ୍ରଭୂଚରଣ ମହାନ୍ତି ,କର୍ପୋରେଟ ମୁଖ୍ୟ ସମ୍ୟକ୍ ମହାନ୍ତି , ପରିଚାଳନା ସଦସ୍ୟ ଦିବ୍ୟଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେଛ ବିଜୟୀ ଦଳ ଜାତୀୟ ମ୍ୟାଚ ପାଇଁ ମନୋନୀତ ହୋଇଥବା ଜଣାପଡିଛି ।




# ୧୧-କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଚାଷୀ ମୃତ

ଗୋପ, (ସବ୍ୟୁ) : ଶନିବାର ସକାଳ ୯ ଟା ସମୟରେ ୧୧-କେଭି ବିଦୁତ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀ ମୃତ୍ୟୁ ଘଟିଛି।ଗୋପ ଥାନ ଅନ୍ତର୍ଗତ ଇଟାକୁଦଗାଁ ନିକଟ ଧନୁଆ ନଦୀ ବନ୍ଧ ଗଡାରେ ଏକ ବାଲି ବୋଝେଇ ଟ୍ରକ ବାଲି ଟ୍ରକଟି ୧୧କେଭି ତାର ସଂସ୍ପର୍ଶରେ ଲାଗି ଯାଇଥିଲା। ତେବେ ଟ୍ରକ ଚାଳକ ଉପସ୍ଥିତ ବୁଦ୍ଧି ଯୋଗୁଁ ଗାଡିରୁ ଡେଇଁ ପଡ଼ିଥିଲେ।ଚାଳକ ଏକ ନିଶ୍ଚିନ୍ତ ମୃତ୍ୟୁ ମୁଖରୁ ବର୍ତିଯାଇଥିଲେ।ତେବେ ସେହି ରାସ୍ତାଦେଇ ଓରୁଆଳି ଗ୍ରାମର ଚାଷୀ ବିପ୍ରବର ପ୍ରଧାନ( ବ)୫୧ ନିଜ ଚାଷ ଜମିକୁ ସାର ନେଇ ଯାଉଥିବା ବେଳେ ବାଲି ବୋଝେଇ ଟ୍ରକରେ ଲାଗି ଲଟକି ଯାଇଥିଲେ।ତେବେ ସ୍ଥାନୀୟ ଲୋକମାନେ ଚାଷୀ ବିପ୍ରବରଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।ଖବର ପାଇ ଗୋପ ପୋଲିସ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତ ଦେହ ଜବତ କରିବା ସହ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା କେସ,୩୪/୨୦୨୩ ରେ ମାମଲା ରୁଜ୍ଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଟ୍ରକକୁ ଅଟକ ରଖି ତଦନ୍ତ କରୁଥିବା ଗୋପ ଥାନା ଏ ଏସ ଆଇ ଜହୁରୁ ଖାନ କହିଛନ୍ତି। ମୃତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ନିମାପଡାର ଯୁବ ସମାଜସେବୀ ଜିତେନ୍ଦ୍ର ମହାନ୍ତିଦାବି କରିଛନ୍ତି ।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ପ୍ରବନ୍ଧକ

ଭୁବନେଶ୍ୱର (ସବ୍ୟୁ): ୟୁକୋ ବ୍ୟାଙ୍କ, ବାଲେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ପ୍ରବନ୍ଧକ ଭାବେ ସହାୟକ ମହାପ୍ରବନ୍ଧକ ସୁଦିପ ଡାକୁଆ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ୟୁକୋ ବ୍ୟାଙ୍କ ବାଲେଶ୍ୱର ମୁଖ୍ୟ ଶାଖାର ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରିବା ସହିତ ଜିଲ୍ଲାର ଅଗ୍ରଣୀ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ୧୧ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଶ୍ରୀ ଡାକୁଆ ଉତ୍ତମ ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିବା ସହିତ ଏହି ଅଞ୍ଚଳ ଅଧିନରେ ଥିବା ୮୨ ଟି ଶାଖାରେ ଖୁଚୁରା, ଏମ୍‌ଏସ୍‌ଏମ୍‌ଇ ଓ କୃଷି କ୍ଷେତ୍ରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିବେ । ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶାଖା ଗ୍ରାମାଞ୍ଚଳରେ ଅବସ୍ଥିତ ଏବଂ କୃଷି କ୍ଷେତ୍ରରେ ଋଣ ଅଭିବୃଦ୍ଧି ପାଇଁ ଏସ୍‌ଏଚ୍‌ଜି ସହିତ ଋଣ ସଂଯୋଗୀକରଣ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ ପ୍ରକାଶ କରଛନ୍ତି। ଡିଜିଟାଲ ଲେଣ୍ଡିଂ, ଏଟିଏମ୍ ସେବା ଏବଂ ମୋବାଇଲ ପ୍ଲାଟଫର୍ମ ପରି ଡିଜିଟାଲ ଉତ୍ପାଦର ଲୋକପ୍ରିୟତା ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ। ବ୍ୟାଙ୍କ ମଧ୍ୟ ଆଗାମୀ ଦିନରେ ନୂତନ ଶାଖା ଓ ଡିଜିଟାଲ ୟୁନିଟ୍ ଖୋଲିବାକୁ ଯୋଜନା କରଅଛି ବୋଲି ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି ।



# କେୟାର ହସ୍ପିଟାଲରେ ବିଶ୍ୱ ମେରୁଦଣ୍ଡ ଦିବସ




ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ମେରୁଦେଣ୍ଡ ଦିବସରେ ଚଳିତ ବର୍ଷର ସ୍ଲୋଗାନ୍ ରହିଛି 'Move Your Spine' । ଲୋକଙ୍କୁ ବିଭିନ୍ନ ପ୍ରକାର ମେରୁଦଣ୍ଡ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ମେରୁଦଣ୍ଡ ଦିବସ ଭାବରେ ପାଳନ କରାଯାଏଛ ଉନ୍ନତ ମାନର ଚିକିତ୍ସା ପାଇଁ ଓଡ଼ିଶାରେ ଘରେ ଘରେ ପରିଚିତ କେୟାର ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଭିନ୍ନ ରୁପରେ ମେରୁଦଣ୍ଡ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ୧୦୦ରୁ ଅଧିକ ସାଧାରଣ ବ୍ୟକ୍ତି, କେୟାର ହସ୍ପିଟାଲର ଡାକ୍ତର ଓ ନର୍ସ ମାନେ ଯୋଗ କରି ମେରୁଦଣ୍ଡ ପାଳନ କରାଯାଇଥିଲା । ମେରୁଦଣ୍ଡ ରୋଗର କାରଣ ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସ୍ନାୟୁଶଲ୍ୟ ଡାକ୍ତର ଆତ୍ମରଞ୍ଜନ ଦାଶ, ଡାକ୍ତର ସୁଶାନ୍ତ ଦାସ , ଡାକ୍ତର ଦୀପକ ପରିଡ଼ା, ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଶୁଭ୍ରାଂଶୁ ଶେଖର ଜେନା, ଡାକ୍ତର ମିତାଲି କର ପ୍ରଭୁତି ଉପସ୍ଥିତ ଥିଲେ । ଡାକ୍ତର ମାନେ ଆମେ କିଭଳି ନିଜର ମେରୁଦଣ୍ଡ ଯତ୍ନ ନେବା ସେ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେଛ ଏହି କାର୍ଯ୍ୟକ୍ରମରେ କେୟାର ଭୁବନେଶ୍ୱର ଶାଖା ଏଚ୍ଚିଓଓ କ୍ରିଶଲେୟ ଆନନ୍ଦ, ହସ୍ପିଟାଲରେ କରାଯାଉଥିବା ଅତ୍ୟାଧୁନିକ ସର୍ଜରୀ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏଭିପି ଡ. ଲୋକନାଥ ଦାଶ , ବିଜୁ ସ୍ୱାସ୍ଥ୍ୟ କାର୍ଡ ଉପକାରୀତା ସମ୍ପର୍କରେ କହିଥିଲେ।

## ଆଠଗଡ଼ରେ 'ସଂକଳ୍ପ ସମାବେଶ'

# ପିଏମ୍ ଆବାସ ଦିନକୁ ୯ ହଜାର ନିର୍ମାଣ ହେବାକୁ ଥିଲାବେଳେ ମାତ୍ର ୩୨ଟି ଘର ହେଉଛି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସରକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା ପ୍ରାୟ ସାଢେ ୨୭ ଲକ୍ଷ ଘର ନିର୍ମାଣ କରିବା ପାଇଁ ମୋଦି ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ଦିଆଯାଇଥିବା ବେଳେ ଏବେ ସୁଦ୍ଧା ରାଜ୍ୟରେ ୧୭ ଲକ୍ଷ ୫୬ ହଜାର ୭୧୪ ଘର ନିର୍ମାଣ ହୋଇପାରିଛି । ନିର୍ଦ୍ଧାରିତ ସମୟରେ ବଳକା ୯ ଲକ୍ଷ ୮୨ ହଜାର ୭୧୩ ଘର ନିର୍ମାଣ କରିବା ପାଇଁ ହେଲେ ଓଡ଼ିଶା ସରକାରଙ୍କୁ ଦିନକୁ ପ୍ରାୟ ୯ ହଜାର ଘର ନିର୍ମାଣ କରିବା ପାଇଁ ଆବଶ୍ୟକ ଥିବା ବେଳେ ଦିନକୁ ମାତ୍ର ୩୨ଟି ଘର ନିର୍ମାଣ କରୁଛନ୍ତି, ଯାହା ଅପାରଗ ଓଡ଼ିଶା ସରକାରଙ୍କ ପାରିବାପଣିଆକୁ ଦର୍ଶାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଠଗଡ଼ ମହୋତ୍ସବ ପଡିଆରେ ଆୟୋଜିତ 'ସଂକଳ୍ପ ସମାବେଶ'ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଗତ ୯ ବର୍ଷରେ ଓଡ଼ିଶାକୁ ଆବାସ ଯୋଜନାରେ ପାଖାପାଖି ୩୨ ଲକ୍ଷରୁ ଉର୍ଦ୍ଧ୍ୱ ଘର ପ୍ରଦାନ କରିଛନ୍ତି । ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ସାଢେ ୨୭ ଲକ୍ଷ ଏବଂ ୨୦୧୪ ରୁ ୨୦୧୬ ମଧ୍ୟରେ ଆବାସ ଯୋଜନାରେ ସାଢେ ୪ ଲକ୍ଷ ଘର ଦେଇଛନ୍ତି । ସେ କହିଛନ୍ତି ଯେ ମୋଦି ସରକାର ଆସିବା ପରେ ୨୦୧୧ ସାମାଜିକ ଅର୍ଥନୈତିକ ଜାତିଗତ ଜନଗଣନା ଭିତ୍ତିରେ ଓଡ଼ିଶା ପାଇଁ ୪୧.୭୨ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ କରିବା ପାଇଁ ଚୟନ କରିଥିଲେ । ମାତ୍ର ରାଜ୍ୟ ସରକାର ଏହି ୪୧.୭୨ ଲକ୍ଷ ତାଲିକାରୁ ୧୪ ଲକ୍ଷ ୮ ହଜାର ୫୭୪ ହିତାଧିକାରୀଙ୍କୁ ହଟାଇ ଦେଇ ୨୭ ଲକ୍ଷ ୬୪ ହଜାର ୧୪୬ ହିତାଧିକାରୀ ଚୟନ କରିଥିଲେ ।

ସେହିପରି ଆଠଗଡରେ ପ୍ରଧାନମନ୍ତ୍ରୀ ଆବାସରେ ହୋଇଥିବା ଦୁର୍ନୀତିର ଉଦାହରଣ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ମଞ୍ଜେଶ୍ୱର ପଞ୍ଚାୟତ ଲିଙ୍ଗପଡା ଗାଁର କମଳା ସାହୁ ୨୦୧୪ରୁ ଆଖି ବୁଜିଲେଣି । ମାତ୍ର ତାଙ୍କୁ ୨୦୧୬ରେ ଆବାସରେ ଘର ମିଳିଥିଲା । କୁମାରପୁର ଗାଁର ଟୁନା ମଲିକ ନାଁରେ ଆବାସ ଘର ମିଳିବା ପରେ ତାଙ୍କ ପାଇ ଆସିଥିବା ୧ ଲକ୍ଷ ୨୦,୦୦୦ ଟଙ୍କା କେହି ଉଠାଇ ନେଇଥିବାର ଅଭିଯୋଗ ହୋଇଥିଲା । ଖୁଣ୍ଟାକଟା ଗ୍ରାମର ଶ୍ରୀମତୀ ପଞ୍ଚେଇ ଦେଇ ୨୦୧୯ରେ ସ୍ୱର୍ଗବାସ ହେବା ପରେ ତାଙ୍କ ନାଁରେ ୨୦୨୩ ରେ ଆବାସ ଘର ଆସିଛି । ଏପରିକି ଜମି ନଥିବା, ବ୍ୟାଙ୍କ ଆକାଉଣ୍ଟ ନଥିବା ହିତାଧିକାରୀଙ୍କୁ ମଧ୍ୟ ୱାର୍କ ଅର୍ଡର ମିଳିଛି, ଯାହା ଦୁର୍ନୀତିକୁ ଦର୍ଶାଉଛି । ବିକାଶ ପରିବର୍ତ୍ତେ ମୋଦି ଦେଉଥା ଅର୍ଥ ବିଜେଡି ନେତାଙ୍କ ପକେଟ ଗରମ କରୁଛି । ଏହା ଓଡ଼ିଆ ଲୋକଙ୍କ ବିରୁଦ୍ଧରେ ଷଡଯନ୍ତ୍ର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ରତ୍ନଗର୍ଭା ଆଠଗଡ଼ ମାଟି 'କୁଜିବରପତ୍ର'ର ପ୍ରତିଷ୍ଠାତା ସାଧୁ ସୁନ୍ଦର ଦାସଙ୍କ ମାଟି, ପଦ୍ମଭୂଷଣ ଡକ୍ଟର ରାଧାନାଧ ରଥଙ୍କ ଜନ୍ମଭୂମି ଓ ଜନନାୟକ ପବିତ୍ର ମୋହନ ପ୍ରଧାନଙ୍କ କର୍ମଭୂମି । ଏହି ମାଟି ଯୁବ ବୈଜ୍ଞାନିକ ଇନ୍ଦ୍ରଜିତ ସାହୁଙ୍କ ପରି ସୁପୁତ୍ରଙ୍କୁ ଜନ୍ମ ଦେଇଛି । ଓଡ଼ିଶାର 'ପରିବା ଝୁଡ଼ି' ଆଠଗଡ଼ ଚାଷୀ ମାନଙ୍କର ବିକାଶ ଓ ପରିଶ୍ରମର ପରାକାଷ୍ଠାକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଗଡଜାତ ଅଞ୍ଚଳ ଆଠଗଡ ସର୍ବଦା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଲଢିବା ଶିଖାଇଛି । ସେଭଳି କ୍ଷେତ୍ରରେ ଓଡ଼ିଶାରେ ପରିବର୍ତ୍ତନ ପାଇଁ ଆୟୋଜିତ ସଂକଳ୍ପ ସମାବେଶରେ ଲୋକଙ୍କ ଉତ୍ସାହ ଓ ଉଦ୍ଦୀପନା ଅଭୁତପୂର୍ବ । କିନ୍ତୁ ସେହି ଆଠଗଡ଼ ଭଳି ଚଷାଚାଷୀ ଅଞ୍ଚଳରେ ଶୀତଳ ଭଣ୍ଡାର ନଥିବା ଦୁଃଖର ବିଷୟ । ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ପର୍ଯ୍ୟାପ୍ତ ଟଙ୍କା ପଠାଉଥିବା ବେଳେ ଓଡ଼ିଶା ସରକାର ଭୋଟ ମାୟାରେ ବାୟା ହୋଇଯାଇଛନ୍ତି । କେବଳ ଫଟୋ ଛପାଇ ନାଁ ନେବାର ଯୋଜନା କରାଯାଉଛି । ଆଠଗଡର ସମବାୟ ସଂସ୍ଥାର ଦୁର୍ନୀତି ହାଟରେ ପଡି ଦାଣ୍ଡରେ ଗଡୁଛି । ମହିଳାମାନେ ର୍ନିଯ୍ୟାତିତ ଛ ଯୁବକମାନେ କାମ ନପାଇ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । କଂଗ୍ରେସ ସରକାରର ଶେଷ ୧୦ ବର୍ଷରେ ଓଡ଼ିଶାକୁ ମାତ୍ର ୩ ଲକ୍ଷ କୋଟି ଟଙ୍କା ମିଳିଥିବା ବେଳେ ମୋଦି ସରକାରରେ ୧୮ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମିଳିଛି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଏକ ଶୋଭାଯାତ୍ରାରେ ଯୋଗଦେଇଥିଲେ । ଆଠଗଡ ସମେତ ବିଭିନ୍ନ ସ୍ଥାନୀୟ ସ୍ଥାନରେ ତାଙ୍କୁ ପାରମ୍ପରିକ ଭାବରେ ସ୍ୱାଗତ କରାଯାଇଥିଲା ।



# ବିଜ୍ଞାନ ପ୍ରଚାର ସମିତିର ଅଧିବେଶନ

କଟକ, (ସ୍ୱ.ପ୍ର): ବିଜ୍ଞାନ ପ୍ରଚାର ସମିତିର ୧୨୯୯ତମ ଅଧିବେଶନ ଦୋଳମୁଣ୍ଡାଇ ସ୍ଥିତ ସମିତି କାର୍ଯ୍ୟାଳୟରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି । ସଂପାଦକୀୟ ବିବରଣୀ ପାଠ କରିଥିଲେ ଡାକ୍ତର ଦୀପକ ରାଜ । ଅଧିବେଶନରେ ବୟସ୍କ ମାନଙ୍କର ଚକ୍ଷୁ ସମସ୍ୟା କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରଖାଯାଇଥିଲା । ବିଷୟ ଥିଲା ପ୍ରାପ୍ତ ବୟସରେ ଚକ୍ଷୁରେ ସମସ୍ୟା ଓ ତା'ର ନିରାକରଣ ' । ଡାକ୍ତର ଦେବୀ ଐଶ୍ୱର୍ଯ୍ୟା ଦାସ । ପ୍ରାପ୍ତ ବୟସରେ ଦେଖାଯାଉଥିବା କେତେକ ଚକ୍ଷୁ ଜନିତ ସମସ୍ୟା ଯେପରିକି କଳା ମୋତିଆବିନ୍ଦୁ , ଧଳା ମୋତିଆବିନ୍ଦୁ , ପ୍ରାପ୍ତ ବୟସରେ ଅନ୍ଧ୍ୱ , ଡାଇଆବେଟିକ୍ ରେଟିନୋପାଥି, କର୍ଣିଆ ଜନିତ ସମସ୍ୟା ବିଷୟରେ ସେ ଉପସ୍ଥାପନ କରିଥିଲେ । ଚକ୍ଷୁ ଜନିତ ସମସ୍ୟା ଗୁଡ଼ିକର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ପ୍ରଶ୍ନ ଉତ୍ତର ପର୍ଯ୍ୟାୟରେ ସେ ସଭ୍ୟମାନଙ୍କର ଚକ୍ଷୁ ଜନିତ ଅନେକ ସମସ୍ୟାର ସମାଧାନ ସମ୍ବନ୍ଧରେ କହିଥିଲେଛ ଚକ୍ଷୁଦାନ ଏକ ମହତ କାର୍ଯ୍ୟ । ଏଥିପ୍ରତି ସଚେତନତା ସୃଷ୍ଟି ହୋଇପାରିଲେ ସମାଜରେ ଅନେକ ଦୃଷ୍ଟିହୀନ ବ୍ୟକ୍ତିଙ୍କର ସମସ୍ୟାର ସମାଧାନ ହୋଇପାରିବ ବୋଲି ଡଃ. ଐଶ୍ୱର୍ଯ୍ୟା ମତ ରଖିଥିଲେ । ବକ୍ତାଙ୍କର ମୂଲ୍ୟବାନ ବକ୍ତବ୍ୟ ପାଇଁ ସମିତି ତରଫରୁ ବକ୍ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ ନିଜର ବକ୍ତବ୍ୟ ରେ ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଦୁଇ ଆମେରିକୀୟ ବୈଜ୍ଞାନିକ ମୌଙ୍ଗି ବାୱେଣ୍ଡି , ଲୁଇସ୍ ବ୍ରସ୍ ଏବଂ ଆଲେକ୍ସି ଏକିମୋଭଙ୍କ ବିଷୟରେ କହିଥିଲେଛ ଆଜିର ଅନ୍ୟ ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରେ ଥିଲେ ଡଃ ସୁବାସିନୀ ଲେଙ୍କା, ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ, ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ, ମହେନ୍ଦ୍ର କୁମାର କାୟସ୍ଥ , ହେମନ୍ତ ପରିଡ଼ା , ଡଃ ଭାରତୀ ବେହେରା, ସୁଜିତାଭ ଶତପଥୀ, ଚୌଧୁରୀ ଶରତ ଚନ୍ଦ୍ର ଦାସ, ଡଃ ଜ୍ୟୋତିଷ ଚନ୍ଦ୍ର ମହାନ୍ତି , ଡଃ, ଧରଣୀଧର ଜେନା, ପ୍ରକାଶ ରଞ୍ଜନ ଦାଶ, ଡଃ ପଦ୍ମନାଭ ବେହେରା, ଡଃ ମୃଦୁଳା ମିଶ୍ର ଓ ଅରବିନ୍ଦ କର । ଶେଷରେ କବିତା ପାଢଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ



ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ପବିତ୍ର ମହାଳୟା ତିଥି ଅବସରରେ ଶନିବାର ଭକ୍ତଙ୍କୁ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ଦର୍ଶନ କଲେ ଗଙ୍ଗାରେ ବୁଡ ପକାଇବା ଭଳି ପୁଣ୍ୟ ମିଳିଥାଏ ବୋଲି ପୌରାଣିକ କଥା ରହିଛି। ମାଁଙ୍କ ଏହି ଅପୂର୍ବ ରୂପ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମି ଥିଲା ।

ଭୋର ୫ଟାରୁ ସମଲେଶ୍ୱରୀ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଥିଲା। ଭକ୍ତମାନେ ହାତରେ ଧୂପ, ଦୀପ ଓ ନୈବେଦ୍ୟ ଧରି ନିଜର ମନସ୍କାମନା ପୂରଣ ଆଶାରେ ମାଁଙ୍କ ଦର୍ଶନ ଲାଗି ଛିଡା ହୋଇଥିଲେ। ତେବେ ପ୍ରାତଃ ୫ଟା ୪୫ମିନିଟରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିଲା। ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ଟ୍ରଷ୍ଟ ବୋର୍ଡ ଓ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଭକ୍ତମାନେ ଧାଡିରେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ଏହି ଦର୍ଶନ ଆସନ୍ତା ୧୬ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲୁ ରହିବ। ଧବଳମୁଖୀ ବେଶ ପୂର୍ବରୁ ଶୁକ୍ରବାର ରାତି ୧୨ଟାରେ ପୂଜକ ମାନେ ମନ୍ଦିର ଗମ୍ଭୀରା ସଫା କରିଥିଲେ। ଶଙ୍ଖ ଓ ଗୋପୀଚନ୍ଦନ ଘୋରି ଦେବୀଙ୍କୁ ଧବଳମୁଖୀ ବେଶ କରିଥିଲେ। ରାତି ପ୍ରାୟ ସାଢେ ୩ଟାରେ ଏହି ବେଶ ଶେଷ ହୋଇଥିଲା। ପରେ ପୂଜକ ମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରିଥିଲେ। ପିତଳ ଗରିଆରେ ପାଣି ଆଣି ଦେବୀଙ୍କୁ ସ୍ନାନ କରିଥିଲେ। ଦେବୀଙ୍କୁ ସମ୍ବଲପୁରୀ ଶ୍ୱେତ ପାଟ ବସ୍ତ୍ର ପରିଧାନ କରାଯାଇଥିଲା। ଏହାପରେ ପ୍ରାତଃ ୫ଟାରେ ମହାଆଳତୀ ସହ ପୂଜାର୍ଚ୍ଚନା ଓ ବେଢାପୂଜା କରାଯାଇଥିଲା। ମୁଗ ଓ ଗୁଡରେ ପ୍ରସ୍ତୁତ ମୁଗବରା ଦେବୀଙ୍କୁ ଅର୍ପଣ କରାଯାଇଥିଲା। ଏହାପରେ ଦ୍ୱାରଫିଟା ନୀତି ସମ୍ପନ୍ନ ହୋଇଥିଲା। ଭକ୍ତ ମାନେ ଧାଡିବାନ୍ଧି ଦର୍ଶନ କରୁଥିବା ବେଳେ ମଧ୍ୟାହ୍ନ ୧୧ଟା୪୫ରୁ ଅପରାହ୍ନ ସାଢେ ୧୨ଟା ଅନ୍ନଭୋଗ ପାଇଁ ଦର୍ଶନ ବନ୍ଦ ରହିଥିଲା । ସେହିପରି ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ମାଁଙ୍କ ଶୃଙ୍ଗାର ବେଶ, ସନ୍ଧ୍ୟା ୭ଟା୪୫ରୁ ୮ଟା୧୫ପର୍ଯ୍ୟନ୍ତ ମାଁଙ୍କ ସନ୍ଧ୍ୟା ଆଳତୀ ଓ ରାତି ୮ଟା୫୦ରୁ ୯ଟା୩୦ ପର୍ଯ୍ୟନ୍ତ ରାତ୍ର ଅନ୍ନଭୋଗ ପାଇଁ ଦର୍ଶନ ବନ୍ଦ ରହିଥିଲା । ଭକ୍ତମାନେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ଦେବୀଙ୍କ ଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ପୂଜକ ଅକ୍ଷୟ ରାୟ, ଅମୀୟ ରାୟ, ସୁଧାଂଶୁ ରାୟ, ଗଙ୍ଗାଧର ରାୟ, ପ୍ରକାଶ ରାୟ, ନିର୍ଭୟ ରାୟ , ଦେବେନ୍ଦ୍ର ରାୟ, ସଗନ ରାୟ, ଓକିଲ ରାୟ, ମନୋଜ ରାୟ, କୁମାର ରାୟ ଓ ପ୍ରଶାନ୍ତ ରାୟ ପ୍ରମୁଖ ଦେବୀଙ୍କୁ ବେଶ କରିଥିଲେ। ଭକ୍ତମାନେ ମାଁଙ୍କ ଦର୍ଶନ କରିବା ପରେ ମୁଗବରା ପ୍ରସାଦ ପାଇ ଘରକୁ ଫେରିଥିଲେ। ସେହିପରି ପାଟଣେଶ୍ୱରୀ ଓ ବାଟମଙ୍ଗଳାକୁ ମଧ ଧବଳମୁଖୀ ବେଶ କରାଯାଇଛି। ଅନ୍ୟପଟେ ସହରର ଅନ୍ୟ ଦେବୀ ପୀଠ ଗୁଡ଼ିକରେ ମଧ ନବରାତ୍ର ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ତେଣୁ ସମ୍ବଲପୁର ସହର ଉତ୍ସବ ମୁଖର ହୋଇଉଠିଛି। ରଙ୍ଗବେରଙ୍ଗ ଆଲୋକମାଳା ସହ ଫୁଲ ଓ ତୋଣରେ ମନ୍ଦିରକୁ ନୂତନ ରଙ୍ଗରେ ରଙ୍ଗିନ କରାଯାଇଛି । ପଞ୍ଚବାଦ୍ୟ, ଘଣ୍ଟ, ଶଙ୍ଖ, ହରିବୋଲି, ହୁଳହୁଳିରେ ସମଗ୍ର ଦେବୀପୀଠ ଉଛୁଳି ପଡୁଛି।

## ରେଢାଖୋଲ ଦେଖିପାରେ ନୂଆମୁହଁ

# ପ୍ରସନ୍ନ-ରୋହିତଙ୍କ କଟାକ୍ଷକୁ ନେଇ ଚର୍ଚ୍ଚା ଜୋରଦାର





ରେଢାଖୋଲ,(ସବ୍ୟୁ): ଆଗକୁ ରାଜ୍ୟର ନିର୍ବାଚନ। ନିର୍ବାଚନ ତାରିଖ ଜଣା ପଡି ନ ଥିଲେ ମଧ୍ୟ ୫ ରୁ ୬ ମାସ ମଧ୍ୟରେ ନିର୍ବାଚନ ହେବ। ନିର୍ବାଚନକୁ ଆଖି ଆଗରେ ରଖି ବିଜେଡିର ଆଶାୟୀ ପ୍ରାର୍ଥିମାନେ ରେଢାଖୋଲକୁ ଅକ୍ତିଆର କରିବାକୁ ବସିଲେଣି । ଚଳିତ ନିର୍ବାଚନରେ ରେଢ଼ାଖୋଲ ବିଧାନସଭା କ୍ଷେତ୍ରରୁ ନବାଗତ ପ୍ରାର୍ଥି ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ଏପରିକି ଚର୍ଚ୍ଚା ଆଗରେ ଅଛନ୍ତି ଜଣେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ । ଚର୍ଚ୍ଚିତ ଚେହେରା ମଧ୍ୟରେ ୨୦୨୦ ରେ ଚାକିରିରୁ ଅବସର ନେଇଥିବା ପ୍ରମୋଦ ବେହେରା । ସେ ରେଢାଖୋଲ ବ୍ଲକ୍ ପୋଡାବଲଣ୍ଡା ଗ୍ରାମର ବାସିନ୍ଦା । ଚାକିରୀ ସମୟରେ ମଧ୍ୟ ନିଜ ଅଞ୍ଚଳ ପ୍ରତି ତାଙ୍କର ବିଶେଷ ଧ୍ୟାନ ରହିଥିବା ବେଳେ ଏବେ ମଧ୍ୟ ଚଳଚଞ୍ଚଳ ଅଛନ୍ତି ।ଚାକିରୀ କାଳ ଭିତରେ ରାଜ୍ୟର ବିଭିନ୍ନ ବ୍ଲକରେ ବିଡିଓ , ଜିଲ୍ଲାରେ ଆର୍ ଟି ଓ ସହ ରାୟଗଡ଼ା ଜିଲ୍ଲାପାଳ ମଧ୍ୟ ଥିଲେ । ଯଦିଓ ସେ ଦଳରେ ଯୋଗ ଦେଇନାହାନ୍ତି ତଥାପି ସେ ବିଜେଡି ତରଫରୁ ଟିକେଟ ପାଇବା ନେଇ ବିଭିନ୍ନ ଫୋରମ୍ ରେ ଚର୍ଚ୍ଚା ହେଉଛି । ଜିଲ୍ଲା ବାହାରେ କାର୍ଯ୍ୟରତ ଜଣେ ଯୁବ ଡ଼ାକ୍ତର ମଧ୍ୟ ୨୦୧୯ରୁ କସରତ କରୁଥିବା ବେଳେ ବିଭିନ୍ନ ମାଧ୍ୟମରେ ଲବି ଚଳାଇଛନ୍ତି । ଆଶାୟୀ ମାନେ ଭୋଟରଙ୍କ ଅତି ନିକଟତର ହେବାକୁ ଲାଗି ପଡିଛନ୍ତି । ଯେଉଁ ନେତାମାନେ ଲୋକଙ୍କ ଦୁଃଖ ବେଳେ ପଛଘୁଞ୍ଚା ଦେଇଥାନ୍ତି ,ଏବେ ପୁଣି ୫ ବର୍ଷ ପରେ ଭୋଟରଙ୍କ ଦୁଃଖ ସୁଖରେ ସାଥୀ ହେବାକୁ କସରତ ଚଳାଇଛନ୍ତି । ଏଇ କିଛି ଦିନ ହେଲା ବିଜେଡିର ବିଧାୟକ ଇଂ. ରୋହିତ ପୂଝାରୀ ଓ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ରେଢାଖୋଲକୁ ତୋଫାନୀ ଗସ୍ତ କରି ବିଭିନ୍ନ ସମୟରେ ବିଭିନ୍ନ କୋଠାର ଶୁଭ ଉଦଘାଟନ ସହ ଭୂମି ପୂଜନ ଶିଳାନ୍ୟାସ କରିବାରେ ଲାଗି ପଡିଛନ୍ତି । ଏପରିକି ଅକ୍ଟୋବର ୨ ତାରିଖରୁ ବିଧାୟକ ବିଭିନ୍ନ ସ୍ଥାନରେ ପଦଯାତ୍ରା ମଧ୍ୟ କରିଛନ୍ତି । ପ୍ରସନ୍ନ ଆଚାର୍ଯ୍ୟଙ୍କ କର୍ମୀ ମାନେ ବିଧାୟକ ରୋହିତ ପୂଝାରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁ ନ ଥିବା ବେଳେ ବିଧାୟକ ରୋହିତ ପୂଝାରୀଙ୍କ କର୍ମୀ ମାନେ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁ ନ ଥିବାରୁ ରେଢାଖୋଲରେ ଚର୍ଚ୍ଚା ଲାଗି ରହିଛି । ଉଭୟ ନେତା ରେଢାଖୋଲରେ ଆଗାମୀ ନିର୍ବାଚନରେ ଟିକେଟ ପାଇ ଜିତିବାକୁ ପ୍ରୟାସ ଜାରି ରଖିଛନ୍ତି । ହେଲେ ସୁପ୍ରିମୋ ନବୀନ ପଟ୍ଟନାୟକ କାହାକୁ ବିଜେଡି ଟିକେଟ ଦେଉଛନ୍ତି ସମୟ ବାକି ରହିଲା । ଉଭୟ ନେତା ଟିକେଟ୍ ପାଇବାକୁ ଆଶାୟୀ ଥିବା ବେଳେ ସେ ପଟେ ରେଢାଖୋଲ ମାଟିର ପୁଅ ପୂର୍ବତନ ଜିଲ୍ଲାପାଳ ପ୍ରମୋଦ ବେହେରା ବିଜେଡି ଦଳ ପକ୍ଷରୁ ଟିକେଟ ପାଇବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ରେଢାଖୋଲର ବ୍ଲକ୍ ଚେୟାରମେନ୍ ପ୍ରଦୀପ ପ୍ରଧାନ ମଧ୍ୟ ବିଜେଡି ଦଳରୁ ଟିକେଟ୍ ପାଇବାକୁ ଦାବି ଦାର । ସମ୍ବଲପୁରର ଯୁବ ନେତା ସଂଚିତ ମହାନ୍ତି ମଧ୍ୟ ରେଢାଖୋଲ ଉପରେ ଆଖି ରଖିଛନ୍ତି ଟିକେଟ୍ ପାଇବା ପାଇଁ । ସେପଟେ ଦେଖିବାକୁ ଗଲେ ୨୦୦୯ ନିର୍ବାଚନରେ ରେଢାଖୋଲ ମାଟିର ନାରୀ ନେତ୍ରୀ ଗୀତାଞ୍ଜଳି ପ୍ରଧାନ ବିଜେଡି ଦଳ ପକ୍ଷରୁ ଟିକେଟ୍ ପାଇଥିବା ବେଳେ ରେଢାଖୋଲ ଅଂଚଳର କିଛି ନେତା ଏହାର ବିରୋଧ କରି ବରଗଡରୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଟିକେଟ୍ ଦେବାକୁ ଅଡି ବସିବାରୁ ଗୀତାଞ୍ଜଳୀ ପ୍ରଧାନଙ୍କ ଟିକେଟ୍ କୁ ନବୀନ ପଟ୍ଟନାୟକ କାଟିଦେଇ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ । ସ୍ୱାଧୀନ ପ୍ରାର୍ଥୀ ଭାରେ ଗୀତାଞ୍ଜଳି ପ୍ରଧାନ ନିର୍ବାଚନରେ ଲଢିଥିଲେ । ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ ବହୁ ଭୋଟ ବ୍ୟବଧାନରେ ଜୟଲାଭ କରିଥିଲେ । ୧୯୯୦ ରୁ ଆଜି ଯାଏ ଦେଖିବାକୁ ଗଲେ ଜନତା ଦଳର ବସନ୍ତ ମହାନନ୍ଦ (ଜନତା ଦଳ) , ଅଭିମନ୍ୟୁ କୁମାର (କଂଗ୍ରେସ) ୧୯୯୫ , ଦୁର୍ଯ୍ୟୋଧନ ସୋହେଲା(ବିଜୁ ଜନତା ଦଳ) ୨୦୦୦, ବିଧାୟକ ସୋହେଲାଙ୍କ ମୃତ୍ୟୁ ଯୋଗୁଁ ସନାତନ ବିଶି(ବିଜୁ ଜନତା ଦଳ)୨୦୦୦ରେ ବିଜୟୀ , ସନାତନ ବିଶି (ବିଜୁ ଜନତା ଦଳ)୨୦୦୪, ପ୍ରସନ୍ନ ଆଚାର୍ଯ୍ୟ(ବିଜୁ ଜନତା ଦଳ)୨୦୦୯ , ଇଂ ରୋହିତ ପୂଜାରୀ (ବିଜୁ ଜନତା ଦଳ)୨୦୧୪ , ରୋହିତ ପୂଜାରୀ(ବିଜୁ ଜନତା ଦଳ, ୨୦୧୯) ବିଜୟ ଲାଭ କରିଛନ୍ତି। ସ୍ୱର୍ଗତ ବସନ୍ତ ମହାନନ୍ଦ ରେଢାଖୋଲ ମାଟିର ବରପୁତ୍ର ହୋଇଥିବା ବେଳେ ସମସ୍ତ ବିଧାୟକ ସମ୍ବଲପୁର ଓ ବରଗଡ ଜିଲ୍ଲାର । ରେଢାଖୋଲର ନେତାମାନଙ୍କର ସରଳତାର ସୁଯୋଗ ପାଇଁ ହିଁ ଆଜି ରେଢାଖୋଲ ବାସୀ ରେଢାଖୋଲ ନିର୍ବାଚନ ମଣ୍ଡଳୀର ବାହାର ବିଧାୟକ ହୋଇଛନ୍ତି । ଦୁର୍ଯ୍ୟୋଧନ ସୋହେଲା ମାନେଶ୍ୱର ଅଂଚଳର । ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ମାନେଶ୍ୱର ବ୍ଲକ୍ ର ଦେଓଗାଁ , ଡକରା, ଧମା, ହୁମା,ବରଗାଁ, ସାହାସପୁର ଏବଂ ବାଦୁଆପାଳି ଗ୍ରାମପଂଚାୟତ ରହିଛି । ଏ ପଟେ ଦେଖିବାକୁ ଗଲେ ରେଢାଖୋଲ ରେ ଏବେ ଖାଲି ଦୁଇ ନେତାଙ୍କର ଟଙ୍କା ବର୍ଷା ହେଉଛି କହିଲେ କିଛି ଭୁଲ୍ ହେବ ନାହିଁ । ବିଭିନ୍ନ ପ୍ରକଳ୍ପପାଇଁ ବହୁ ଟଙ୍କା ବର୍ଷା କରୁଛନ୍ତି ଦୁଇ ନେତା । ପ୍ରସନ୍ନ ଆଚାର୍ଯ୍ୟ ବିଧାୟକ ରୋହିତ ପୂଝାରୀଙ୍କୁ ବିଭିନ୍ନ ସଭା ସମିତିରେ କଟାକ୍ଷ କରୁଥିବା ବେଳେ ରୋହିତ ପୂଝାରୀ ମଧ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଛାଡୁ ନ ଥିବା ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି । ଗଣମାଧ୍ୟମରେ ଏ ସଂପର୍କରେ ଖବର ପ୍ରକାଶ ପାଇବା ପରେ ଦୁଇ ନେତା ଉଭୟେ ଉଭୟଙ୍କୁ ସମାଲୋଚନା କରିବରେ ବ୍ୟସ୍ତ ।

**ଚର୍ଚ୍ଚାରେ ପ୍ରମୋଦ**

## ରେଳବାଇ ପକ୍ଷରୁ ଚାରାରୋପଣ

ସମ୍ବଲପୁର,(ସବ୍ୟୁ): ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ପକ୍ଷରୁ ରେଳ ନଗର ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟ ଅତିଥି, ଅତିରିକ୍ତ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିଥିଲେ । ପୂର୍ବତଟ ରେଳବାଇ ମହିଳା ସଙ୍ଗଠନ ସମ୍ବଲପୁର ଅଧ୍ୟକ୍ଷା ଅଞ୍ଜନୀ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ସଙ୍ଗଠନର ସମସ୍ତ ସଦସ୍ୟା, ସମସ୍ତ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ମାଝୀଗୁଡାରେ ବ୍ଲକ୍ସ୍ତରୀୟ ଆଥଲେଟିକ୍ ମିଟ୍





କୋକସରା,(ସବ୍ୟୁ): କ୍ରୀଡା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପାରଦର୍ଶିତା ପାଇଁ ପ୍ରତିବର୍ଷ ଆଥଲେଟିକ୍ ମିଟ କ୍ରୀଡା ଉତ୍ସବ କାର୍ଯ୍ୟକ୍ରମ ପ୍ରତି ବ୍ଲକର ଉଚ୍ଚ ବିଦ୍ୟାଳୟ ସ୍ତରରେ ଆୟୋଜିତ ହେଉଛି । ଶୁକ୍ରବାର କୋକସରା ବ୍ଲକ ଅନ୍ତର୍ଗତ ମାଝୀଗୁଡା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଆଥଲେଟିକ୍ସ ମିଟ୍- ୨୦୨୩/୨୪ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ପରେ ଆଥଲେଟିକ୍ସ ମିଟକୁ ଉଦଘାଟନ କରିଥିଲେ । କେବଳ ପାଠ ନୁହେଁ କ୍ରୀଡା କ୍ଷେତ୍ରରେ ମଧ ପାରଦର୍ଶିତା ଅର୍ଜନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଖେଳ ଶିକ୍ଷକ ସୁଧୀର ପଣ୍ଡା, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଧବଳେଶ୍ୱର ନାଗ ଯୋଗ ଦେଇଥିବା ବେଳେ ଏହି ଆଥଲେଟିକ୍ସ ମିଟ୍ ରେ ବ୍ଲକର ୨୦ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବର୍ଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡାକୁ ଜବାହାର ଉଚ୍ଚ ବିଦ୍ୟାଳୟର ନୋଡାଲ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ଶଙ୍କର ପୋଢ଼, ସୁଧୀର ପଣ୍ଡା, ଉତ୍ତମ ସାହୁ, ଦିପ୍ତୀ ରଞ୍ଜନ ଠାକୁର, ସମିର ପଣ୍ଡା, ରାଧାକାନ୍ତ ପଟ୍ଟନାୟକ, କିଶନଲାଲ ଧ. ମାଝୀ, ଅଜିତ କୁମାର ମେହେର, ଭବାନୀ ଶଙ୍କର ଶବର, ଜିତୁ ମାଝୀ ପ୍ରମୁଖ ପରିଚାଳନା କରିଥିଲେ । ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ରଶ୍ମିତା ନେତମ, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ କୋକସରା ଜବାହାର ଉଚ୍ଚ ବିଦ୍ୟାଳୟ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଲଡୁଗାଁ ଉଚ୍ଚ ବିଦ୍ୟାଳୟ ଅଶୋକ କୁମାର ଦାସ, ପ୍ରତାପ କିଶୋର ମହାନ୍ତି, ସ୍କୁଲ କମିଟିର ସଦସ୍ୟ ପଙ୍କଜ ପୋଢ଼, ସହ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ସାମନ୍ତ କୁମାର ପାଢୀଯୋଷୀ ମଞ୍ଚ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦ଟି ଉଚ୍ଚ ବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ

ଭବାନୀପାଟଣା,(ସବ୍ୟୁ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସ୍ଥାନୀୟ ଟାଉନହଲ ଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଭବାନୀପାଟଣା ଉପଜିଲ୍ଲାପାଳ ଡ଼.ବିଶ୍ୱଜିତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ରୂପେଶ ହୋତା, ସଦସ୍ୟ ସଞ୍ଜୟ କୁମାର, ଭାରତ ପଣ୍ଡା, ଅଶୋକ ଚୌଧୁରୀ, ସଦସ୍ୟା ବସନ୍ତ ପଟ୍ଟନାୟକ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭବାନୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହକ କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ଦୁଇଶହ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନ୍ତେବାସୀ ମାନଙ୍କ ମଧ୍ୟରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କ୍ୟୁଜ, ଚିତ୍ରଙ୍କନ, ବକ୍ତୃତା, ଏକକ ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡୀ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଓ ସଦସ୍ୟ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅତିଥି ଭାବରେ ଯୋଗଦେଇ କୃତି ଅନ୍ତେବାସୀ ମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନ୍ତେବାସୀ ବରିଷ୍ଠ ବିଭାଗର ଚିତ୍ରାଙ୍କନରେ ପ୍ରଥମ ଡମ୍ବରୁ ମାଝି, ଏକକ କଣ୍ଠ ସଂଗୀତରେ ଭୂମିସୁତା ନାଏକ, ବକ୍ତୃତା ରେ ସୁରମା ଜାଲ, କ୍ୟୁଜରେ ଦେବକି ନାଏକ, ଦଳଗତ ନୃତ୍ୟରେ ନେହେରୁ ସେବା ସଂଘ ଓ କନିଷ୍ଠ ବିଭାଗରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିତ୍ରଙ୍କନ ରେ ମଣ୍ଟୁ ମାଝୀ, ଏକକ କଣ୍ଠ ସଂଗୀତରେ ଶମ୍ଭୁ ମାଝୀ, ବକ୍ତୃତାରେ ଗୋବିନ୍ଦ ଦାଶ, କ୍ୟୁଜ ରେ ଗୁଲଶନ କୁମାର ଓ ଦଳଗତ ନୃତ୍ୟରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ମହକ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଅବସରରେ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ମଧ୍ୟ ଅୟୋଜିତ ହୋଇଥିଲା । ଜିଲ୍ଲାର ୧୩ ଗୋଟି ବ୍ଲକର ବୋର୍ଡ, ସିବିଏସଇ ଓ ଆଇସିଏସଇ ପରୀକ୍ଷାରେ ଦଶମ ଶ୍ରେଣୀରେ ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ସହ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲାଛ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଭାରପ୍ରାପ୍ତ ଆନୁଷ୍ଠାନିକ ଯତ୍ନ ଅଧିକାରୀ ଅଂଶୁମାନ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେଛ ଅଣ ଆନୁଷ୍ଠାନିକ ଯତ୍ନ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଶୁଭାଶିଷ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ପ୍ରତୀକ ପଟ୍ଟନାୟକ, ଜୟଶ୍ରୀ ପାଣି, ଗୁରୁ ପ୍ରସାଦ ନାଏକ, ଅବିନାଶ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପ୍ରେମିକକୁ ଖୋଜି ଆଣ କହି ଥାନାରେ ଦ୍ୱାରସ୍ଥ ହେଲେ ଯୁବତୀ

ବଲାଙ୍ଗିର(ସବ୍ୟୁ):ମୋ ପ୍ରେମିକକୁ ଖୋଜି ଆଣ, ଏପରି ଅନୁରୋଧ କରି, ବଲାଙ୍ଗିର ସଦର ଥାନାରେ ଦ୍ୱାରସ୍ତ ହୋଇଥିଲେ ଜଣେ ଆଦିବାସୀ ଯୁବତୀ । ଘଟଣା ଘଟିଛି ବଲାଙ୍ଗିର ସଦର ଥାନା ଚୂଡ଼ାପାଲି ଗାଁର ମାଧବ ମେହେର ନାମକ ଜଣେ ଯୁବକ ଜଣେ ଆଦିବାସୀ ଯୁବତୀଙ୍କୁ ଆଠ ବର୍ଷ ହେଲା ନିଜ ପ୍ରେମ ଫାସରେ ଫସାଇଥିଲେ । ବାହାଘରର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲେ । କିନ୍ତୁ ଭିନ୍ନ ଜାତିର ହୋଇଥିବାରୁ ଯୁବକଙ୍କୁ ଘର ଲୋକେ ଯୁବତୀଙ୍କୁ ବାହା ପାଇଁ ମନାକଲେ । ଫଳରେ ଗତ ୬ ମାସ ପୂର୍ବେ ଉଭୟ ଘର ଛାଡି ଫେରାର ମାରିଥିଲେ । ଉଭୟ ପରିବାର ତରଫରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ପୋଲିସ ଉଭୟ ପ୍ରେମିଯୁଗଳଙ୍କୁ ଉଦ୍ଧାର କରି, ଉଭୟଙ୍କ ପରିବାରକୁ ବୁଝାଇଥିଲା । ଫଳରେ ଝିଅ ପୁଅ ଏକାଠି ରହିବା ନେଇ ଉଭୟ ପକ୍ଷ ରାଜି ହୋଇଥିଲେ । କିନ୍ତୁ ଗାଁକୁ ଯିବା ପରେ ଉଭୟଙ୍କୁ ଉଭୟଙ୍କ ପରିବାର ଲୋକେ ଘର ଭିତରକୁ ପଶିବାକୁ ଦେଇନଥିଲେ। ଉଭୟ ପ୍ରେମୀ ଯୁଗଳ ଚୂଡ଼ାପାଲିରେ ଏକ ଦୋକାନ କରି ଘର ଭଡା ନେଇ ରହୁଥିଲେ । ଗତ କିଛି ଦିନ ହେବ ପୁଅକୁ ତାଙ୍କ ପରିବାର ଲୋକେ କେଉଁ ଏକ ଅଜଣା ଜାଗାରେ ଲୁଚାଇ ଦେଇଛନ୍ତି । ତେଣୁ ଶୀଘ୍ର ପ୍ରେମିକକୁ ଖୋଜି ଆଣିବା ସହିତ, ସେମାନଙ୍କୁ ବାହା କରେଇ ଦେବା ପାଇଁ ଶୁକ୍ରବାର ସଦର ଥାନାରେ ଦ୍ୱାରସ୍ତ ହୋଇଛନ୍ତି ।ଝିଅଟି ଆଦିବାସୀ ସାମ୍ପ୍ରଦାୟର ହୋଇଥିବାରୁ, ଝିଅକୁ ନ୍ୟାୟ ଦେବା ଉଦେଶ୍ୟରେ ସଦର ଥାନାରେ ଦ୍ୱାରସ୍ତ ହୋଇଛନ୍ତି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ସତ୍ୟନାରାୟଣ ଭୋଇ । ସେପଟେ ଘଟଣା ନେଇ ମୁହଁ ଖୋଲୁନି ପୋଲିସ ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଦର୍ପଦଳନ ଚକ ସ୍ଥାପିତ



ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସରରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନର ଥର ଚକ ସ୍ଥାପିତ ହୋଇଛି । ଶ୍ରୀକ୍ଷେତ୍ରରେ ନିର୍ମିତ ଏହି ପବିତ୍ର ରଥଚକ ସେଠାରୁ ଆସି ପହଞ୍ଚିବା ପରେ ତାକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଅଙ୍କାଯାଇଥିବା ଝୋଟି ସଦୃଶ୍ୟ ମଣ୍ଡପ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଶଙ୍ଖ, ଘଣ୍ଟ, ହୁଳହୁଳି ସାଙ୍ଗକୁ ସଙ୍କୀର୍ତ୍ତନ, ଘୁମୁରା ବାଦ୍ୟ ସହିତ ଗୀତା ଓ ବେଦପାଠ ସହ ପବିତ୍ର ଚକକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ର, ଛାତ୍ରୀ, ଅଧାପକ, ଅଧାପକ ଏବଂ କର୍ମଚାରୀ ସାମିଲ ହୋଇଥିଲେ । ସୂଚନା ଅନୁଯାୟୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅନୁମୋଦନକ୍ରମେ ଦର୍ପଦଳନରଥର ଚକ ଏଠାକୁ ଆସିଛି । ଏଥିପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଏକାଧିକ ବାର ଉଦ୍ୟମ କରିଥିଲେ । ଏଣୁ ବିଭିନ୍ନ ମହଲରେ ଶ୍ରୀ ଶତପଥୀଙ୍କୁ ଏଥିପାଇଁ ସାଧୁବାଦ ଜ୍ଞାପନ କରାଯାଉଛି । ବିଶେଷକରି ଓଡ଼ିଶାର ଏହି ଅନ୍ୟତମ ଶିକ୍ଷାମନ୍ଦିରରେ ଶ୍ରୀକ୍ଷେତ୍ରରୁ ଆସିଥିବା ଦେବୀ ସୁଭଦ୍ରାଙ୍କ ରଥଚକ ଏ ଅଞ୍ଚଳର ନାରୀଶକ୍ତିକୁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି । ପୁରି ସୁଭଦ୍ରା କ୍ଷେତ୍ର ଭାବେ ପରିଚିତ ଯୁଗସାଏପାଟଣା ନିକଟବର୍ତ୍ତୀ ଅଞ୍ଚଳରେ ଏହି ଚକର ଉପସ୍ଥିତି ଅତ୍ୟନ୍ତ ଶୁଭଙ୍କର ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି ।

# କମିଶନରଙ୍କ ସହ ବୁଦ୍ଧିଜୀବୀ ଫୋରମର ଆଲୋଚନା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଗଠନ ହେବାର ପ୍ରାୟ ୯ବର୍ଷ ବିତିଯାଇଛି । ମହାନଗରବାସୀ ଅନେକ ସମସ୍ୟା ମଧ୍ୟ ଦେଇ ଗତି କରୁଛନ୍ତି । ଏଭଳିସ୍ଥଳେ ସମସ୍ୟାର ସମାଧାନ ଦାବିରେ ସମ୍ବଲପୁର ବୁଦ୍ଧିଜୀବୀ ଫୋରମ ମହାନଗର କମିଶନର ଦେବଭୂଷଣଙ୍କୁ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ଏଥିରେ କୁଞ୍ଜେଲପଡାରୁ ବଡବଜାର ରାସ୍ତାର ନବିକରଣ , ଗ୍ରହଣ ଯୋଗ୍ୟ ଟ୍ୟାକ୍ସ ବ୍ୟବସ୍ଥା, ନାଳ ନର୍ଦ୍ଦମାର ପୁନରୁଦ୍ଧାର, ଧୋବିଯୋର ଉପରେ ପାର୍କିଂ ସହ ଉଠା ଦୋକାନୀଙ୍କୁ ଥଇଥାନ, ରାସ୍ତା ପାର୍ଶ୍ୱ ଦୈନିକ ବଜାରକୁ ବ୍ୟବସ୍ଥିତ କରିବା , ସରକାରୀ ବସଷ୍ଟାଣ୍ଡ ସଫାସୁତରା ସହ ମହିଳାଙ୍କ ପାଇଁ ଆଶ୍ରୟସ୍ଥଳୀ ଓ ଶୌଚାଳୟ, ଗୋଲବଜାର ଅତ୍ୟାଧୁନିକ ମାର୍କେଟ କାର୍ଯ୍ୟ ତ୍ୱରାନ୍ୱିତ, ପରିମଳ ବ୍ୟବସ୍ଥା, ସମ୍ବଲପୁର ସହର ପ୍ରବେଶଦ୍ୱାର ଗୁଡ଼ିକରେ ଐତିହ୍ୟ ଫାଟକ, ସହରର ସମସ୍ତ ପୋଖରୀର ପୁନରୁଦ୍ଧାର କରି ଅବସର ବିନୋଦନ କେନ୍ଦ୍ର ସ୍ଥାପନ ପାଇଁ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ଫୋରମ ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ, ଅରବିନ୍ଦ ନାୟକ, ଗୋବିନ୍ଦ ଅଗ୍ରୱାଲ, ତ୍ରିଲୋଚନା ତ୍ରିପାଠୀ, ପ୍ରଦୀପ ସୂପକାର ଓ ସୁନୀଲ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ମନ୍ଦିରର ସୁରକ୍ଷା କରୁ ପ୍ରଶାସନ : ନରସିଂହ

## ଲୋକଙ୍କ ଭାବାବେଗ ସହ ଖେଳିଲେ ହେବ ଜନ ଆନ୍ଦୋଳନ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ରାଧାରାଣୀପଡା ଜିଲ୍ଲା ସଦର ମହକୁମା ଡାକ୍ତରଖାନା ନିକଟବର୍ତ୍ତି ରାଧାକୃଷ୍ଣ ମନ୍ଦିର ବଲାଙ୍ଗିରର ଏକ ସର୍ବ ପୁରାତନ ମନ୍ଦିର । ଦୀର୍ଘ ୧୧୦ ବର୍ଷ ହେଲା ବଲାଙ୍ଗିର ର ଲୋକେ ପିଢି ପରେ ପିଢି ଏଠାରେ ପୂଜାର୍ଚ୍ଚନା କରିଥାନ୍ତି । କିନ୍ତୁ ବର୍ତ୍ତମାନ ବି ଦେଖାଯାଉଛି ବଲାଙ୍ଗିର ତହସିଲ ଏବଂ ପୌର ପରିଷଦ ମିଳିତ ଭାବରେ ଏହି ମନ୍ଦିରକୁ ଭାଙ୍ଗିବା ପ୍ରୟାସ କରୁଛନ୍ତି । କାହିଁକି କେଜାଣି ଏହି ସର୍ବ ପୁରାତନ ମନ୍ଦିର ଯାହାକି ଏ ଅଂଚଳ ଲୋକଙ୍କ ଭାଗବେଗ ସହିତ ଜଡିତ ଅଛି ତାକୁ ଭାଙ୍ଗି ଲୋକଙ୍କ ଆବେଗ ସହ ଖେଳିବା ଚେଷ୍ଟା କରୁଛନ୍ତି । ଯଦି ଏଥିରୁ ସେମାନେ ବିରତ ନ ହେବେ ତେବେ ଆଗାମୀ ଦିନରେ ନିଶ୍ଚିତ ଭାବରେ ରାଧାକୃଷ୍ଣ ମନ୍ଦିର ର ସୁରକ୍ଷା ପାଇଁ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ପ୍ରେସ ବିବୃତ୍ତି ମାଧ୍ୟମରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗଣମାଧ୍ୟମକୁ ଜଣାଇଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ସହରର ମଧ୍ୟ ଭାଗରେ ଅବସ୍ଥିତ ଏହି ମନ୍ଦିର ଯୋଗୁଁ ସାଧାରଣ ଜନତାଙ୍କ କୌଣସି ଅସୁବିଧା ହେଉ ନାହିଁ । ନା ଏହା ଯୋଗୁଁ କିଛି ଟ୍ରାଫିସ ସମସ୍ୟା ଉପୁଜୁଛି, ନା କିଛି ଏ ମନ୍ଦିର ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି । ଏପରି ସ୍ଥଳେ ବଲାଙ୍ଗିର ତହସିଲ ଓ ପୌର ପରିଷଦ ଏହି ମନ୍ଦିର ଭାଙ୍ଗିବା ପାଇଁ କରୁଥିବା ପ୍ରୟାସ ଅତି ନିନ୍ଦନୀୟ ଅଟେ । ସାରା ବିଭିନ୍ନ ଜିଲ୍ଲାରେ ବିଭିନ୍ନ ମଠ ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅର୍ଥ ବରାଦ କରୁଥିବା ବେଳେ ଏହି ମନ୍ଦିର ପ୍ରତି ତାଙ୍କ ଅଧିନସ୍ଥ ବଲାଙ୍ଗିର ତହସିଲ କାର୍ଯ୍ୟାଳୟ ଏବଂ ପୌର ପରିଷଦ କାହିଁକି ଅସୂୟା ମନୋଭାବ ପୋଷଣ କରିଛି ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ସେ ଏହି ପ୍ରେସ ବିବୃତ୍ତି ମାଧ୍ୟମରେ ଚେତାବନୀ ଦେଇଛନ୍ତି ଯେ ଏ ମନ୍ଦିର ଭାଙ୍ଗିବା ପ୍ରୟାସରୁ ସେମାନେ ବିରତ ରୁହନ୍ତୁ ନଚେତ ଆଗାମୀ ଦିନରେ ଏକ ବିରାଟ ଆନ୍ଦୋଳନ ମାଧ୍ୟମରେ ଏମାନେ ଜନ ଆକ୍ରୋସ ର ଶିକାର ହେବେ ।

# ରକ୍ତଦାନ ଶିବିର : ୬୭ ୟୁନିଟ୍ ସଂଗ୍ରହ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଦୁର୍ଗାପାଲି ଠାରେ ସାମାଜିକ ଅନୁଷ୍ଠାନ ସେବା ଓ ଜିଲ୍ଲା ରେଡକ୍ରସ ସୋସାଇଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବରଦାକାନ୍ତ ପାଣ୍ଡେଙ୍କ ସ୍ମୃତିରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୬୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସମାଜସେବୀ ବଦ୍ରିନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କୁଚୁରାଚୁଆଁ କଲେଜର ଅଧ୍ୟକ୍ଷ ନିରାଞ୍ଜଳ ତିୱାରୀ, ଦ୍ୱାରିକା ପ୍ରସାଦ ମିଶ୍ର, ଜିଲ୍ଲା ରେଡକ୍ରସ କ୍ଷେତ୍ର ପରିଚାଳିକା ପ୍ରମିଳା ବେହେରା, ଅନୁଷ୍ଠାନର ଉପଦେଷ୍ଟା ନିହାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ସେବା ଅନୁଷ୍ଠାନର ସଭାପତି ଦୀପକ ପାଣ୍ଡେଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସଭାପତି ନାରାୟଣ ଦେଓ, ସଭ୍ୟ କିଶୋର ନାଏକ, ବଳରାମ ସାହୁ, ପୁତଳି ବେହେରା, ଲୁକେଶ୍ୱର ଉପାଧ୍ୟାୟ, ଜୟପ୍ରକାଶ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ ।

## ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଏନ୍ଏସ୍ଏସ୍

# ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା

ଭବାନୀପାଟଣା,(ସବ୍ୟୁ): ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଭବାନୀପାଟଣାର ଏନ୍ଏସ୍ଏସ୍ ୟୁନିଟ ଦ୍ୱାରା ମେରୀ ମାଟି ମେରା ଦେଶ କାର୍ଯ୍ୟକ୍ରମ ସମ୍ପର୍କୀତ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ବାହାରି ନେହେରୁ ଯୁବକେନ୍ଦ୍ରର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରସନ୍ନ ମେହେରଙ୍କୁ କଳସ ହସ୍ତାନ୍ତର କରାଯାଇଥିଲା । ଅଧକ୍ଷ ଛବିଲାଲ ସାହୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଏହାର ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀ ନିଜ ଗାଁରୁ ଆଣିଥିବା ମାଟିକୁ କଳସରେ ରଖି ଶୋଭାଯାତ୍ରାରେ ବାହାରି ଥିଲେ ।ଏନ୍ଏସ୍ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଏହାର ପରିଚାଳନା କରିଥିବା ବେଳେ ଅଧାପକ ଶୁଭେନ୍ଦୁ କୁମାର ପାଢୀ, ପରମେଶ୍ୱର ମୁଣ୍ଡ, ଶୁଶାନ୍ତ କୁମାର ଦାଶ, ନାଜନିନ ସୁଲତାନା ଓ ଦୀନବନ୍ଧୁ ନାଗ ସହଯୋଗ କରିଥିଲେ ।

# ବିଭିନ୍ନ ସମସ୍ୟା ନେଇ ସ୍ୱର ଉଠାଇଲା ଆଞ୍ଚଳିକ ବିକାଶ ପରିଷଦ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଆଞ୍ଚଳିକ ବିକାଶ ପରିଷଦର ସହର ବୁଦ୍ଧିଜୀବି ମାନଙ୍କୁ ନେଇ ବିଭିନ ସମସ୍ୟା ଉପରେ ସ୍ୱର ଉଠାଇଛି । ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ୟା ଗୁଡ଼ିକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଇଛି। ସହରରେ ବିଦ୍ୟୁତ୍ ବିଭାଗର ମନୋମୁଖି ଭାବରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି । ଆଗକୁ ଦୁର୍ଗାପୂଜା ଏବଂ ଦିପାବଳୀ ରହିଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଅବହେଳାକୁ ଦାୟୀ କରା ଯାଇଛି। ପୌର ପରିଷଦର ଅବହେଳା ପାଇଁ ସହରରେ ମଶା ପାର୍ଦୁଭାବ ବଢି ଚାଲିଛି। ସନ୍ଧ୍ୟାରେ ଘରେ ବାହାରେ ଠିଆ ହେବା ଅସମ୍ଭବ ହୋଇପଡ଼ିଛି । ସହରର ବିଭିନ୍ନ ଗଳି ରାସ୍ତା ଅବସ୍ଥା ନ କହିବା ଭଲ। ସହରରେ ଡ୍ରେନ ଗୁଡିକ ଠିକ୍ ରୂପେ ସଫା କରା ଯାଉ ନାହିଁ। ମାସ ମାସ ଧରି ବିଭିନ୍ନ ରାସ୍ତାରେ ସନ୍ଧ୍ୟାରେ ଆଲୋକ ଜଳୁ ନାହିଁ। ମାଲି ମୁଣ୍ଡା ଷ୍ଟାଡିୟମ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି । ରାସ୍ତା ପାର୍ଶ୍ୱରେ ଥିବା ଗୃହ ଗୁଡିକରେ ରହିବା ଅସମ୍ଭବ। ସହରରେ ଟାଉନ ବସର ସୁବିଧା ନକରି ତରବରିଆ ଭାବରେ ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରିବାରୁ ଟ୍ରେନରେ ଆସୁ ଥିବା ଯାତ୍ରୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ପୂର୍ବରୁ ରାତ୍ରି କାଳିନ ବସ ଗୁଡିକ ରାତ୍ରି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ସହର ମଧ୍ୟ ଦେଇ ଯାତାୟତ କରୁ ଥିଲା । ବାହାର ଜିଲ୍ଲାରୁ ଆସି କାର୍ଯ୍ୟ କରୁଥିବା ମହିଳା ଓ କଲେଜ ଛାତ୍ରୀ ମାନେ ରାତ୍ରିକାଳିନ ବସରେ ସହରକୁ ଆସିବା ପାଇଁ ସୁରକ୍ଷିତ ମନେ କରୁଥିଲେ। କିନ୍ତୁ ବର୍ତ୍ତମାନ ନୂତନ ବସଷ୍ଟାଣ୍ଡରେ ନିଜକୁ ସୁରକ୍ଷିତ ମନେ କରୁ ନାହାଁନ୍ତି। ସହର ମଧ୍ୟରେ ଦୁଇ ଚକିଆ ଯାନ ଓ ଚାରିଚକିଆ ଯାନର ରଖିବାର ବ୍ୟବସ୍ଥା କରାଯାଉ। ରାଜ୍ୟ ରାଜପଥ ଏସ୍.ପି ଅଫିସ ନିକଟରେ ବସଷ୍ଟାଣ୍ଡକୁ ଯାଇଥିବା ଛକରେ ଟ୍ରାଫିକ ବ୍ୟବସ୍ଥା କରିବା ସହିତ ଗୋଲାଇ ଛକ ବ୍ୟବସ୍ଥା କରାଯାଉ। ପାନୀୟ ଜଳର ସୁବିଧା ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ। ସହରେ ଖେଳ ପଡିଆ ନଥିବାରୁ ଖେଳାଳି ମାନେ ଖେଳିବା ପାଇଁ ସୁଯୋଗ ପାଉନାହାଁନ୍ତି। କୌଣସି ଷ୍ଟାଡିୟମ କାର୍ଯ୍ୟ ସଂପୂର୍ଣ ହୋଇ ପାରିନାହିଁ। ଝାରସୁଗୁଡା - ବ୍ରଜରାଜନଗର ଓ ପାଇପାସ ବଡମାଲ ରାସ୍ତାରେ କୋଇଲା, ଫ୍ଲାଇଆସ୍ ପରିବହନ କରୁ ଥିବା ଟ୍ରକ ଗୁଡିକ ପାଲ ଠିକ୍ ରୂପେ ଲଗାଉ ନାହଁନ୍ତି। ରାସ୍ତାରେ ଚଳାଚଳ କରୁ ଥିବା ବାଇକ, ସାଇକେଲ ଆରୋହୀ କୋଇଲା , ଫ୍ଲାଇଆସ୍ ଗୁଣ୍ଡ ଯୋଗୁଁ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ମହିଳା କଲେଜ ଓ ଏଲ୍.ଏନ୍ କଲେଜ ସରକାରୀ କଲେଜ ଭାବରେ ଘୋଷଣା କରାଯାଇ ସମସ୍ତ ସୁବିଧା ଦିଆଯାଉ। ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରେ ଖାଲି ଥିବା ଡାକ୍ତର ଓ ଅନ୍ୟାନ୍ୟ ସମସ୍ତ ପଦପୀ ପୂରଣ କରାଯାଉ । ସାମ୍ବାଦିକ ସମ୍ମିଳନୀରେ ମନମୋହନ ପଣ୍ଡିତ, ଡାକ୍ତର ପ୍ରଭାତ କୁମାର ଜୈନ,ରମେଶ ଗାନ୍ଧି,ପ୍ରହଲ୍ଲାଦ ନାଏକ, ନରେନ୍ଦ୍ର ପଣ୍ଡା,ଏମ.ଡି ଇରସାଦ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆଇଏମ୍‌ରେ ମର୍ମଜ୍ଞ ବାଣିଜ୍ୟିକ କନ୍‌କ୍ଲେଭ୍ ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ):ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍) ସମ୍ବଲପୁର ପକ୍ଷରୁ ବାଣିଜ୍ୟିକ କନ୍‌କ୍ଲେଭ୍ 'ମର୍ମଜ୍ଞ ୮.୦' ଉଦ୍ଘାଟିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ ସଂସ୍ଥାନର ସଫଳତା, ଗଠନ ଓ ଗତ ଆଠବର୍ଷ ମଧ୍ୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଷୁଦ୍ର ବ୍ୟବସାୟକୁ ସାହାଯ୍ୟ, ଅର୍ନ୍ତଭୁକ୍ତିକରଣ, ଡିଜିଟାଲାଇଜେସନ୍ ଏବଂ ଅନ୍ୱେଷଣ ଉଦ୍ଭାବନକୁ ସଂସ୍ଥାନ ଗୁରୁତ୍ୱ ଦେଉଛି ବୋଲି କହିଥିଲେ। ଅନ୍ୟତମ ବକ୍ତା ଜି-୫ର ଅନ୍ୟତମ ନିର୍ଦ୍ଦେଶକ ରଚିତ ପ୍ରଧାନ ତାଙ୍କ ବକ୍ତବ୍ୟରେ ପରିବର୍ତ୍ତିତ ବଜାର, ପ୍ରାସଙ୍ଗିକ ବ୍ୟବସ୍ଥା ଓ ପ୍ରତିଦ୍ୱନ୍ଦ୍ୱିତା ସମୟରେ ଅନୁକୂଳ ମନୋଭାବ ସମ୍ପନ୍ନ ପରିବେଶ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ବାର୍କୋ ଇଲୋକ୍ଟ୍ରିନିକ୍ସ ସିଷ୍ଟମ୍‌ସ୍‌ର ପୂର୍ବତନ ଏମ୍.ଡି. ରାଜୀବ ଭଲ୍ଲା ଅନିଶ୍ଚିତ ଭବିଷ୍ୟତ ସମୟରେ ପରିବର୍ତ୍ତିତ ଓ ଜଟିଳ ପରିବେଶ ସତ୍ତ୍ୱେ ଯୋଜନା ପ୍ରଣୟନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ରୂପାନ୍ତରଣ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ବୋଲି କହିଥିଲେ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ତଥା କ୍ଲଷ୍ଟର ହେଡ କୈଳାଶ ପାଣ୍ଡେ ଡିଜିଟାଲାଇଜେସନ୍ ଏବଂ କାର୍ଯ୍ୟ କ୍ଷେତ୍ର ସଂସ୍କୃତିର ସୁଯୋଗ ଏବଂ ଆହ୍ୱାନ ସହିତ ପୂର୍ବର ବ୍ୟବସ୍ଥାରୁ ନୂତନ ବୈଷୟିକ କୌଶଳକୁ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ପ୍ରଫେସର ସୁଧେନ୍ଦ୍ର ହନୁମନ୍ତ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସାରସ୍ୱତ ବ୍ୟକ୍ତିତ୍ୱ ଗୋଦାବରୀଶ ମହାପାତ୍ର

## ବିଶ୍ୱବିଜୟୀ ଦାଶ

ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ଯଶସ୍ୱୀ କବି, ଔପନ୍ୟାସିକ,ଗାଳ୍ପିକ,ପ୍ରାବନ୍ଧିକ ଏଇ ଉତ୍କଳ ଭୂମିରେ ଜନ୍ମ ଲାଭ କରି ଏ ମାଟିକୁ ଧନ୍ୟ କରିଯାଇଛନ୍ତି,ସେମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଅନ୍ୟତମ । ସାରସ୍ୱତ ସାଧନା କ୍ଷେତ୍ରରେ ସୁଯୋଗ୍ୟ ବିନ୍ଧାଣୀ । ନିତିଦିନିଆ ଜୀବନରେ ଯେଉଁ ସାମାଜିକ ଏବଂ ଜାତୀୟ ସମସ୍ୟାର ସମ୍ମୁଖୀନ ହୋଇ ନିଜର ଚିନ୍ତନ ଓ ଅନୁଭୂତିରୁ ସୃଷ୍ଟି କରିଯାଇଥିବା କାଳଜୟୀ ଲେଖାସମୂହ ଆଜି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି,ସେହି ଅନନ୍ୟ ପ୍ରତିଭା ହେଉଛନ୍ତି ଗୋଦାବରୀଶ ମହାପାତ୍ର । ଏକାଧାରାରେ ସେ ଥିଲେ ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ସମାଲୋଚକ, ସମାଜସେବକ ତଥା ବ୍ୟଙ୍ଗ ରଚନାକାର । ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କୃତି ଥିଲା ସ୍ୱତନ୍ତ୍ର ଏବଂ ଅନବଦ୍ୟ ସର୍ଜନା ସର୍ବବାଦୀ ସମ୍ମତ ।

ଏହି ପ୍ରତିଭାଦୀପ୍ତ ସାହିତ୍ୟିକଙ୍କର ଜନ୍ମ ହୋଇଥିଲା ୧୮୯୮ ମସିହା ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଗ୍ରାମରେ । ତାଙ୍କର ବାଲ୍ୟଜୀବନର ଶିକ୍ଷା ଆରମ୍ଭ ହୋଇଥିଲା ଅବଧାନଙ୍କ ଠାରୁ । ପରେ ତାଙ୍କ ଗ୍ରାମକୁ ଆସିଥିଲେ ଜଣେ ଶିକ୍ଷକ ଏବଂ ଏହି ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଦାବରୀଶଙ୍କ ଜୀବନରେ ବହୁ ପରିବର୍ତ୍ତନ ଘଟିଥିଲା,ଯାହା ଏ ସମାଜରେ ଜଣେ ସଫଳ ମଣିଷ ଭାବରେ ଛିଡ଼ାହେବାର ସମସ୍ତ ଖୋରାକ ହାସଲ କରିବାରେ ସହାୟକ ହୋଇଥିଲା । ଚାଟଶାଳୀ ପାଠ ପରେ ତାଙ୍କ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲିବାରୁ ଗୋଦାବରୀଶ ସେହି ବିଦ୍ୟାଳୟରେ ପାଠ ପଢ଼ିବା ଆରମ୍ଭ କଲେ । ବାଲ୍ୟ ଜୀବନରେ ହିଁ ଫୁଟି ଉଠିଥିଲା ତାଙ୍କ ପ୍ରତିଭାର ସ୍ୱର ଏବଂ ସେ ଅନେକ କବିତା ଏହି ସମୟରେ ହିଁ ଲେଖିଥିଲେ ।

୧୯୧୩ ମସିହା ପରେ ବାଣପୁର ପ୍ରାଥମିକ ବିଦ୍ୟାଳୟ ମାଇନର ସ୍କୁଲରେ ପରିଣତ ହେବା ପରେ ସେଠାରେ ଗୋଦାବରୀଶ ଅଧ୍ୟୟନ କଲେ । ଏହି ବିଦ୍ୟାଳୟରେ ଗଠିତ ପାଠାଗାର ବାଳକ ଗୋଦାବରୀଶଙ୍କ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଲା, ଯଦ୍ୱାରା ସେ ଅନେକ କବିତା ଲେଖିବା ପାଇଁ ମନ ବଳାଇଲେ । ଷଷ୍ଠ ଶ୍ରେଣୀର ଛାତ୍ର ଭାବରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ତାଙ୍କ ଜୀବନର ପ୍ରଥମ କାବ୍ୟ 'ବାଣପୁର' ଲେଖି । ଏହି କବିତା ଏତେ ଭାବଗର୍ଭକ ଏବଂ ଚିତ୍ତ ଆର୍କଷକ ଥିଲା ଯେ ତତ୍କାଳୀନ 'ମୁକୁର' ପତ୍ରିକାର ସଂପାଦକ ବ୍ରଜସୁନ୍ଦର ଦାସ ଏହି କବିତା ଟିକୁ 'ମୁକର' ରେ ସ୍ଥାନିତ କରିବା ସହ 'ମୁକୁର ପ୍ରେସ'ରେ ପୁସ୍ତକ ଆକାରରେ ଛପାଇଥିଲେ । ଏହି କବିତାର କିଛି ପଂକ୍ତି–

'ନିଃସର୍ଗ ମାଧୁରୀ ଲଳିତ ପ୍ରକୃତି
ସୃଷ୍ଟି ଆଦି ଦିନୁ ବିଶ୍ୱେ ଯା'ର ସ୍ଥିତି ।
ଆହା ବାଣପୁର ମୋ' ପ୍ରିୟ ଜନନୀ
ତୋ' ରୂପ ଛଟା କି ବର୍ଣ୍ଣିବ ପୁଣି
ଯହିଁ ଚାହେଁ ଶତ ଶୋଭାର ଭଣ୍ଡାର
ବିଲ,ବଣ,ପଦା,ଶଇଳ,କେଦାର
ଗୋଟିଏ ଗୋଟିକି ବଳି ଶୋଭାବନ
କାନନୁ ଭୂଧର ଭୂଧରୁ କାନନ ।'

କଥାରେ ଅଛି, ପ୍ରତି କାବ୍ୟର ସୃଷ୍ଟି ମୂଳରେ ଏକ ଅଚିନ୍ତ୍ୟ ଶକ୍ତି ନିହିତ ଥାଏ ଏବଂ ଏହି ଶକ୍ତିର ଅଧିକାରୀ ହେଉଛି କବି । କବିର ଅନ୍ୟନାମ ସ୍ରଷ୍ଟା । ଏହି ସ୍ରଷ୍ଟା ଗୋଦାବରୀଶ ମହାପାତ୍ର,ଏଇ ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ପାଲଟିଥିଲେ ଏମିତି ଜଣେ କବି, ଯାହାଙ୍କ ସୃଷ୍ଟ ମାନସ ସନ୍ତାନମାନଙ୍କୁ ନେଇ ଓଡ଼ିଶା ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ । ଆଉ ଆମର ଓଡ଼ିଆ ସାହିତ୍ୟିକମାନେ ତାଙ୍କୁ ନେଇ ଗର୍ବ କରୁ ତାଙ୍କର ଅବର୍ତ୍ତମାନରେ ମଧ୍ୟ । ତାଙ୍କ ଜନ୍ମସ୍ଥାନରେ ସ୍ଥାପିତ ପାଠାଗାର କୁମାର ପାଠାଗାର ଏବେ ବି ଠିଆ ହୋଇଛି ଗର୍ବରେ ଛାତି ଫୁଲେଇ ଓଡ଼ିଶାର ଉନ୍ନତ ପାଠାଗାର ଭାବରେ । ଏହି ପାଠାଗାର ହିଁ ଥିଲା ଗୋଦାବରୀଶଙ୍କ ଚିନ୍ତା ଓ ଚେତନାର ଅଭିବୃଦ୍ଧିର ସହାୟକ ।

ଗୋଦାବରୀଶ ୧୯୧୫ ମସିହାରେ ମାଇନର ପାସ୍ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ନାମ ଲେଖାଇଲେ । ଏହି ବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଆଚାର୍ଯ୍ୟ ହରିହରଙ୍କ ଭଳି ନାମକରା ଆଦର୍ଶ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କବି ଗୋଦାବରୀଶ ମହାପାତ୍ରଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା । ଗୋଦାବରୀଶଙ୍କ ଦ୍ୱାରା ରଚିତ 'କଣ୍ଟା ଓ ଫୁଲ' ଏବଂ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଶିଶୁ ସାହିତ୍ୟ 'ମୋ ଖେଳ ସାଥି' ଓ 'ବଙ୍କା ଓ ସିଧା' ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ ।

ଓଡ଼ିଆ ଭାଷାର ଉନ୍ନତି ପାଇଁ ଲଢୁଥିବା ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସହ ଗୋଦାବରୀଶ ସାକ୍ଷାତ କଲେ ଏବଂ ତାଙ୍କ ପ୍ରେରଣାରେ ବ୍ରହ୍ମପୁରରୁ ତାଙ୍କ ପ୍ରକାଶିତ ହିତୈଷିଣୀ ପତ୍ରିକାରେ କାମ କଲେ । ଏମିତି ପ୍ରାୟ କେତେକ ପତ୍ରିକାରେ ସେ କାମ କରିଥିଲେ । ତେଣୁ ବହୁଦିନର ଅଭିଜ୍ଞତାକୁ ନେଇ ସାମ୍ବାଦିକ ଭାବରେ କାମ କରିବାକୁ ମନ ବଳାଇଲେ । ଦୀର୍ଘ ୨୭ ବର୍ଷ ଧରି ତାଙ୍କ ଦ୍ୱାରା ସମ୍ପାଦିତ 'ନିଆଁଖୁଣ୍ଟା' ପତ୍ରିକା ଥିଲା ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର । ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା । ଆଜି ପର୍ଯ୍ୟନ୍ତ 'ନିଆଁଖୁଣ୍ଟା'ର ସ୍ଥାନ ଅନ୍ୟ କୌଣସି ପ୍ରତ୍ରିକା ନେଇପାରିନାହାନ୍ତି । ୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଦ୍ୱାରା ପ୍ରକାଶିତ 'ନିଆଖୁଣ୍ଟା' ପତ୍ରିକା ତାଙ୍କୁ ଏକ ବିଶାଳ ଜାତିୟବାଦୀ ଅନୁଷ୍ଠାନରେ ପରିଣତ କରିଦେଲା ।

'' ଓଡ଼ିଆ ସାହିତ୍ୟରେ ହାସ୍ୟ ଏବଂ ବ୍ୟଙ୍ଗର ଏକ ସମୃଦ୍ଧ ପରମ୍ପରା ରହିଛି । କିନ୍ତୁ ସମାଜର ତୃଣମୂଳ ସ୍ତରରେ ରମ୍ୟ, ବ୍ୟଙ୍ଗ ଏବଂ ହାସ୍ୟକୁ ପହଞ୍ଚାଇବାରେ ଗୋଦାବରୀଶ ମହାପାତ୍ରଙ୍କ ସବୁଠୁ ଅଧିକ ଅବଦାନ ରହିଛି । ଗୋଦାବରୀଶ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ । ବାଲ୍ୟକାଳରୁ ସେ ସତ୍ୟବାଦୀ ବନ ବିଦ୍ୟାଳୟ ସହ ସମ୍ପୃକ୍ତ ଥିଲେ । ଏହି ବିଦ୍ୟାଳୟ ତାଙ୍କ ଜୀବନ ଦର୍ଶନକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା । ସେ ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିପାରିଥିଲେ । ସେ ଅନେକ ଗପ,ଉପନ୍ୟାସ,କବିତା ଆଦି ଲେଖିଛନ୍ତି । ଗୋଦାବରୀଶ ମହାପାତ୍ରଙ୍କ ରଚିତ 'ଉଠ କଙ୍କାଳ' କବିତା ମୋ ଭଳି ଅନେକଙ୍କୁ ପ୍ରଭାବିତ କରିଛି । ସେହି କବିତାର କିଛି ପଂକ୍ତି–

*'ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର*
*ଜୀର୍ଣ୍ଣ ଦୁଆରେ ବସି,*
*ଡାକେ ତାନ୍ତ୍ରିକ ମନ୍ତ୍ର*
*ସାଧନେ ଜାଗ୍ରତ ପୁରବାସୀ !*
*ପୃଥ୍ୱୀ ବିଦାରି ବାରବାଟୀ*
*ମଡ଼ା ଉଠ ଉଠ ଚଞ୍ଚଳ,*
*ଖୋରଧାର ଶତ ସରଦାର*
*ଶିରକର ଉନ୍ନତତର !*
*ଉଠ କଙ୍କାଳ, ଛିନ୍ନୁ ଶୃଙ୍ଖଳ,*
*ଜାଗ ଦୁର୍ବଳ ଆଜି,*
*ଉଠୁ ଗତ ଗୌରବ,*
*ହୃତ୍ ଗୌରବ, ମୃତ ଗୌରବ ।*

ଏହି ସାରସ୍ୱତ ସାଧକ ୨୫ ନଭେମ୍ବର ୧୯୬୫ ମସିହାରେ ଦୁନିଆ ଛାଡ଼ି ଚାଲିଯାଇଥିଲେ ।

**ବାଣପୁର,ଖୋର୍ଦ୍ଧା**
**ମୋ – ୬୩୭୦୨୦୮୪୨୮**

# କବିତା

## କାଶତଣ୍ଡି

### ଜଗଦୀଶ ସାହୁ

ଧରା କୋଳେ କାଶତଣ୍ଡି
ମେଲିଛି ପସରା
ଲାଜୁଆ ଆଖିରେ ତା'ର
ପୀରତି ଇସାରା !
ନବ ଯଉବନୀ ବାଳା
ମନ କନକନ
ଆନମନା କରେ ହସି
ରସିକର ମନ !
ନଈପଠା କ୍ଷେତମାଳ
ସବୁଜ ପ୍ରାନ୍ତରେ
ଧବଳାଙ୍ଗୀ ଶୋଭାପାଏ
ଭାଦ୍ର ଆଶ୍ୱିନରେ !
ଶରତ ରାସ ରସରେ
ତନୁକୁ ଭିଜେଇ
ପବନରେ ଦୋଳି ଖେଳେ
ଦେହକୁ ଝୁଲାଇ !
ମାଆ ଆସିବା ବାଟକୁ
ଚାହିଁ ରହିଥାଏ
ମଥା ନୁଆଇଁ ଭକ୍ତିରେ
ସ୍ୱାଗତ ଜଣାଏ !
ଅଶିଣ ରାଜକୁମାରୀ
ଗର୍ବ ନାହିଁ ତୋର
ସେଇ ଲାଗି ଶରତରେ
ପାଉଛୁ ଆଦର !

**ସଂଜପଡା, ହିନ୍ଦୋଳ**
**ଢେଙ୍କାନାଳ,ମୋ–୯୦୭୮୧୮୫୬୧୬**

## ଶରତ ଆସିଛି

### ରମାକାନ୍ତ ଦାସ

ଶରତ ଆସିଛି ମରତ ହସୁଛି
କାଶତଣ୍ଡି ଫୁଟି ହସେ
ଧରଣୀ ରାଣୀର ଅପରୂପ ବେଶ
କେଡେ ମନୋହର ଦିଶେ ।
ଶରତର ଶୁଭ୍ର ନିର୍ମଳ ଆକାଶେ
ଶୋଭା ବଢ଼ାଏ ବାଦଲ
ମନ କିଣିନିଏ ଇନ୍ଦ୍ରଧନୁ ସାତରଙ୍ଗ
ଫୁଟି ହସେ ନାନା ଜାତି ଫୁଲ ।
ଶରତ ସକାଳେ ଝରା କାକରରେ
ଶେଫାଳୀ ଫୁଟି ହସଇ
ତା' ମଧୁ ସୁଗନ୍ଧ ମନ ମୋହିନିଏ
ତନୁ ମନ ଯାଏ ଛୁଇଁ ।
ଶରତ ଇନ୍ଦୁର କିରଣେ ଝଲସେ
ସରୋବରେ ଶୁଭ୍ର କଇଁ
ନିର୍ମଳ ଶୋଭାରେ ଧରା ହସୁଥାଏ
ପୁଲକେ ପ୍ରାଣ ଜଗାଇ ।
ଶରତ ପରଶେ ହସିଉଠେ ଧରା
ଚତୁର୍ଦ୍ଦିଗେ ଶୋଭା ଛୁଟେ
ଭାରି ମନୋଲୋଭା ଶରତର ଶୋଭା
ପ୍ରକୃତି ରାଣୀ ଓଠେ ହସ ଫୁଟେ ।

**ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର**
**ମୋ – ୯୬୬୮୮୧୫୩୬୯**

## ପକ୍ଷୀ

### କବି କେଶବ ଚନ୍ଦ୍ର ନାୟକ

ପକ୍ଷୀ: କେବେ ନୀଳ ଗଗନର
ମୁକ୍ତ ଜୀବନର ଆନନ୍ଦ– କଲ୍ଲୋଳ ପ୍ରେମ
କେବେ ଶୀତ ସକାଳର କାକର ବିନ୍ଦୁର ସ୍ୱପ୍ନ
କେବେ ଉଷା–ନାଲୀ ଓଠେ ବିହଙ୍ଗ ଗୁଞ୍ଜନ
ଆଶାର ସୁନେଲି କର...!!
ପକ୍ଷୀ: କେବେ ଆକାଶ ଗଛର ବସା
ବାଆ'ର ଝୁଲଣ ତା'ର
କେବେ ଫଗୁଣ ଦେହର ରଙ୍ଗ
ଦୁଇ ଡେଣା ଝାଡି ପ୍ରୀତି ପାର୍ବଣ ଗୀତି
କେବେ ଶ୍ରାବଣର ଭିଜା ରାତି
କେବେ ବିରହ ବେଦନା –ଦଗ୍ଧ–ଛାତିର ସ୍ମୃତି....!!
ପକ୍ଷୀ: କେବେ ବ୍ୟାଧ ଶରାଘାତେ
ଆହାତ ମର୍ମର କ୍ଷତ
କେବେ ପାହାଡ ଚୂଡାରେ
ସଜ ଫୁଟା ସୁନା କ୍ଷେତ
କେବେ ବନ୍ଦ ପିଞ୍ଜରାରେ ଛଟ ପଟ ପ୍ରାଣ
ମୁକ୍ତି ପାଇଁ ଯୋଡ–ହସ୍ତ...!!
ପକ୍ଷୀ:କେବେ ସଞ୍ଜ ବାହୁଡା ନୀଡ
କେବେ ଅଭିଆଡ଼ୀ ମିଠା ସ୍ୱର
କେବେ କଳ ନିନାଦିନୀ ପାହାଡୀ ଝରଣା ଦେହ
ଛୁଇଁବାକୁ ଇଛା ଭାରି
କେବେ କୁହୁକ କାଉଁରୀ ମୋହ....!!


**ସଭାପତି, ଉତ୍କଳ ସାହିତ୍ୟ ସଂସଦ,**
**ମାଲକାନଗିରି,ମୋ–୯୪୩୭୭୭୯୪୪୭**

## ଅଶିଣ ଆସିଛି

### ଧ୍ରୁବ ଚରଣ ଘିବେଲା

ଅଶିଣ ଆସିଛି ଭାଦ୍ରବ ଫେରିଛି
ଆର ବରଷରେ ଦେଖା
ଆସପାଶ ହୋଇ ଥିବେ ଦୁଇ ମାସ
ଯାଆ ଆସ ବେଳେ ଏକା ।
ଅଶିଣ ଆସିଛି ନେଇକି ସାଥିରେ
କଳା କୁହୁକ କୁହୁଡ଼ି
ନିଇତି ସକାଳେ ଦେଖାଇବ ମୁହଁ
ସବୁଠି କୁହୁଡ଼ି ମାଡ଼ି ।
ଅଶିଣ ଆସିଛି କୁହୁଡ଼ି ସହିତ
କାକର ଚାଦର ଧରି
ଅଶିଣର ରାତି ଆରାମେ ଶୋଇବ
କାକର ଚାଦର( ଦେହେ )ଘୋଡ଼ି ।
ଅଶିଣ ଆସିଛି ନଭ ଦେଶେ ଥୋଇ
ଧବଳ ବଉଦମାଳା
ତୁଳାଭିଣା ମେଘ ଯତନେ ପ୍ରସ୍ତୁତ
ଚାଲିଛି ନଅର ତୋଳା ।
ଅଶିଣ ଆସିଛି ବାଟରେ ବସାଇ
କେତେ କାଶ ଫୁଲ ହାଟ
କାଶର ହସରେ ଅଶିଣ ଝଲସେ
ସୁନ୍ଦର କାଶର ଥାଟ ।
ଅଶିଣ ଆସିଛି ସୁଷମା ପରଖି
ନିରିମଳ ଜଳ ସ୍ଥଳ
ମାଟିଠୁ ଆକାଶ ସ୍ୱଚ୍ଛ ପରିବେଶ
ସବୁଠି ଚମକ ଠୁଳ ।
ଅଶିଣ ଆସିଛି ଓଷା ବ୍ରତ ନେଇ
ପାଳନ୍ତି ହରଷ ମନେ
ପୁଅ ଜୁଉଁନ୍ତିଆ ଭାଇ ଜୁଉଁନ୍ତିଆ
ଯିଏ ଯେଉଁ ଓଷା ମାନେ ।
ଅଶିଣ ଆସିଛି ପାର୍ବଣ ପରବେ
ମଣ୍ଡପରେ ବିରାଜିତା
ମାଆ ଦୁର୍ଗାଙ୍କର ଚାଲେ ପୂଜାର୍ଚ୍ଚନା
ଦଶଭୁଜା ମା' ବିଦିତା ।

**ବଉଦରାଜ, ଜି. ବୌଦ୍ଧ**
**ମୋ–୯୪୩୭୪୭୮୪୬୬**



# ରକ୍ତର ଆହ୍ୱାନ

## ରାମଚନ୍ଦ୍ର ସାହୁ

### ଗଳ୍ପ

ପାହାନ୍ତା ପ୍ରହର'ର ନିଦୁଆ ଆଖିରେ–କାନ୍ଥ ଘଣ୍ଟାକୁ ଚାହିଁଦେଇଥିଲେ ଜୟଜିତ୍ । ଆରେ ଘଣ୍ଟା କଣ୍ଟା ତ ଗତରାତ୍ରି ଗୋଟାଏରେ ଅଟକି ଯାଇଛି। ହଁ ସେ ମଧ୍ୟ କାହିଁକି ସାଥୀ ଦେବ ଯେ । ଅସୁବିଧା ବେଳରେ ତ ସାଧାରଣତଃ କେହି ସାଥ୍ ଦେଇନଥାନ୍ତି ପ୍ରାୟ । କାରଣ ସେ ତ ସାଙ୍ଗ ସହୋଦର ସାଥୀଙ୍କୁ ନେଇକି ଆସିଥାଏନା । ମୋବାଇଲରୁ ସମୟ ଦେଖିନେଇଥିଲେ ଜୟଜିତ । ଆଉ ଅଳ୍ପ ସମୟ ପରେ–ଜାତୀୟ ପତାକା ଉତ୍ତୋଳନ କରାଯିବ । ଶୀଘ୍ର ଶୀଘ୍ର ନିଜର ନିତ୍ୟକର୍ମ ଶେଷକରି ବାହାରି ଯାଇଥିଲେ ଉଚ୍ଚ ଅଧିକାରୀ ଜୟଜିତବାବୁ ।
ନିର୍ଦ୍ଧାରିତ ସଠିକ୍ ସମୟରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା । ପରେ ପରେ ସ୍ୱାଧୀନତା ଦିବସ ସନ୍ଦର୍ଭରେ ଏକ ଆଲୋଚନା ଚକ୍ର ଆରମ୍ଭ ହେଲା। ମଞ୍ଚ ମଣ୍ଡନ କରିଥିଲେ ଅନେକ ବିଶିଷ୍ଟ ମାନ୍ୟଗଣ୍ୟ ଅତିଥୀବୃନ୍ଦ ଏଇ ସଭାରେ ।
ଏହାର ନେତୃତ୍ୱ–ନେଉଥିଲେ ନିଜେ ଜୟଜିତବାବୁ ସଭା ଅଗ୍ରଭାଗ ଆସନରେ ଉପବେଶନକରି । ମନେ ମନେ ସେ ଭାବୁଥିଲେ–ଜୀବନରେ ନିଜ କ୍ଷମତାର ପରିସୀମା ଭିତରେ ଅନେକ ଲୋକଙ୍କର ଅନେକ ଉପକାର, ମାର୍ଗଦର୍ଶନ ସାଧ୍ୟମତେ ସବୁପ୍ରକାର ସାହାଯ୍ୟ କରିଛନ୍ତି ସେ । କେବେ କାହାର ଅନିଷ୍ଟ କରିନାହାନ୍ତି । ଏ ପାଇଁ ସେ ସଭିଙ୍କ ପ୍ରିୟ ଆଦରଣୀୟ । ତେବେ ମନରେ ତାଙ୍କରି ସେଇ ଗୋଟିଏ ଦୁଃଖ, ଯାହାକି ଅତୀତରୁ ଆଜିଯାଏଁ ଦହନ କରେ ଅନ୍ତରକୁ । ସେଦିନର ସେଇ ଗୋଟିଏ ଭୁଲ ନିଷ୍ପତ୍ତି ପାଇଁ । ଏପାଇଁକି ଆଜି ତାଙ୍କର ନିଜ ପରିବାରରେ ମାଧୂର୍ଯ୍ୟତା ନାହିଁ । ଯଦିତ ଭୌତିକ ଚିଜର କୌଣସି ଅଭାବ ନାହିଁ ତାଙ୍କର ।

ଅନାଥ ଆଶ୍ରମରୁ ଗ୍ରହଣ କରିଥିବା ପୋଷ୍ୟପୁତ୍ରକୁ ନିଜର କରି ତା'ର ଉଚ୍ଚଶିକ୍ଷା ଅନ୍ତେ ନିଯୁକ୍ତି ପାଇ,ସେ ଏବେ ଦୂର ସହରରେ କାର୍ଯ୍ୟରତ । ତେବେ ତା' ମନରେ ପ୍ରଗାଢ ପିତୃମାତୃ ଭକ୍ତି ନ ଥିବ ବୋଧହୁଏ । ନିଜ ରକ୍ତର ସିନା ଏକ ଆତ୍ମୀୟତାର ଅନନ୍ୟ ଆହ୍ୱାନ ଆକର୍ଷଣ ଥାଏ । ମୌଳିକ ଗୁଣବତ୍ତା ଥାଏ । ହେଲେ ଭିନ୍ନ ରକ୍ତର...। ଏ କଥାକୁ ଆଜି ଅଙ୍ଗେ ଅଙ୍ଗେ ଅନୁଭବ କରୁଥିଲେ–ଜୟଜିତ୍ । ଜୀବନ ଯୌବନର ଆଦ୍ୟରେ ନିଯୁକ୍ତି ଶେଷରେ ତାଙ୍କରି ବୈବାହିକ ଜୀବନର ପ୍ରାରମ୍ଭ ହୋଇଥିଲା। ଏକ ଭଗ୍ନମନର ଦୁର୍ବଳକ୍ଷଣରେ ସେ ତାଙ୍କରି ଦୁଇବର୍ଷର ନିଜ ଝିଅ ଜୟାକୁ ଏକ ଅନାଥଶ୍ରମରେ ଛାଡିବାକୁ ବାଧ୍ୟ ହୋଇଥିଲେ । ଅମାବାସ୍ୟାରେ ଜନ୍ମିତ–ଉଆଁସୀକନ୍ୟାର ଅପବାଦ ପାଇଁ । ଝିଅକୁ ଜନ୍ମଦେଇ ଦୁଇବର୍ଷ ଆଦରରେ ଲାଳନପାଳନ କରିଥିବା ମାଆ ଜୟଜିତ୍‌ଙ୍କ ସ୍ତ୍ରୀ ଓ ଏହାର ଅଳ୍ପ ଦିନପରେ ତାଙ୍କ ନିଜ ମାଆ ଆରପାରୀକୁ ଚାଲିଯାଇଥିଲେ । ଲୋକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କହିଲେ ଯେ–ଉଁଆସୀ କନ୍ୟାଟା ମାଆ ଓ ଜେଜେମା' କୁ ଖାଇଲା । ଜୟଜିତ୍ ଏବେ ଏକା ଏକା । ଛୋଟ ଝିଅଟିକୁ କେମିତି ସମ୍ଭାଳିବେ ? ଏଣୁ କିଛିଦିନ ପରେ ତାକୁ ଛାଡିଦେଇଥିଲେ ସେଇ ଅନାଥାଶ୍ରମରେ । ଯଦିଚ ସେ ପରେ ପୁର୍ନବିବାହକରି ନିଜ ଔରସରୁ ସନ୍ତାନ ଆଉଜନ୍ମ ନ ହେବାରୁ ଏକ ପୌଷ୍ୟପୁତ୍ର ଗ୍ରହଣ କରିଥିଲେ ।

ସତରେ ଭାଗ୍ୟ କେବେ ଏ ମଣିଷ ସହ ଛକିଶୂନ ଖେଳ ଖେଳେ । କେବେ ନିଜର ସତ୍ତାର ସତ୍ୟତାକୁ ଭୁଲେଇଦିଏ । ଉଦ୍‌ବେଗ ଶଙ୍କା ଆଶଙ୍କା ଭିତରେ ଜୀବନର ଆଶା ଆକାଂକ୍ଷା ଉତ୍କଣ୍ଠାକୁ ହରଣ କରିନିଏ ସାମାୟିକଭାବେ ସୀମିତ ସମୟପାଇଁ । କେବେ ତା'ପାଇଁ ସ୍ନିଗ୍ଧ ଶରତ ଶୁଭ୍ର ସୌନ୍ଦର୍ଯ୍ୟ କାଶତଣ୍ଡିର ଶୋଭାବଦଳେ ତା' ଦୀର୍ଘଶ୍ୱାସରେ ବନ୍ଦୀହେବା ଭଳି ମନେହୁଏ ପ୍ରକୃତି ଅନନ୍ତ ସୁଷାମା ସବୁ । ଝରିଯାଏ ଦୁଃଖ ଓ ଅଭିମାନର ଲୁହବୁନ୍ଦା । ମୌଳିକ ମନର ସୃଜନତା'ର ବିଲୋପ ବୋଧ ହୁଏ । ଦୂରଦିଗନ୍ତ ବଳୟତଳେ ବିସ୍ତାରିତ ପାହାଡର ପାଦଦେଶ ଅଳସୀ, ସୋରିଷକ୍ଷେତର ଦୈର୍ଘ୍ୟ ଓ ଦ୍ରାଘିମା ବଢିଯାଏ, ବିବର୍ତ୍ତନ ଘଟେ ମନ ଇଲାକାର ଭୌଗଳିକ ନକ୍ସା ସବୁ । ସୁନୀଳ ଆକାଶର ବିମଳ ବୈଭବ ଶୋଭାଆଭାବିଭା ସବୁ । ଦଗ୍ଧ ନିଦାଘର ଉଦାସ ଭରିଦିଏ ତା' ମନ ମସ୍ତିଷ୍କରେ । ଏପରି ସ୍ଥିତିରେ ଯାହା ଶାନ୍ତି ସୁଖ ଫେରାଇ ଆଣେ ମନରେ–ତାହା କେବଳ ଈଶ୍ୱର ବନ୍ଦନ ବିଭୁଚିନ୍ତନ ସ୍ମରଣ । ବେଳେ ବେଳେ ମଣିଷକୁ ତା'ର ସଠିକ୍ ଶ୍ରମର ଫଳ ମିଳେନା । ଆଉ କେବେ ଅଜାଚିତ ଭାବେ ଅଜାଡିପଡେ ଆଶାତୀତ ସଫଳତା ଉତ୍ସାହ ପ୍ରେରଣା ଇତ୍ୟାଦି । ସହିଯିବାର ସମସ୍ତ ସୀମା ଟପିଗଲାପରେ । ପ୍ରକୃତିର ଦାନକୁ ଆସ୍ୱାଦନ କରି ସମ୍ପର୍କର ଜାଲ ବୁଣି ଜୀଇଁ ଗଲେ ଗଲା ଜୀବନ । ତେବେ ସମସ୍ତ ନୀରବତା ଦିନେ– ଝଡର ରୂପ ନେବାପରି– କେବେକେବେ–ପରିସ୍ଥିତିରେ ଚକ୍ରବ୍ୟୁହରେ ପଡି, ତା'ର ଚାରିତ୍ରିକ ବିଶୃଙ୍ଖଳା ନୈତିକତାରେ ସ୍ଖଳନ ଘଟେ ନିଜ ଅନିଚ୍ଛାରେ ଅଜଣାରେ । ବାସୁକୀ ଗରଳ ପାନକରି ସଦାଶିବ ନୀଳକଣ୍ଠ ହେବାପରି ବୋଧକରେ ନିଜକୁ । ପୁଣି କେବେ ଅନ୍ୟମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର ମନେକରି ଅହଂର ପ୍ରତିକୀତ କରିଥାଏ । ଅମାବାସ୍ୟାର ଜହ୍ନ ପରି ପୁଣି କେବେ ଅନନ୍ତ ଅପେକ୍ଷାଥାଏ ପୁନେଇଁର ଜ୍ୟୋସ୍ନାକୁ । ଭରା ମଉସୁମୀର ଧରାଆଗମନରେ ଉଲ୍ଲସିତ ହୋଇପାରେନା ସେ । କେବେ, ମେଘ ମେଦୂର ନିଷ୍ପ୍ରଭ ନଭରେ–ମେଘର ପରଦାଟେକି ବିଞ୍ଚିଦିଏ ରାଶି ରାଶି ଆଲୋକର ବନ୍ୟା । ଏଇ ତ ଏ ମଣିଷର ମନସ୍ତତ୍ତ୍ୱ, ଚରିତ୍ରର ଚିତ୍ର ପଞ୍ଜିକା ତା' ଜୀବନ ପର୍ଦ୍ଦରେ ।

ଜୟଜିତ ଭବୁଥିଲେ ତାଙ୍କଝିଅ ଏବେ କେମିତି କେଉଁଠି ଥିବ ବିଚାରୀ କ'ଣ କରୁଥିବ ସେ । ଯାହାକି କିଛିବି ଜାଣନ୍ତି ନାହିଁ ସେ । ସତରେ କି ମହାଭୁଲ କରି ନାହାନ୍ତି ସେ । ସେଇ ବିକଳ ଆଖି ଓ ନିରୀହ ମୁହଁ ସେଇ ତାଙ୍କରି ରକ୍ତର କଣ୍ଢେଇ ପ୍ରତି କେତେ ଅନ୍ୟାୟ ନ କରିଛନ୍ତି ସେ । ଏତେ ସବୁ ଭାବୁ ଭାବୁ ଜୟଜିତ୍ ଯେବେ ଚାହିଁ ଦିଅନ୍ତି ସୁରକ୍ଷା ପାଇଁ ନିୟୋଜିତ ପାଖରେ ଦଣ୍ଡାୟମାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ । ସେଇ ଝିଅ ଏ.ସିପିଙ୍କୁ କାହିଁକି କେଜାଣି ତାଙ୍କରି ଚିତ୍ତରେ ମନହେଲା ସେ ତାଙ୍କରି ନିଜଝିଅ ବୋଲି । ତାଙ୍କରି ପରି ମୁଖ ଚେହେରା, ରଙ୍ଗ କାର୍ଯ୍ୟ ଦକ୍ଷତା । ଏକ ବାପାର ମନନେଇ ସେ ଲକ୍ଷ୍ୟ କରୁଥିଲେ ଏସବୁ । ମନ କହୁଥିଲା ତାଙ୍କ ଝିଅ ପାଖରେ ଥିଲେ ସେ ମଧ୍ୟ ଏମିତି ଅଫିସର ହୋଇଥାନ୍ତା । ହଠାତ୍ ତାଙ୍କରି ମୁଣ୍ଡ ଘୂରେଇଦେଲା ଚୌକିରୁ ପଡିଯାଉଥିଲେ ସିଏ ମୂର୍ଚ୍ଛିତ ହୋଇଯାଇଥିଲେ । ସୁରକ୍ଷାରେ କର୍ତ୍ତବ୍ୟରତ ସେଇ ଝିଅ ଏ.ସି.ପି ଜୟା ତାଙ୍କୁ ନେଇଯାଇଥିଲେ ନିଜ ଗାଡିରେ ମେଡିକାଲକୁ । ପାଖରେ ରହି ଦେଖାଶୁଣା କଲେ ନିଜ ପିତୃତୂଲ୍ୟ ମନେକରି । ଯେବେ ଜୟା ଜୟଜିତ୍‌ଙ୍କୁ ତାଙ୍କ ଘରକୁ ଛାଡିବାକୁ ଯାନ୍ତି । ଆରମ୍ଭ ହୁଏ ପରିଚୟ ପର୍ବ । ଅନେକ ଆଳାପ ଆଲୋଚନା ଅନ୍ତେ ଏବଂ ଅନାଥଶ୍ରମର ରେଜିଷ୍ଟର ଆଧାରରୁ ସେ ଜାଣିପାରିଥିଲେ କି, ଏଇ ଝିଅ ଜୟା ହିଁ ତାଙ୍କର ନିଜଝିଅ । ଯାହାକୁ–ପାଳିତ କନ୍ୟା ଭାବେ ସେଇ ଅନାଥଶ୍ରମରୁ ଗ୍ରହଣ କରିନେଇଥିଲେ, ଏକ ମେଳାର ଗହଳି ପୂର୍ଣ୍ଣ ଦୁର୍ଘଟଣାରେ ନିଜର ଏକମାତ୍ର ଶିଶୁପୁତ୍ରର ନିଖୋଜ ହେବା ପରେ –ବିବେକ୍‌ବାବୁ । ଯିଏକି ଜୟାକୁ ଯତ୍ନସହ ପାଳିପୋଷି ଉଚ୍ଚଶିକ୍ଷାଦେଇ ଆଜି ତାକୁ ଏକ ଅଫିସର ଭାବେ ଗଢି ତୋଳିଛନ୍ତି । ଅପରପକ୍ଷରେ ଯେଉଁ ପୁଅଟିକୁ ଜୟଜିତବାବୁ ଗ୍ରହଣ କରିଥିଲେ ଅନାଥଶ୍ରମରୁ ସେ ମଧ୍ୟ ଥିଲା ସେଇ ଯାତ୍ରା ମେଳା ଗହଳି ଦୁର୍ଘଟଣାରେ ନିଖୋଜ ହୋଇଯାଇ ଅନାଥଶ୍ରମରେ ବଢିଥିବା, ବିବେକ ବାବୁ ପୁଅ ବିସ୍ମୟ । ସବୁକିଛି ସ୍ପଷ୍ଟ ହୋଇଥିଲା ବିବେକ ବାବୁ ସେଠାକୁ ଆସିବା ପରେ । ଦୁଇ ପରିବାର ସବୁ ଅତୀତର ଅଶ୍ରୁଳ ଇତିହାସ । ରକ୍ତର ଆହ୍ୱାନ ଆକର୍ଷଣ ଶେଷରେ ମିଳନର ମହୋତ୍ସବ ଆଣିଦେଇଥିଲା– ଦୁଇପରିବାର ମଧ୍ୟରେ । ସେ ଦିନର ସେଇ ଭୁଲପାଇଁ ଅନୁତାପର ଅନଳରେ ଦଗ୍ଧିଭୂତ ପ୍ରାୟଶ୍ଚିତରୁ ଜିତିଯାଇଥିଲେ ଆଜି ଜୟଜିତବାବୁ । ସମ୍ପର୍କକୁ ସୁଦୃଢ କରିବାପାଇଁ ବିସ୍ମୟ ଓ ଜୟାଙ୍କ ବିବାହ ତିଥି ନିର୍ଦ୍ଧାରିତ କରୁଥିଲେ ଦୁଇବାପା ।

**ଦୁଆରଶୁଣି, ଗଞ୍ଜାମ**

# ଅନୁବାଦ ସାହିତ୍ୟ

## ବାଦଲ ଭୂୟାଁ

ସନ୍ଥ ଜେରୋମ ହିବ୍ରୁ ବାଇବେଲ୍‌କୁ ଲାଟିନ ଭାଷାରେ ଅନୁବାଦ କରି ଅନୁବାଦକ ପାଲଟି ଯାଇଥିଲେ । ଅନୁବାଦକ, ଛାତ୍ରଛାତ୍ରୀ, ପ୍ରକାଶକ, ପୁସ୍ତକ ବିକ୍ରେତା, ଅଭିଲେଖାଗାର ଅଧ୍ୟକ୍ଷ, ବୃତ୍ ଲେଖକ ଓ ସମୀକ୍ଷକମାନେ ତାଙ୍କ ସ୍ମୃତିରେ ଯେଉଁ ଅନୁବାଦ ଦିବସ ପାଳନ କରାଯାଉଛ, ସେହି ଅବସରରେ ସେମାନେ ସମସ୍ତେ ଏକତ୍ର ହୋଇ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ବିକାଶ ଉପରେ ଆଲୋଚନା କରନ୍ତି । ଏ କ୍ଷେତ୍ରରେ ବିଭିନ୍ନ ପ୍ରକାର ଚ୍ୟାଲେଞ୍ଜ ଉପରେ ଆଲୋଚନା ସହିତ ଏହି ଦିବସର ସଫଳତାକୁ ହର୍ଷୋଲ୍ଲାସରେ ପାଳନ କରନ୍ତି । ଚଳିତ ବର୍ଷ ଏହି ଦିବସ ଅବସରରେ ଓଡ଼ିଆ ଅନୁବାଦ ଲେଖକଙ୍କ ଉପରେ ସେମିନାର, ବହୁଭାଷାବାଦ, ଉଚ୍ଚ ଶିକ୍ଷାରେ ଅନୁବାଦର ସ୍ଥିତି, ପ୍ରକାଶନର ବିକଳ୍ପ ପନ୍ଥା ଏବଂ ମଞ୍ଚ ପାଇଁ ଅନୁବାଦ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥଇଲା । ସେତିକି ନୁହେଁ, ଅନୁବାଦ ସାହିତ୍ୟ ପ୍ରକାଶନ ପୂର୍ବରୁ କେଉଁଟି କାମ କରୁଛି ଓ କେଉଁଟି ନୁହେଁ, ସେ କ୍ଷେତ୍ରରେ ଲେକଙ୍କଠୁ ପାଠକ/ପାଠିକାଙ୍କ ପର୍ଯ୍ୟନ୍ତ ଶୃଙ୍ଖଳାର ସବିଶେଷ ଯାଞ୍ଚ ମଧ୍ୟ କରାଯାଏ । ଆଜିର ସମୟରେ ଅନୁବାଦ ସାହିତ୍ୟର ଗୁରୁତ୍ୱ ଓ ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି । ସମଗ୍ର ବିଶ୍ୱରେ ଗୋଟିଏ ଦେଶର ଶ୍ରେଷ୍ଠ ସାହିତ୍ୟକୃତି ବା ଜଣେ ବିଶିଷ୍ଟ ସାରସ୍ୱତ ସାଧକଙ୍କ ସୃଜନ ସାହିତ୍ୟ ବିଶ୍ୱର ବିଭିନ୍ନ ଭାଷାରେ ଅନୁବାଦ ହେବା ଦ୍ୱାରା ସମଗ୍ର ବିଶ୍ୱରେ ଏହା ପାଠକୀୟ ଆଦୃତି ପାଇବା ସହ ଲୋକମାନଙ୍କ ଭିତରେ ଅନୁବାଦ ସାହିତ୍ୟ ପ୍ରତି ଆଗ୍ରହ ଓ ଶ୍ରଦ୍ଧା ବଢୁଛି । ସମଗ୍ର ଭାରତରେ ଅନୁବାଦ ସାହିତ୍ୟର ଅତୁଳନୀୟ ଗୁରୁତ୍ୱ ମଧ୍ୟ ବଢୁଛି। ଭାରତୀୟ ଭାଷାରେ ଇଂରାଜୀ ହେଉ ବା ହିନ୍ଦୀ, ସଂସ୍କୃତ ହେଉ ବା ବେଙ୍ଗଲୀ ଏପରିକି ଅନେକ ଓଡ଼ିଆ କାଳଜୟୀ ସାହିତ୍ୟ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଅନୁବାଦ ହୋଇ ଏହା ପାଠକଙ୍କ ପାଖରେ ତା'ର ଅତୁଟ ଶ୍ରଦ୍ଧା ଓ ଆଗ୍ରହ ରକ୍ଷା କରିପାରିଛି । ଅନେକ ଓଡ଼ିଆ ସାହିତ୍ୟ ହିନ୍ଦୀ ଓ ଇଂରାଜୀରେ ଅନୁବାଦ ହୋଇ ଏହା ଲୋକଲୋଚନକୁ ଯିବା ଦ୍ୱାରା ଏହି ପୁସ୍ତକ ଓ ତାର ଲେଖକଙ୍କ ଉପରେ ଆଗ୍ରହୀ ପାଠକମାନେ ଜାଣିବାକୁ ସକ୍ଷମ ହୋଇପାରୁଛନ୍ତି । ଅନୁବାଦ ସାହିତ୍ୟ ଦ୍ୱାରା ବର୍ତ୍ତମାନର ପ୍ରତିଯୋଗିତାମୂଳକ ସମୟରେ ଛାତ୍ରଛାତ୍ରୀ ଓ ଗବେଷକମାନେ ନିଜ ମେଧା ଯୋଗ୍ୟତାକୁ ବଢ଼ାଇବା ପାଇଁ ସକ୍ଷମ ହେଉଛନ୍ତି । ପୌରାଣିକ ପୁସ୍ତକ ହେଉ ବା କ୍ରୀଡ଼ାଧର୍ମୀ, ରାଜନୀତି ହେଉ ବା ସାହିତ୍ୟ ଆଲୋଚନା ସବୁକିଛି ଆଜି ଅନୁବାଦିତ ହୋଇ ପାଠକମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସୃଜନ ସାହିତ୍ୟ ସାଧନାକୁ ପରିବ୍ୟାପ୍ତ କରିବାରେ ସକ୍ଷମ ହେଉଛି ।

**ଜାମସେଦପୁର,ମୋ–୭୪୮୮୯୯୮୫୩୨**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାକିସ୍ତାନକୁ...

ଦେଖିବାକୁ ମିଳିଥିଲା । ବିଶ୍ୱକପ୍‌ର ଏହି ମହାମୁକାବିଲାରେ ଆରମ୍ଭରୁ ଶେଷ ଯାଏଁ କେବଳ ଭାରତୀୟ ବ୍ୟାଟର ଓ ବୋଲିରଙ୍କ ଦବଦବା ଦେଖିବାକୁ ମିଳିଥିଲା । ବ୍ୟାଟିଂରେ ଫେଲ ମାରିଥିବା ପାକିସ୍ତାନ ବୋଲିଂରେ ମଧ ବିଶେଷ କିଛି କରିପାରିନାହିଁ । ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୃଷ୍ଟି ହୋଇଥିବା ଦର୍ଶକଙ୍କ ନୀଳ ସମୁଦ୍ର ଭିତରେ ରୋହିତ ଆଣ୍ଡ କୋ ତ୍ରିରଙ୍ଗା ଉଡାଇଛନ୍ତି । ସାରାବିଶ୍ୱର ନଜର ଏହି ମ୍ୟାଚ ଉପରେ ଥିଲା । ୧.୨ ଲକ୍ଷରୁ ଅଧିକ ଲୋକ ଏହି ମ୍ୟାଚ ଦେଖିଛନ୍ତି । ଚଳିତ ବିଶ୍ୱକପ୍‌ରେ ଏହା ଭାରତର ହ୍ୟାଟ୍ରିକ୍ ବିଜୟ । ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲର ନଂ.୧ ସ୍ଥାନକୁ ଉଠିଛି ।

ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୪୨.୫ ଓଭରରେ ୧୯୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଭାରତର ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, କୁଲଦୀପ ଯାଦବ, ରବିନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ । ୧୯୨ ରନ୍‌ର ଛୋଟିଆ ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ୧୨୭ ବଲ୍ ପୂର୍ବରୁ ୩ ୱିକେଟ୍ ହରାଇ ଏହାକୁ ହାସଲ କରିନେଇଥିଲା । ଅଧିନାୟକ ରୋହିତ ଶର୍ମା ୮୬ ରନ୍‌ର ବିସ୍ଫୋରକ ଇନିଂ ଖେଳିଥିଲେ ।

ବିଶ୍ୱକପ୍‌ରେ ଭାରତ ନିଜର ରେକର୍ଡକୁ ବଜାୟ ରଖିଛି । ଏହି ମ୍ୟାଚ ପୂର୍ବରୁ ଭାରତ ୧୯୯୨ ବିଶ୍ୱକପ୍‌ରେ ୪୩ ରନ୍, ୧୯୯୬ରେ ୩୯ ରନ୍, ୧୯୯୯ରେ ୪୭ ରନ୍, ୨୦୦୩ରେ ୬ ୱିକେଟ୍, ୨୦୧୧ରେ ୨୯ ରନ୍, ୨୦୧୫ରେ ୭୬ ରନ୍ ଏବଂ ୨୦୧୯ ବିଶ୍ୱକପ୍‌ରେ ଭାରତ ୮୯ ରନ୍‌ରେ ବିଜୟୀ ହୋଇଥିଲା ।

### ପିକଅପ୍...

ମୃତ ୩ଛାତ୍ର ସ୍ଥାନୀୟ ହରିରାଜପୁର ଗାଁର ଶୋହନ ନାୟକ,ଗୁଡୁ ପିରୋହୀ ଓ ଅବିନାଶ ଧଳ ବୋଲି ସେମାନଙ୍କ ପରିଚୟ ମିଳିଛି।ସେପଟେ ପିକଅପ ଗାଡିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଘଟଣା ସ୍ଥଳରେ ଉତେଜନା ଦେଖା ଦେଇଥିଲା ।ବାଙ୍କୀ ପୋଲିସ ଘଟଣା ସ୍ଥଳରେ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଗାଡିଟିକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବାଙ୍କୀ ଏସ, ଡି, ପି, ଓ ଜ୍ଞାନ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ବାଙ୍କୀ ଡାକ୍ତରଖାନା ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକ ଙ୍କ ପରିବାର ଲୋକେ କାନ୍ଦ ବୋବାଳି ରେ ଫାଟି ପଡୁଛି।

### ହମାସର...

ଠିଆ ହୋଇଛି । ପ୍ରାୟ ୨.୩ ନିୟୁତ ଗାଜା ବାସିନ୍ଦା ଏବେ ଏହି ଅଞ୍ଚଳ ଛାଡି ପଳାଇ ଯାଇଛନ୍ତି । ଇସ୍ରାଏଲ ଏବେ ଉତ୍ତରଗାଜା ସହର ଉପରେ ଫୋକସ କରିଛି । ଏଠାରେ ହମାସ ଆତଙ୍କବାଦୀଙ୍କ ହବ୍ ବୋଲି ଇସ୍ରାଏଲ ପ୍ରତିରକ୍ଷା ବିଭାଗ ବିବେଚନା କରିଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଉତ୍ତରଗାଜା ଷ୍ଟ୍ରିପ୍‌ରେ ରହୁଥିବା ବାସିନ୍ଦାମାନଙ୍କୁ ଦକ୍ଷିଣ ପାର୍ଶ୍ୱକୁ ଚାଲି ଯିବାକୁ ବାର୍ତ୍ତା ଦେଇଛନ୍ତି । ପୂର୍ବାହ୍ନ ୧୦ ଟାରୁ ୪ଟା ଯାଏ ସ୍ଥାନାନ୍ତର କରିଡର ଖୋଲାଯିବ । ଏହି ସମୟରେ କୌଣସି ଆକ୍ରମଣ ହେବନାହିଁ । ନିଜେ ନିଜ ସୁରକ୍ଷାରେ ଯିବାପାଇଁ କୁହାଯାଇଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ ତାଙ୍କ ସରକାର ହମାସ ବିରୋଧରେ ଯେ କୌଣସି ଶକ୍ତି ପ୍ରୟୋଗ କରିପାରେ । ପ୍ରାୟ ସପ୍ତାହେ ମଧ୍ୟରେ ୧୩୦୦ ଲୋକଙ୍କର ମୃତ୍ୟୁ ହେଲାଣି । ୧୫୦୦ ଲୋକ ମଧ ଗାଜା ସହରରେ ମୃତ୍ୟୁବରଣ କରିସାରିଲେଣି । ଲେବାନନ ସୀମା ଦେଇ ଅନୁପ୍ରବେଶ ଉଦ୍ୟମ କଲାବେଳେ ବହୁ ଆତଙ୍କବାଦୀଙ୍କୁ ଇସ୍ରାଏଲ ସେନା ହତ୍ୟା କରିଛି । ଏହି ଆତଙ୍କବାଦୀମାନଙ୍କୁ ଚିହ୍ନଟ କରାଯାଇଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି । ତେବେ ଆମେରିକାର ଟାଇମ୍ସ ସ୍କୋୟାରରେ ହଜାର ହଜାର ଲୋକ ପାଲେଷ୍ଟାଇନ୍ ସମର୍ଥନରେ ଶୋଭାଯାତ୍ରା କରିଛନ୍ତି ।

### ପର୍ଯ୍ୟଟକଙ୍କ...

୬ଟାରୁ ୯ଟା ମଧ୍ୟରେ ଯଶିପୁର ଫାଟକ ଦେଇ ସର୍ବପ୍ରଥମେ ଆସିଥିବା ୩୫ଟି ଯାନ ଓ ଲୁଲୁଙ୍ଗ ଦେଇ ୨୫ଟି ଯାନ ମୋଟ୍ ୬୦ଟି ଚାରିଚକିଆ ଯାନ ଶିମିଳିପାଳ ମଧ୍ୟକୁ ପ୍ରବେଶ କରିପାରିବ ଓ ପ୍ରତିଟି ଯାନରେ ଜଣେ ଲେଖାଏଁ ଗାଇଡ୍‌ଙ୍କୁ ନେବାର ନିୟମ ରହିଛି । ବିଶେଷକରି ପର୍ଯ୍ୟଟକମାନେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଥିବା କୁମାରୀ, ଗୁଡୁଗୁଡିଆ, ରାମତୀର୍ଥ, ବରେହିପାଣି ଓ ଜାମୁଆଣୀରେ ଥିବା ଯାତ୍ରୀନିବାସ ଗୁଡିକରେ ଅଗ୍ରୀମ ବୁକିଂ କରି ରାତ୍ରିଯାପନ କରିପାରିବେ । ରାତ୍ରୀଯାପନ କରିବାକୁ ଚାହୁଁଥିବା ପର୍ଯ୍ୟଟକ ମାନେ ଓଟିଓସି କିମ୍ବା ୱେବସାଇଟ୍‌ରେ ଅନ୍‌ଲାଇନ୍ କଟେଜ୍ ବୁକିଂ କରି ଏହି ସୁବିଧା ନେଇ ପାରିବେ । ଚଳିତ ବର୍ଷ ପର୍ଯ୍ୟଟକ ମାନଙ୍କ ପାଇଁ ଶିମିଳିପାଳକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସାଇକେଲ୍ ରାଇଡିଂ ଏବଂ ପିଲାମାନଙ୍କ ପାଇଁ ଇଣ୍ଡର ଖେଳ ଆଦିର ବ୍ୟବସ୍ଥା କରାଯାଇଥିବାବେଳେ ୱାଚ୍ ଟାୱାରରୁ ବନ୍ୟଜନ୍ତୁକୁ ଦେଖିବାର ମଧ ସୁଯୋଗ ପାଇପାରିବେ ପର୍ଯ୍ୟଟକ ମାନେ । ଏଥିସହ ପର୍ଯ୍ୟଟକ ମାନଙ୍କୁ ପ୍ରାକୃତିକ ଅନୁଭୂତି ଦେବା ପାଇଁ ସାନ୍ତାଳୀ ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶ କୁଟୀର ଓ ଟ୍ରିହାଉସର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

## ଚଳନ୍ତା ଗାଡ଼ିରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ୬ ଯାତ୍ରୀ

କୋରାପୁଟ,(ସବ୍ୟୁ): କୋରାପୁଟ ସହର ଉପକଣ୍ଠସ୍ଥ ନିଉ କଲୋନୀ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଚଳନ୍ତା ବୋଲେରୋ ଗାଡ଼ିରେ ନିଆଁ ଲାଗିଯାଇଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣା ଯୋଗୁଁ ୨୬ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପରେ ସ୍ଥାନୀୟ ପୁଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା ଓ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ବୋଲେରୋରେ ଦୁଇ ଜଣ ମହିଳା ଓ ଚାରି ଜଣ ପୁରୁଷ ଥିଲେ। ସେମାନେ ଉମରକୋଟରୁ ସେମିଳିଗୁଡା ବ୍ଲକ୍ ରେଂଗା ପଞ୍ଚାୟତ ମାଳିଗୁଞ୍ଜା ଗାଁକୁ ଯାଉଥିଲେ। ରାସ୍ତାରେ ଚଳନ୍ତା ଅବସ୍ଥାରେ ହିଁ ଗାଡ଼ିରେ ନିଆଁ ଲାଗିଯାଇଥିଲା । ଫଳରେ ଡ୍ରାଇଭର ଗାଡ଼ି ରଖି ଦେବାରୁ ସମସ୍ତେ ବଞ୍ଚି ଯାଇଥିଲେ। ତେବେ ଗାଡ଼ି ସଂପୂର୍ଣ୍ଣ ଭାବେ ଜଳି ଯାଇଛି ।

## ସ୍କୁଟିକୁ ପିଟିଲା ଟ୍ରକ୍ : ଝିଅ ମୃତ, ବାପା ଗୁରୁତର

ଭବାନୀପାଟଣା/ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ନିକଟରେ ଶନିବାର ସକାଳୁ ସକାଳୁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଠାରେ ଏକ ଟ୍ରକ୍ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଜୟପାଟଣା ଥାନା ଟେମରା ଗାଁର ମିନାକ୍ଷୀ ନାଏକ(୧୭)। ଗୁରୁତର ହୋଇଥିବା ହେମରାଜ ନାଏକଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହେମରାଜ ଓ ମିନାକ୍ଷୀ ବାପା-ଝିଅ ବୋଲି ଜଣାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଗୋଲାମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବୁଡି ରହିଲା ୧୧୫୭ ହେକ୍ଟର ଜମି : ଏବେ ପୋକ ପ୍ରାଦୁର୍ଭାବ

ଜଳେଶ୍ୱର, (ସବ୍ୟୁ) ଗତ କିଛିଦିନ ତଳେ ଲଘୁଚାପ ଜନିତ ବର୍ଷାରେ ଜଳେଶ୍ୱରର ୧୧୫୭ ହେକ୍ଟର ଜମିରେ ଜଳସ୍ରୋତ ଚାଲିଥିଲା । କ୍ଷତିକ୍ଷତି ଆକଳନ ଚାଲିଥିବା ବେଳେ ବହୁ ସ୍ଥାନରୁ ଚାଷ ନଷ୍ଟ ହୋଇଥିବାର ଅଭିଯୋଗ ଆସୁଛି । ବର୍ଷା ପରେ ବିଭିନ୍ନ ସ୍ଥାନରେ ଲିଭ ଫୋଲ୍ଡର, ମୂଳପଚା, କାଣ୍ଡବିନ୍ଧା ପୋକ ଇତ୍ୟାଦି ବ୍ୟାପକଭାବେ ମାଡୁଥିବାରୁ ଗର୍ଭ ହୋଇଥିବା ଧାନ ପ୍ରଭାବିତ ହେବବୋଲି କୁହାଯାଇଛି । ଜଳେଶ୍ୱର ବ୍ଲକରେ ମୋଟ ୨୩ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥାଏ । ସେଥିରୁ ପ୍ରାୟ ୨୦ହଜାର ହେକ୍ଟର ଜମିରେ ଧାନ ଓ ୩ ହଜାର ହେକ୍ଟର ଜମିରେ ପରିବା ଚାଷ ହୋଇଥାଏ । ଚଳିତବର୍ଷ ୧୯୮୫୫ ହେକ୍ଟର ଜମି ରୁଆପୋତା ହୋଇଥିବା ବେଳେ ପ୍ରାୟ ୫ଶହ ହେକ୍ଟର ଜମି ବର୍ଷା ଅଭାବରୁ ରୁଆପୋତା ହୋଇପାରିନଥିଲା । ବର୍ଷ ତମାମ କମ ବର୍ଷା ହୋଇଥିବାରୁ ଚଳିତବର୍ଷ ଚାଷ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଥିଲା । ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ମାତ୍ର ୨୪ଘଣ୍ଟାରେ ୨୨୭ ମିମି ବର୍ଷା ହେବାରୁ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଥିଲା । ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦେଖାଦେବାରୁ ଜଳେଶ୍ୱରର ବିଭିନ୍ନ ଅଂଚଳର ୪ଦିନ ଧରି ବୁଡି ରହିଥିଲା । ରାଜସ୍ୱ ନିରୀକ୍ଷକ, କୃଷି କର୍ମଚାରୀ ଓ ପରିସଂଖ୍ୟାନ ବିଭାଗ କର୍ମଚାରୀମାନେ ଅଦ୍ୟାବଧି କ୍ଷୟକ୍ଷତି ଆକଳନ କରୁଛନ୍ତି ବୋଲି ଗୋଷ୍ଠୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି କହିଛନ୍ତି । କିନ୍ତୁ ୧୧୫୭ ପରିବର୍ତ୍ତେ ଏହାର ପରିମାଣ ଅଧିକ ହେବବୋଲି ଦାବି ହୋଇଛି । ଏପରିକି ପରିବା ଚାଷରେ ମଧ୍ୟ ବ୍ୟାପକ କ୍ଷତି ହୋଇଛି । ବର୍ଷାବେଳେ ନେତୁଆ, ସମ୍ପଡିଆ, ନାମ୍ପୋ, ଆରୁହା, ଖାଳିନା, ବାଇଗଣବାଡିଆ, ପଶ୍ଚିମବାର୍ଡ, ରାୟାଁରାମଚନ୍ଦ୍ରପୁର, ଖୁଲୁଡା, ବର୍ଦ୍ଧନା, ପଂଚାୟତର ବହୁ ଲୋକେ ଘରଦ୍ୱାର ଛାଡି ଅନ୍ୟତ୍ର ଆଶ୍ରୟ ନେଇଥିଲେ । ସେମାନଙ୍କୁ ବ୍ଲକ ପକ୍ଷରୁ ରନ୍ଧା ଓ ସୁଖିଲା ଖାଦ୍ୟ ଦିଆଯାଇଥିବା ସଂପର୍କରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା କହିଛନ୍ତି । ବର୍ଷା ଛାଡିଲାଣି କିନ୍ତୁ ଏବେ ପାଣିରେ ବୁଡିଥିବା ଧାନଗଛ ଆସ୍ତେ ଆସ୍ତେ ନଷ୍ଟ ହେଉଛି । ବ୍ୟାପକ ମୂଳପଚା, ଲିଭ ଫୋଲ୍ଡର, କାଣ୍ଡବିନ୍ଧା ଇତ୍ୟାଦି ବିଭିନ୍ନ ରୋଗପୋକ ପ୍ରାଦୁର୍ଭାବ ବଢିଚାଲିଛି । ଏ ସଂପର୍କରେ କୃଷି ଅଧିକାରୀଙ୍କୁ କହିବାରୁ ଜମିରେ ଚାଷୀମାନେ କରାଟେ, କାଲଡାନ, ଜୋସ୍, ରିଜେକ୍ଟ, ସେନିକ୍‌ଫ୍ଲୋ, କରାଗନ, ଅବଟାସ୍, ବିଲୋ ଓ ବିନାଶକ ନାମକ ଔଷଧ ସିଞ୍ଚନ ଲାଗି ପରାମର୍ଶ ଦେଇଛନ୍ତି । ଏବେ ଧାନଗଛରୁ କେଣ୍ଡା ବାହାରିବ । ଗର୍ଭଣା ସଂକ୍ରାନ୍ତିକୁ ସବୁଧାନ ବାହାରିଯିବାର ଲୋକକଥା ରହିଛି । ଏପରିସ୍ଥିତିରେ ରୋଗପୋକ ଦମନ ଲାଗି କୀଟନାଶକ ଯୋଗାଇ ଦେବାକୁ ଦାବି ହୋଇଛି ।

## ସୋର ପୌରାଞ୍ଚଳ ମାଷ୍ଟର ପ୍ଲାନ ପାଇଁ କର୍ମଶାଳା

ସୋର, , (ସବ୍ୟୁ) : ସୋର ପୌରଞ୍ଚଳରେ ମାଷ୍ଟର ପ୍ଲାନରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଆର୍‌ଭି ଆସୋଏଟ୍ ତରଫରୁ ଏକ କର୍ମଶାଳା ରୟେଲ ହୋଟେଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ମାଧବ ଧଡ଼ାଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି କର୍ମଶାଳରେ ସୋର ଅଞ୍ଚଳର ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ମତ ପୋଷଣ କରିଥିଲେ। ଆଗମୀ ୨୫ ବର୍ଷ ମଧ୍ୟରେ ପୌରାଞ୍ଚଳର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଇଣ୍ଡଷ୍ଟ୍ରୀ, ଡ୍ରେନେଜ୍, ସଲିଡୱେଷ୍ଟ ମେନେଜମେଣ୍ଟ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍ ଓ ରାସ୍ତାଘାଟ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଉପାଧକ୍ଷା ସସ୍ମିତା ଦାସ ଯୋଗଦେଇଥିବା ବେଳେ ଆର୍‌ଭି ଆସୋସିଏଟ୍‌ର ପ୍ରତିନିଧି ମାଷ୍ଟର ପ୍ଲାନ୍ ସଂପର୍କରେ ସୂଚନା ଦେଇଥିଲେ। ଏଥିରେ ସମସ୍ତ ପାରିଷଦ, ସୋର ନାଗରିକ ମଞ୍ଚ, ବିକାଶ ମଞ୍ଚ, ବଣିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

## ଶିଳ୍ପ ଓ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଭଦ୍ରକ ଗସ୍ତ, ସମୀକ୍ଷା

ଭଦ୍ରକ,(ସବ୍ୟୁ):ଶିଳ୍ପ ବିଭାଗ ଓ ମତ୍ସ୍ୟବିଭାଗ ନିର୍ଦ୍ଦେଶକ ସାଦିକ୍ ଆଲମ୍ ଦିନିକିଆ ଭଦ୍ରକ ଗସ୍ତରେ ଆସି ଦୁଇ ବିଭାଗର କାର୍ଯ୍ୟାନ୍ୱୟନର ଧାରା ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଶ୍ରୀଯୁକ୍ତ ଆଲାମ୍ ଭଣ୍ଡାରୀପୋଖରୀ ବ୍ଲକ ସରସଦାଠାରେ ଶିଳ୍ପ ବିଭାଗର ଏସଏଫଆରୟୁଟିଆଇ ଯୋଜନାରେ ସ୍ଥାପିତ ଅଗରବତୀ କ୍ଲଷ୍ଟର ଓ ସୁରୁବଣଠାରେ ସ୍ଥାପିତ ମତ୍ସବିଭାଗର ଟି.ଏସ୍. ମହେଶ୍ୱରୀଙ୍କ ବାୟୋଫ୍ଲୋକ୍ ଓ ମତ୍ସ୍ୟପୋଖରୀ ପରିଦର୍ଶନ କରି ସେମାନଙ୍କର କାରବାର ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ପ୍ରକଳ୍ପ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ପିଏମଇଜିପି ଯୋଜନାରେ ସ୍ଥାପିତ ଗେଲପୁର ନିକଟସ୍ଥ ରାଜେଶ କୁମାର ମିଶ୍ରଙ୍କ ମହାନଦୀ ଆଲମିରା ଓ ଅନୁରାଗ ମଲ୍ଲିକଙ୍କର ଶ୍ରୀ ଗଣେଶ ଏଣ୍ଟର ପ୍ରାଇଜସ୍ ପରିଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଦୁଇବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାଏକ ଓ ଉପମତ୍ସ୍ୟ ନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର ଯୋଗ ଦେଇଥିଲେ। ନିର୍ଦ୍ଦେଶକ ଅଧିକାରୀମାନଙ୍କୁ ୫ଟି ଓ ମୋ ସରକାର ପରିସର ମଧ୍ୟରେ ଏହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶିଳ୍ପ ଓ ମତ୍ସ୍ୟ ବିଭାଗର ସଂଘ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ଭଦ୍ରକ ଇଗୁଲ୍ ଆଇସ୍‌କ୍ରିମ୍ ଶିଳ୍ପ ଏବଂ ବିଦେଇପୁରସ୍ଥିତ କୃଷ୍ଣଚନ୍ଦ୍ର ଘଡ଼େଇଙ୍କର ନିର୍ମାଣାଧୀନ ଚିଙ୍ଗୁଡ଼ି ଖାଦ୍ୟ ତିଆରି ପ୍ରକଳ୍ପ ପରିଦର୍ଶନ କରିଥିଲେ। ଉକ୍ତ ସମୀକ୍ଷା ବୈଠକ ଓ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲାର ସମସ୍ତ ଶିଳ୍ପ ବିକାଶ ଅଧିକାରୀ, ଶିଳ୍ପ ପର୍ଯ୍ୟବେକ୍ଷକ, ଉନ୍ନୟନ ଅଧିକାରୀ ଖଦୀ ଗ୍ରାମୋଦ୍ୟଗ ବୋର୍ଡ଼,ଡିପାଟିମ୍‌ର ସମସ୍ତ ଅଧିକାରୀ ଓ ମତ୍ସବିଭାଗ ତରଫରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଜାନକୀ ବେହେରା, ଜିଲ୍ଲାର ସମସ୍ତ ସହକାରୀ ମତ୍ସ୍ୟଅଧିକାରୀ ଯୋଗଦାନ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାଇବର ସଚେତନତା ବୈଠକ

ବାଲେଶ୍ୱର, (ସବ୍ୟୁ) : ସାଇବର ସୁରକ୍ଷା ବାର୍ତ୍ତାନେଇ ରାଜ୍ୟ ବ୍ୟାପୀ ଆରମ୍ଭ ହୋଇଥିବା ଅଭିଯାନ କାର୍ଯ୍ୟକ୍ରମ ଶନିବାର ଦିନ ନୂଆପାଢୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଥିଲା । ରେମୁଣା ପୁଲିସ ପ୍ରଶାସନର ସହଯୋଗରେ ଏକ ସଚେତନତା ଯାନ ସହ ମାସ୍କଟ ସାଇରାକୁ ବିଶ୍ୱ ବିଦ୍ୟାଳୟର ସମସ୍ତଙ୍କ ଉପସ୍ଥିତିରେ ଅଭିନନ୍ଦନ କରାଯାଇଥିଲା । ଏଥିସହ ସାଇବର ଅପରାଧର ଶୀକାର ନହେବାର ଉପାୟ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଥିଲା । ପୁଲିସ ବିଭାଗ ତରଫରୁ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ଅତିରିକ୍ତ ଏସ୍‌ପି ପିକେ ଦଳେଇ, ଡିଏସ୍‌ପି ହେଡ୍‌କ୍ୱାଟର ଆଲୋକ କୁମାର ରାୟ ନୀଳଗିରି ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ,ରେମୁଣା ଥାନା ଆଇଆଇସି ଆର୍ତ୍ତତ୍ରାଣ ସେଠୀଙ୍କ ସମେତ ବହୁ ପୋଲିସ ଓ ସୁରକ୍ଷା କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ ଦେ, କୁଳ ସଚିବ କୁକୁମିନା ଦାସ ପ୍ରମୁଖଙ୍କ ସମେତ ବିଶ୍ୱବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସାଇବର ସୁରକ୍ଷା ଅଭିଯାନର ପ୍ରଯୋଜକ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗୀତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ. ନିହାର ରଂଜନ ରାଉତ, କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଓ ବିଶ୍ୱ ବିଦ୍ୟାଳୟ ଲୋକସମ୍ପର୍କ ଅଧିକାରୀ ସର୍ମିଷ୍ଠା ମହାରଣା ଧନ୍ୟବାଦ ପ୍ରଦାନ କରିବା ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ଅନ୍ତରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ପାଳିତ

ଭଦ୍ରକ,(ସବ୍ୟୁ):ପୁରୁଣାବଜାର ସ୍ଥିତ ଏନ.ସି. ହାଇସ୍କୁଲ ସଭା ଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ କନ୍ୟା ସନ୍ତାନ ଦିବସ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡ. ଦେବରାଜ ପାଣିଗ୍ରାହୀ ଯୋଗଦେଇ ବାଳିକାମାନଙ୍କୁ ସମ୍ମୁଖିନ ହେଉଥିବା ଆହ୍ୱାନର ମୁକାବିଲା କରିବାପାଇଁ ଗୁରୁତ୍ୱରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିଆନାର ସଂପାଦିକା ସୋଫିଆ ସେକ୍ ଯୋଗଦେଇ ବାଳିକାମାନଙ୍କୁ ସଶକ୍ତିକରଣ ଓ ମାନବଧିକାରର ସୁନିଶ୍ଚିତତା କରିବା ପାଇଁ ଆଲୋକପାତ କରିଥିଲେ। ଅନ୍ୟପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଏନ.ଏସ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁକ୍ରୀତୀ କର, ଶିକ୍ଷକ କମାଲ ଆଲାମ ଖାନ, ଶିକ୍ଷୟିତ୍ରୀ ପାର୍ବତୀ ହାଂସଦା ଏବଂ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ପରିଚାଳକ ମମିତା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଦେଢ଼ଶହ ରୁ ଉର୍ଦ୍ଧ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର ଅନ୍ତେବାସିନୀ ମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ଅହମ୍ମଦି ପରିଚାଳନା କରିଥିଲେ।

## ଓଡିଶା କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବନ୍ଧୁମିଳନ

ସିମୁଳିଆ, (ସବ୍ୟୁ) :ଓଡିଶା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ମାର୍କୋଣାସ୍ଥିତ ମା କଲ୍ୟାଣ ମଣ୍ଡପଠାରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମହାସଂଘର ଉପଦେଷ୍ଟା ବୀରେନ୍ଦ୍ର କୁମାର ରାୟ ମଞ୍ଚ ପରିଚାଳନା କରିଥିଲେ । ସଂଘର ରାଜ୍ୟ ସଭାପତି ଅଶୋକ ଚନ୍ଦ୍ର ଲେଙ୍କା,ବରିଷ୍ଠ ସଦସ୍ୟ ବସନ୍ତ କୁମାର ନାୟକ,ରାଜ୍ୟ ସଂପାଦକ ଦେବଦର୍ଶୀ ସାହୁ ଓ ଆଇନଜିବୀ ମନୋରଂଜନ ନାୟକ ପ୍ରମୁଖ ଯୋଗଦେଇ କ୍ଷତ୍ରୀୟ ଖଣ୍ଡାୟତମାନଙ୍କର ସୁରକ୍ଷାକୁ ତଥା ସେମାନଙ୍କ ସ୍ଥିତି ସଂପର୍କରେ ଆଲୋଚନା କରିବା ସହ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ଖଣ୍ଡାୟତ ଏଥିରେ ଅଂଶଗ୍ରହଣ କରି ନିଜସ୍ୱ ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିକାଶ ପରିଷଦର ସଂପାଦକ ଶ୍ୟାମସୁନ୍ଦର ସାମଲ, ଦିଲୀପ ପତିହାର, ମନୋରଂଜନ ନାୟକ, ଭଦ୍ରକ ଜିଲ୍ଲା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଓ ସଂଗଠକ ନିରଂଜନ ରଣ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସଂଘର ସଂଗଠକ ଗଣେଷ କୁମାର ନାୟକ ମଞ୍ଚ ଆହ୍ୱାନ କରିଥିବାବେଳେ ସଦସ୍ୟ ଶଶୀକାନ୍ତ ନାୟକ ଧନ୍ୟବାଦ ଆର୍ପଣ କରିଥିଲେ । ସଂଯୋଗ ହୋଇ ନ ପାରିବା ସହିତ ସ୍ୱଚ୍ଛ ପାଣି ପିଇବାକୁ ନାହିଁ । ଏଥି ସହିତ ଶ୍ରେଣୀ ଗୃହର ଛାତରୁ ପାଣି ଗଳିବା ସହ କାନ୍ଥ ଭାଙ୍ଗିବାକୁ ବସିଲାଣି । ଏହି ବିଦ୍ୟାଳୟଟିରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ନେଇ ପ୍ରତିବାଦରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ଆରମ୍ଭରୁ ବିଦ୍ୟାଳୟ ଫାଟକରେ ତାଲା ଦେଇ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା । ଦୀର୍ଘ ସମୟ ବସିବା ପରେ ସି.ଆର.ସି.ସି କରୁଣାକର ବେହେରା ଧାରଣସ୍ଥଳ ନିକଟରେ ପହଞ୍ଚି ବିଦ୍ୟାଳୟରେ ଉପୁଜିଥିବା ମୌଳିକ ସମସ୍ୟା ଗୁଡିକ ପୂରଣ କରିବାକୁ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ଗ୍ରାମବାସୀ ତଥା ଅବିଭାବକମାନେ ଦାବି ଜଣାଇଛନ୍ତି

## ଏଫ୍‌ଏମ୍‌ୟୁରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବାଲେଶ୍ୱର , (ସବ୍ୟୁ) :ବିଶ୍ୱମାନସିକ ସ୍ୱାସ୍ଥ୍ୟଦିବସ ଅବସରରେ ନୂଆପାଢୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ସମ୍ମିଳନୀ କକ୍ଷରେ ଆପ୍ଲାଏଡ୍ ସାଇକୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏକ ଦିନିଆ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଭିଦକୁ ଜଳ ଅର୍ପଣ ଓ ଛାତ୍ରୀମାନଙ୍କ ବିଶ୍ୱବିଦ୍ୟାଳୟ ସଂଗୀତଗାନ ସହ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରାଯାଇଥିଲା । ଆପ୍ଲାଏଡ୍ ସାଇକୋଲୋଜି ବିଭାଗର ସଂଯୋଜକ ଡ. ପବିତ୍ରମୋହନ ନାୟକ କାର୍ଯ୍ୟକ୍ରମର ଏକ ସଂକ୍ଷିପ୍ତ ଧାରଣା ଦେଇ ମାନସିକ ସ୍ୱାସ୍ଥ୍ୟ ଯତ୍ନର ଆବଶ୍ୟକତା ସମ୍ପର୍କରେ ସୁଚିତ କରିଥିଲେ ଓ ଆପ୍ଲାଏଡ୍ ସାଇକୋଲୋଜିର ଆସିଷ୍ଟାଣ୍ଟ ପ୍ରଫେସର ଶଶାଙ୍କ ଶେଖର ଗଡ଼ନାୟକ ଏହି ସେମିନାରର ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ହେଉଛି ଏକ ସର୍ବଭାରତୀୟ ମାନବିକ ଅଧିକାର ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟ ଅତିଥିଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସମ୍ମାନୀୟ ଅତିଥି ପିଜି କାଉନ୍‌ସିଲର ଅଧକ୍ଷ ସୂର୍ଯ୍ୟେନ୍ଦୁ କୁମାର ଦେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟବକ୍ତାଭାବେ ପ୍ରଫେସର ପ୍ରତାପ କୁମାର ରଥ ଓ ଅତିଥି ବକ୍ତାଭାବେ ଡ. ରୋଶନଲାଲ ଦେୱାଙ୍ଗନା ଯୋଗଦେଇଥିଲେ । କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅତିଥିମାନଙ୍କୁ ସମ୍ମାନୀତ କରିଥିଲେ । ସମସ୍ତେ ନିଜ ନିଜ ଅଭିଭାଷଣରେ ଶାରିରୀକ ସ୍ୱାସ୍ଥ୍ୟର ଯତ୍ନଠାରୁ ମାନସିକ ସ୍ୱାସ୍ଥ୍ୟର ଯତ୍ନ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମତଦେଇଥିଲେ । ସମସାମୟିକ ସମାଜରେ ସମସ୍ତେ ନିଜର ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ହେବାସହ ଏହାର ଉପଚାରଗୁଡ଼ିକ ସମ୍ପର୍କରେ ସଚେତନ ହେବାର ଆବଶ୍ୟକତା ରହିଛି । ସାମାଜିକ ଓ ବ୍ୟକ୍ତିଗତ ସ୍ତରରେ ଆମେ ମାନସିକ ସ୍ୱାସ୍ଥ୍ୟର ଅବସ୍ଥା ଏହାର ଚିକିତ୍ସାକୁ ଆପଣେଇବାକୁ ଅନୁରୋଧ କରିଥିଲେ । ସାଧାରଣ ଅଧିବେଶନରେ କାର୍ଯ୍ୟକ୍ରମର ମୁଖ୍ୟବକ୍ତା ପ୍ରଫେସର ପ୍ରତାପ କୁମାର ରଥ ଓ ସେମିନାରର ଅତିଥିବକ୍ତା ଡ. ରୋଶନଲାଲ ଦେୱାଙ୍ଗନା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନସ୍ତର ଓ ଏହାର ଯତ୍ନ ପାଇଁ ଦରକାର ଥିବା ସମସ୍ତ ସମାଧାନ ସୂତ୍ରଗୁଡ଼ିକୁ ନେଇ ଆଲୋଚନା କରିଥିଲେ । କୂଳପତି ଓ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । ଆପ୍ଲାଏଡ଼ ସାଇକୋଲୋଜିର ଆସିଷ୍ଟାଣ୍ଟ ପ୍ରଫେସର ଜସ୍ମିନ ସାମନ୍ତ ରାୟ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଓ ପ୍ରଫେସର ଶାଶଙ୍କଶେଖର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବଙ୍କ ଏମ୍ସ ଭୁବନେଶ୍ୱର ଗସ୍ତ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା ସମେତ ସମଗ୍ର ପୂର୍ବଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଦାହରଣ ପାଲଟିଛି ଏମ୍ସ ଭୁବନେଶ୍ୱର । ମେଡିକାଲ୍ ଶିକ୍ଷା ହେଉ ଅବା ଗବେଷଣା କିମ୍ବା ସ୍ୱଚ୍ଛତା, ସମସ୍ତ କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ କରୁଛି ଏହି ଜାତୀୟ ପ୍ରତିଷ୍ଠାନ । ଚିକିତ୍ସା ସେବା ପାଇବା ନିମନ୍ତେ ଏଠାରେ ହେଉଥିବା ଭିଡ଼ ହିଁ ଏମ୍ସ ଭୁବନେଶ୍ୱର ପ୍ରତି ଜନସାଧାରଣଙ୍କ ଥିବା ଆସ୍ଥାକୁ ପ୍ରମାଣିତ କରୁଥିବା ମତପ୍ରକାଶ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆରାଧନା ପଟ୍ଟନାୟକ (ଆଇଏଏସ୍) । ଏମ୍ସକୁ ତାଙ୍କର ଦୁଇ ଦିନିଆ ଗସ୍ତ ଅବସରରେ ଶ୍ରୀମତୀ ପଟ୍ଟନାୟକ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ବାର୍ତ୍ତାଳପ କରିଥିଲେ ।



କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବଙ୍କୁ ଏମ୍ସକୁ ସ୍ୱାଗତ କରିବା ସହିତ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶିଷ୍ଟ ସଂକ୍ରାମକ ରୋଗ ବିଶେଷଜ୍ଞ ଡ. ଆଶୁତୋଷ ବିଶ୍ୱାସ ଏମ୍ସରେ ଜାରି ରହିଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରକଳ୍ପ ଏବଂ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରିଥିଲେ । ଏମ୍ସରେ ଯକୃତ(ଲିଭର) ପ୍ରତିରୋପଣ ସେବା ଆରମ୍ଭ ହେବା ନେଇ ସୂଚନା ଦେଇଥିଲେ । ସମସ୍ତଙ୍କ ମିଳିତ ସହଯୋଗ ଏବଂ ଦଳଗତ କାର୍ଯ୍ୟ କାରଣରୁ ଏମ୍ସ ଭୁବନେଶ୍ୱର ରୋଗୀସେବା, ଗବେଷଣା ଏବଂ ବିଭିନ୍ନ କ୍ଷେତ୍ରରେ ଏହାର ଗୌରବମୟ ଦଶନ୍ଧି ଯାତ୍ରା କାଳରେ ସର୍ବସାଧାରଣଙ୍କ ଆସ୍ଥା ଜିଣିପାରିଥିବା ଡ. ବିଶ୍ୱାସ ପ୍ରକାଶ କରିଛନ୍ତି ।

ଏହି ଅବସରରେ ଯୁଗ୍ମ ସଚିବ ଶ୍ରୀମତୀ ପଟ୍ଟନାୟକ ଅତ୍ୟାଧୁନିକ ବର୍ଣ୍ଣ ସେଣ୍ଟର, ସିଏସ୍‌ଏସ୍ଡି, ଏମ୍‌ଆରଡି, ପେଟ୍-ସିଟି, ରେଡିଏସନ୍ ଅଙ୍କୋଲୋଜି ସହିତ ଅନ୍ୟାନ୍ୟ ବିଭିନ୍ନ ସେବା ପରିଦର୍ଶନ କରିଥିଲେ । ଏମ୍ସରେ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ନିମନ୍ତେ ଥିବା ପ୍ରତିବଦ୍ଧତା ନିମନ୍ତେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ପ୍ରଶଂସା କରିଥିଲେ କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବ । ସେହିପରି କ୍ରମାଗତ ଭାବେ ସମ୍ମାନଜନକ ଏନ୍‌ଆଇଆରଏଫ୍ ଏବଂ ଇଣ୍ଡିଆ ଟୁଡେ ତାଲିକାରେ ଉଚ୍ଚସ୍ଥାନ ଅଧିକାର କରିଚାଲିଥିବାରୁ ଅନୁଷ୍ଠାନକୁ ଶ୍ରୀମତୀ ପଟ୍ଟନାୟକ ଅଭିନନ୍ଦନ ଜଣାଇଥିଲେ ।

ଏହି ଅବସରରେ ଯୁଗ୍ମ ସଚିବଙ୍କ ସହ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ୍ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗୀୟ ମୁଖ୍ୟ ଏବଂ ଅଧ୍ୟାପକ/ଅଧ୍ୟାପିକାମାନଙ୍କ ସହିତ ବିଶେଷ ବୈଠକ କରିଥିଲେ ଯୁଗ୍ମ ସଚିବ ଆରାଧନା ପଟ୍ଟନାୟକ । ସେହିପରି ସିସିଏଚ୍‌, ନୂତନ ଟ୍ରମା ଏବଂ ଜରୁରୀକାଳୀନ କୋଠା, ପ୍ରାଶାସନିକ ଭବନ ଏବଂ ଧର୍ମଶାଳା ପରି ଏକାଧିକ ଚିକିତ୍ସା ସୁବିଧାଗୁଡ଼ିକର ଅଗ୍ରଗତିନେଇ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଶ୍ରୀମତୀ ପଟ୍ଟନାୟକ ଓପିଡି କାଉଣ୍ଟରରୁ ତାଙ୍କର ଆଭା ନମ୍ବର କରିବା ସହିତ ଡିଜିଟାଲ ଇଣ୍ଡିଆକୁ ନେଇ ପ୍ରଧାନମନ୍ତ୍ରୀଙ୍କ ରହିଥିବା ଭିଜନ୍‌କୁ ଏମ୍ସ ସଫଳତାର ସହିତ ଅନୁପାଳନ କରୁଥିବା ପ୍ରଶଂସା କରିଥିଲେ ।

ଗସ୍ତ ଅବସରରେ ଶ୍ରୀମତୀ ପଟ୍ଟନାୟକ ଏମ୍ସ ଭୁବନେଶ୍ୱରର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । ମେଡିକାଲ୍, ପାରାମେଡିକାଲ୍, ନର୍ସିଂ ଆଦି ଛାତ୍ରଛାତ୍ରୀଙ୍କ ସମାଜ ପ୍ରତି ଥିବା ସେମାନଙ୍କର ଦୂରଦୃଷ୍ଟି ଏବଂ ଭଲପାଇବାକୁ ନେଇ ବିଶେଷ ପ୍ରଭାବିତ ହୋଇଥିଲେ । ବାହାନଗା ରେଳ ଦୁର୍ଘଟଣାର ମୃତକଙ୍କ ଶବ ପରିଚାଳନାରେ ଏମ୍ସ ଭୁବନେଶ୍ୱରର ସଫଳ ପରିଚାଳନା ଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀମତୀ ପଟ୍ଟନାୟକ ।

ଉଲ୍ଲେଖଯୋଗ୍ୟଯେ ଏମ୍ସ ଭୁବନେଶ୍ୱର ଅନୁସନ୍ଧାନ ଏବଂ ରୋଗୀ ସେବା ଉପରେ ଧ୍ୟାନ ଦେଇ ଅନେକ ଜାତୀୟ ପ୍ରତିଷ୍ଠାନ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ସେହିଭଳି, ଏହି ଜାତୀୟ ଅନୁଷ୍ଠାନ ସଫଳତାର ସହିତ ବାହାନଗା ରେଳ ଦୁର୍ଘଟଣାର ୧୬୨ ପାର୍ଥିବ ଶରୀରକୁ ସଂରକ୍ଷଣ କରିବା ଏବଂ ପରିଚାଳନା କରିବାର ସଫଳତା ବହନ କରୁଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ଚିଲିକାରେ 'ସଂକଳ୍ପ ସମାବେଶ'

## ପରଶ୍ରୀକାତର ରାଜ୍ୟ ସରକାର ମତ୍ସ୍ୟଜୀବୀଙ୍କ ବିକାଶରେ ବାଧକ ସାଜିଛନ୍ତି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିଲିକା ଭଳି ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ବ୍ୟବସାୟକୁ ବଢାଇବା ପାଇଁ ପ୍ରୋତ୍ସାହନ ଦେଉଥିବା ବେଳେ ପରଶ୍ରୀକାତର ତଥା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ରାଜ୍ୟ ସରକାର ମତ୍ସ୍ୟଜୀବୀଙ୍କ ବିକାଶରେ ବାଧକ ସାଜିଛନ୍ତି । ଶନିବାର ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ସୋରଣ ଠାରେ ଆୟୋଜିତ 'ସଂକଳ୍ପ ସମାବେଶ'ରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଚିଲିକା ମାଟି ମହାପ୍ରଭୁ ଶ୍ରୀଜଗନ୍ନାଥ, ମାଆ କାଳିଜାଇ, ମାଆ ଭଗବତୀଙ୍କ ପ୍ରତି ଥିବା ଆବେଗକୁ ଦର୍ଶାଏ ଛ ଓଡ଼ିଶାର ଜନଜୀବନକୁ ବୁଝିବାକୁ ହେଲେ ଏହି ଅଞ୍ଚଳକୁ ଭଲରେ ବୁଝିବାକୁ ହେବ । ସୋରଣ ମାନସିଂହପୁର ଏକ ମତ୍ସ୍ୟଜୀବୀ ଆଧାରିତ ଗାଁ ଛ ଚିଲିକାର ଖଇଙ୍ଗା ମାଛ ଭାରି ସ୍ୱାଦିଷ୍ଟ । ମାତ୍ର ଭୁବନେଶ୍ୱର ବଡ ବଡିଆ ଅଧିକାରୀମାନେ ଓ ଚିଲିକା ସହ ଯୋଡି ହୋଇ ନଥିବା ଲୋକମାନେ ମାଛ ବ୍ୟବସାୟକୁ କବଜା କରିବାକୁ ଚାହୁଁଛନ୍ତି । ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ହେବ । ଯଦି ଗୁଜୁରାଟ ଭଳି ରାଜ୍ୟ ଭାରତର ସବୁଠୁ ବଡ ସାମୁଦ୍ରିକ ଖାଦ୍ୟ ଓ ଉତ୍ପାଦର ବଡ ରପ୍ତାନୀକାରୀ ରାଜ୍ୟ ହୋଇପାରୁଛି ତେବେ ଓଡ଼ିଶା କାହିଁକି ହୋଇପାରିବ ନାହିଁ ? ମତ୍ସ୍ୟଜୀବୀ ବିକାଶର ଲାଭ



ଆଣିବା ପାଇଁ ହେଲେ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ପାଇଁ ତାଙ୍କ ଅନୁଯାୟୀଙ୍କୁ ଜିତାଇବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଓଡ଼ିଶା ସରକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା ପ୍ରାୟ ସାଢେ ୨୭ ଲକ୍ଷ ଘର ନିର୍ମାଣ କରିବା ପାଇଁ ମୋଦି ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ଦିଆଯାଇଥିବା ବେଳେ ଏବେ ସୁଦ୍ଧା ରାଜ୍ୟରେ ୧୭ ଲକ୍ଷ ୫୬ ହଜାର ୭୧୪ ଘର ନିର୍ମାଣ ହୋଇପାରିଛି । ନିର୍ଦ୍ଧାରିତ ସମୟରେ ବଳକା ୯ ଲକ୍ଷ ୮୨ ହଜାର ୭୧୩ ଘର ନିର୍ମାଣ କରିବା ପାଇଁ ହେଲେ ଓଡ଼ିଶା ସରକାରଙ୍କୁ ଦିନକୁ ପ୍ରାୟ ୯ ହଜାର ଘର ନିର୍ମାଣ କରିବା ପାଇଁ ଆବଶ୍ୟକ ଥିବା ବେଳେ ଦିନକୁ ମାତ୍ର ୩୨ଟି ଘର ନିର୍ମାଣ କରୁଛନ୍ତି । ଏହା ଗରିବ ବିରୋଧୀ ସରକାରର ଲକ୍ଷଣ ଛ ଓଡ଼ିଶାରେ ଓଡ଼ିଆ ଜାତି, ଆବେଗକୁ ଦବା ଯାଇପାରିବ ନାହିଁ । ଏଠାକାର ସରକାର ବିକାଶ ନୁହେଁ ବିନାଶ କରିଛନ୍ତି ବୋଲି ସେ କହିଛନ୍ତି । ଏହି ସଂକଳ୍ପ ସମାବେଶରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ସୋରଣ ମାନସିଂହପୁର ଠାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ୧୯୯୯ ମସିହାରେ ମାଫିଆଙ୍କ ବେଆଇନ ଚିଙ୍ଗୁଡ଼ି ଘେରିକୁ ପ୍ରତିବାଦ କରି ସୋରଣ ଗୁଳିକାଣ୍ଡରେ ଶହୀଦ ହୋଇଥିବା ମତ୍ସ୍ୟଜୀବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ

## ଭୁବନେଶ୍ୱର ଠାରେ ନୋଟ୍ ଏବଂ ମୁଦ୍ରା ବିନିମୟ ମେଳା

ଭୁବନେଶ୍ୱର (ସବ୍ୟୁ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରର ରୁଚିକା ମାର୍କେଟ୍‌ସ୍ଥିତ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ଦୁର୍ଗାମଣ୍ଡପ ଠାରେ ନୋଟ୍ ଏବଂ ମୁଦ୍ରା ବିନିମୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷେତ୍ରୀୟ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରିଥିଲେ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଦେବୀ ପ୍ରସାଦ ପଣ୍ଡାଙ୍କ ସମେତ ଆର୍‌ବିଆଇର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଏଥିରେ ଉପସ୍ଥିତ ଥିଲେ। କ୍ଲିନ୍ ନୋଟ୍ ନୀତିରେ ଦେଶକୁ ସହଯୋଗ କରିବାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏହିପରି ଉଦ୍ୟମକୁ କ୍ଷେତ୍ରୀୟ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ପ୍ରଶଂସା କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର କ୍ଷେତ୍ର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସର୍ଭେଶ ରଞ୍ଜନ, ଉପ-ଆଞ୍ଚଳିକ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ଆର୍. ଦେବରାଜ, ଉପ-ଆଞ୍ଚଳିକ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ମୁଖ୍ୟ ରଞ୍ଜିତ କୁମାର ସିଂ,




ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ନିରଞ୍ଜନ ବାରିକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ କୁମାର ମିଶ୍ର, ସହାୟକ ମହାପ୍ରବନ୍ଧକ ସନ୍ଦୀପ ଦାସ ମହାପାତ୍ର, ସହାୟକ ମହାପ୍ରବନ୍ଧକ ପାଣ୍ଡବ ସାହୁ, ନୟାପଲ୍ଲୀ ଶାଖାର ମୁଖ୍ୟ ପ୍ରବନ୍ଧକ ପ୍ରଭାକର ସେଠୀ, ବରମୁଣ୍ଡା ଶାଖାର ମୁଖ୍ୟ ପ୍ରବନ୍ଧକ ଦୀନେଶ ଭୁଜବଳ, କରେନ୍ସି ଚେଷ୍ଟ ଇନ୍‌ଚାର୍ଜ ଅଭିମନ୍ୟୁ ନାଏକ ଏବଂ ବରମୁଣ୍ଡା ଶାଖା ଏବଂ କରେନ୍ସି ଚେଷ୍ଟର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସର୍ବସାଧାରଣଙ୍କର ପୁରୁଣା, ମଇଳା ଓ ଚିରାଫଟା ନୋଟ୍‌କୁ ବଦଳାଇ ନୂଆ ନୋଟ୍ ଏବଂ କଏନ୍ ଦେବାର ବ୍ୟବସ୍ଥା କରିବା ସହ ସର୍ବସାଧାରଣଙ୍କୁ ମୁଦ୍ରା ବିତରଣ କରିଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଗାମୀ ଦିନରେ ଏହିପରି ଅଧିକ କାର୍ଯ୍ୟକ୍ରମମାନ ଆୟୋଜନ କରିବ ଏବଂ କ୍ଲିନ୍ ନୋଟ୍‌ର ଉଦ୍ଦେଶ୍ୟ ସଫଳ କରାଇବାରେ ଦେଶକୁ ସାହାଯ୍ୟ କରିବାକୁ ଏହି କାର୍ଯ୍ୟକ୍ରମର ଲାଭ ଉଠାଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରୁଛି।

## ଜିଲ୍ଲାସ୍ତରୀୟ ଲୋକ ଅଦାଲତ ୪୫ଲକ୍ଷ ୨୫ହଜାର ଟଙ୍କା ଆଦାୟ

ଖୋର୍ଦ୍ଧା (ସବ୍ୟୁ): ସ୍ଥାନୀୟ ଜୁଡିସିଆଲ କୋର୍ଟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ।ଏଥିର ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାଧାନରେ ଲୋକ ଅଦାଲତ ପରିଚାଳନା ହୋଇଥିଲା ।ଏଥିରେ ପରିବାର ଅଦାଲତ ଜଜ ରାଜେଶ କୁମାର ନାୟାର, ସିଭିଲ ଜଜ ମହିଳା (ବରିଷ୍ଠ) ବିଚାରପତି ଚିନ୍ମୟୀ ରଥ, ସିଭିଲ ଜଜ (ବରିଷ୍ଠ) ସୁନୀତା କୁମାରୀ ଖଣ୍ଡେଲୱାଲ, ସିଭିଲ ଜଜ (କନିଷ୍ଠ) ପ୍ରଭାତ କୁମାର ସାମଲ, ଜେଏମଏଫସି ଲିପସା ରାଉତ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ୯ଟି ମକଦ୍ଦମା ଫଏସଲା କରାଯାଇ ୪୫ଲକ୍ଷ ୨୫ହଜାର ଟଙ୍କା ଆଦାୟ କରାଯାଇଛି ।ତାଲୁକ ଆଇନ ସେବା କମିଟି ସମ୍ପାଦକ ବସନ୍ତ କୁମାର ଶତପଥୀ ଏହାକୁ ସଂଯୋଜନା କରିଥିଲେ । ଓକିଲ ସଂଘ ସମ୍ପାଦକ ମନ୍ମଥ କୁମାର ମିଶ୍ରଙ୍କ ସମେତ ବହୁ ଆଇନଜିବୀମାନେ ଏଥିରେ ଯୋଗଦେଇଥିଲେ ।

## ଅଙ୍ଗଦାନ କରିବାକୁ ନାମ ପଞ୍ଜୀକରଣ କଲେ ପିଣ୍ଟୁ ନନ୍ଦଙ୍କ ମାଉସୀ




ଭୁବନେଶ୍ୱୀ (ସବ୍ୟୁ): ଅଙ୍ଗଦାନକୁ ଦୁନିଆର ସର୍ବଶ୍ରେଷ୍ଠ ଦାନ ଭାବେ ଆଖ୍ୟା ଦିଆଯାଇଛି । ଏହାକୁ ଭଲ ଭାବେ ବୁଝିଛନ୍ତି, ପିଣ୍ଟୁ ନନ୍ଦଙ୍କ ମାଉସୀ ତଥା ସାଲେପୁର ଅଞ୍ଚଳର ୭୩ ବର୍ଷିୟା ବୃଦ୍ଧା ଶାନ୍ତିଲତା କର । ସେ ଗତ କିଛି ଦିନ ହେବ, ମୃତ୍ୟୁ ପରେ ନିଜ ଅଙ୍ଗଦାନ କରିବା ପାଇଁ ନାମ ପଞ୍ଜୀକରଣ କରିବାକୁ ଅତ୍ୟନ୍ତ ଇଚ୍ଛୁକ ଥିଲେ କିନ୍ତୁ ତାଙ୍କ କହିବାନୁସାରେ ଯେହେତୁ ସେ କୌଣସ ସ୍ୱେଚ୍ଛାସେବୀ ସଂଗଠନକୁ ଭଲ ଭାବେ ଜାଣି ନଥିଲେ, ସେଥିପାଇଁ ତାଙ୍କୁ ସୁଯୋଗ ମିଳି ନଥିଲା । ସେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ହୃଦୟରୁ ବହୁତ ସମ୍ମାନ କରନ୍ତି, ସେହି ଉଦ୍ଦେଶ୍ୟରେ ସେ ଓଡ଼ିଶା-ମୋ ପରିବାରର ଅଙ୍ଗଦାନ ପଞ୍ଜୀକରଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ପାଇବା ପରେ ସିଧା ସଳଖ ଓଡ଼ିଶା-ମୋ ପରିବାର କାର୍ଯ୍ୟାଳୟକୁ ଆସି ନିଜ ନାମ ପଞ୍ଜୀକରଣ କରାଇଥିଲେ । ତାଙ୍କ ଭଳି ସମସ୍ତ ବ୍ୟକ୍ତି ମଧ୍ୟ ସ୍ୱଇଚ୍ଛାରେ ଅଙ୍ଗଦାନ କରିବାକୁ ଆଗେଇ ଆସନ୍ତୁ ବୋଲି ଶାନ୍ତିଲତା କର କହିଛନ୍ତି ଏବଂ ପ୍ରତିଟି ଜୀବନ ମୂଲ୍ୟବାନ, ଯଦି ଆମେ ମୃତ୍ୟୁ ପରେ ଅଙ୍ଗ ଦାନ କରି ଅନ୍ୟ କାହାର ଉପକାର କରୁଛନ୍ତି ତେବେ ଏହା ଭଗବାନଙ୍କ ଆଶୀର୍ବାଦ ବୋଲି ସେ କହିଛନ୍ତି । ତାଙ୍କ ପରି ମହିଳା ସମାଜ ପାଇଁ ଏକ ଅନନ୍ୟ ଉଦାହରଣ । ବୃଦ୍ଧାବସ୍ଥା ଯୋଗୁଁ ଠିକ୍ ଭାବେ ଚାଲି ପାରୁ ନଥିଲେ ମଧ୍ୟ ସେ ନିଜ ନାମ ପଞ୍ଜୀକରଣ କରାଇବା ପାଇଁ ବହୁ ଦୂରରୁ ଆସିଥିଲେ ଏବଂ ଓଡ଼ିଶା-ମୋ ପରିବାର ଦ୍ୱାରା କରାଯାଉଥିବା ସମସ୍ତ ସେବାକାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ ।

### ରେଭେନ୍ସା ଛାତ୍ର ବିଦ୍ୟୁତ ତାରରେ ପୋଡି ହେବା ଘଟଣା

## ଏସସିବି ପରାମର୍ଶଦାତା ହେଲେ ସମ୍ବର୍ଦ୍ଧିତ, ଖୁବଶୀଘ୍ର ହେବ ରକ୍ତଦାନ ଶିବିର

କଟକ, (ସ୍ୱ. ପ୍ର ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଯୁକ୍ତ ତିନିର ଛାତ୍ର ଅଜୟ ହିୟାଲ ବିଦ୍ୟୁତ ତାରରେ ପୋଡି ହୋଇ ଗୁରୁତର ହୋଇଥିଲେ । ଏଘଟଣାର ଖବର ପାଇ ଏସସିବି ମୁଖ୍ୟ ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁ, ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅଜୟଙ୍କୁ ଏସସିବି ନେଇ ଚିକିତ୍ସା ବ୍ୟବସ୍ଥା କରିଥିଲେ । ଫଳରେ ଗୁରୁତର ଅଜୟ ସୁସ୍ଥ ହୋଇଥିଲେ । ଏପରି ମହତ୍ୱପୂର୍ଣ୍ଣ କାର୍ଯ୍ୟ କରି ଗୋଟିଏ ଜୀବନ ରକ୍ଷା କରିଥିବାରୁ ରେଭେନ୍ସା କୁଳପତି ସଞ୍ଜୟ ନାୟକ ଦିଲ୍ଲୀପଙ୍କୁ



ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ସମ୍ବର୍ଦ୍ଧନା ଉତ୍ତରରେ ଦିଲ୍ଲୀପ କହିଛନ୍ତି ମୁଁ ଯାହା କରିଛି ତାହା କେବଳ ମୋର କର୍ତ୍ତବ୍ୟ ସବୁ ଶ୍ରେୟ ଡାକ୍ତର ମାନଙ୍କର । ସେ ଏ ଅବସରରେ କୁଳପତି ଶ୍ରୀ ନାୟକଙ୍କୁ ଏସସିବି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବା ଓ ଏନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ । କୁଳପତି ଶ୍ରୀ ନାୟକ ଏହା ଏକ ଉତ୍ତମ ପ୍ରସ୍ତାବ ଓ ଏହା ଖୁଶୀଘ୍ର ଆୟୋଜନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ଫଳରେ ଦିଲ୍ଲୀପ ଖୁସି ବ୍ୟକ୍ତ କରିବା ସହ କୁଳପତି ଶ୍ରୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ଆଦିଶକ୍ତି ଚାରି ଟେବୁଲ୍ ଟ୍ରଷ୍ଟ ଇଣ୍ଡିଆ ପକ୍ଷରୁ

## ଓଡିଶାରେ ପ୍ରଥମ ଥର ପାଇଁ ଦେବୀ ଭାଗବତ ପୁରାଣ

ଭୁବନେଶ୍ୱର (ସବ୍ୟୁ) : ମା ଆଦିଶକ୍ତିଙ୍କୁ କିପରି ପୂଜା କରାଯାଇ ପାରିବ ଓ କାହିଁକି ଆମେ ତାଙ୍କର ପୂଜା କରିବା ସେ ବିଷୟରେ ସମସ୍ତଙ୍କୁ ଅବଗତ ଓ କଲ୍ୟାଣ କରାଇବା ଏହି ଦେବୀ ଭାଗବତ ପୁରାଣ ର ମୂଳ ଲକ୍ଷ୍ୟ, ଆମକୁ ସୃଷ୍ଟି କରିଥିବା ବିଶ୍ୱ ନିୟନ୍ତାଙ୍କ ସୃଷ୍ଟିର କଥା ଓ ତାଙ୍କ ମହିମାର ପ୍ରଚାର ଓ ପ୍ରସାର କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ସାଧାରଣ ଲୋକ ଓ ମା ଆଦିଶକ୍ତିଙ୍କ ଭିତରେ ଦୂରତା କମାଇ ତାଙ୍କର ପୂଜା ସମସ୍ତେ ସହଜରେ କରି ପାରିବେ ଏହା ଆମର ଗୋଟେ ଛୋଟ ପ୍ରୟାସ, ଆଦିଶକ୍ତି ଟ୍ରଷ୍ଟ ଇଣ୍ଡିଆ ପକ୍ଷରୁ ପ୍ରଥମ କରି ଦେବୀ ଭାଗବତ ପୁରାଣ ଆସନ୍ତା ୧୫.୧୦.୨୩ ଦିନ ୨ ଘଟିକାରେ ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରବକ୍ତା ସ୍ୱାମୀଜି କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଜୀଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ଦାସ



ମହାପାତ୍ର ମୁଖ୍ୟ ବାଡଗ୍ରାହି ମା ସୁଭଦ୍ରାଙ୍କ ଦ୍ୱାରା ଉଦଘାଟିତ କରାଯାଇ ଆରମ୍ଭ କରାଯିବ । ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯିବା ର ଉଦ୍ଦେଶ୍ୟ ସାଧାରଣ ଲୋକ ଙ୍କୁ ଦେବୀ ମହିମା ଓ ତତ୍ତ୍ୱ ବିଷୟ ରେ ଅବଗତ କରାଇବା, ନବରାତ୍ର ପୂଜା କାହିଁକି କରା ଯାଇଥାଏ ଓ ପ୍ରତି ଦିନ ପୂଜା ପାଇବାକୁ ଥିବା ଦେବୀ ମା ଙ୍କ ମହିମା ଓ କାହିଁକି ଆମେ ତାଙ୍କ ପୂଜା କରିବା ବିସ୍ତୃତ ଭାବେ ସମସ୍ତଙ୍କୁ ଅବଗତ କରାଇବା ମୁଖ୍ୟ ଉଦ୍ଦେଶ୍ୟ ।

## କାନାରା ବ୍ୟାଙ୍କ ତରଫରୁ ଫିଟ୍ ଇଣ୍ଡିଆ ଅଭିଯାନ

ଭୁବନେଶ୍ୱର (ସବ୍ୟୁ) : କାନାରା ବ୍ୟାଙ୍କ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ଫିଟ୍ ଇଣ୍ଡିଆ ଅଭିଯାନ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଫିଟ୍‌ନେସ୍ ସମ୍ବନ୍ଧୀୟ ସଚେତନତା ସମସ୍ତଙ୍କ ପାଖରେ ପହଂଚାଇବା ପାଇଁ ବ୍ୟାଙ୍କ ପକ୍ଷରୁ ଖଣ୍ଡଗିରିଠାରୁ କଳିଙ୍ଗ ଷ୍ଟୁଡିଓ ପର୍ଯ୍ୟନ୍ତ



ଏକ ରାଲିର ଆୟୋଜନ କରାଯାଇଥିଲା ଏବଂ ଏଥିରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରାୟଙ୍କ ସମେତ ଅଭିନେତା ନିଲ ପଣ୍ଡା ଏବଂ ନିର୍ଦ୍ଦେଶକ ମହେଶ ହାଜରା ଯୋଗ ଦେଇଥିଲେ। ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




## ଫାଉଣ୍ଡେସନ ପକ୍ଷରୁ ଭଦ୍ରକରେ ବାତ୍ୟା ମୁକାବିଲା ପ୍ରସ୍ତୁତି ଅଭ୍ୟାସ ମକ ଡ୍ରିଲ

ଭୁବନେଶ୍ୱର (ସବ୍ୟୁ) : ଆନ୍ତର୍ଜାତିକ ବିପର୍ଯ୍ୟୟ ଆପଦ ପ୍ରଶମନ ଦିବସରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ କସିଆ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳଠାରେ ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ଏକ ବାତ୍ୟା ମୁକାବିଲା ପ୍ରସ୍ତୁତି ଅଭ୍ୟାସ (ମକ ଡ୍ରିଲ) ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମୁଣ୍ଡଳିସ୍ଥିତ ଏନ୍‌ଡିଆରଏଫ୍ ୩ୟ ବାଟାଲିଅନ୍ ର ବୈଷୟିକ ମାର୍ଗଦର୍ଶନ ଏବଂ ବାସୁଦେବପୁରର ଲାଇଫ ଲାଇନ୍ ଏନ୍‌ଜିଓର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିପର୍ଯ୍ୟୟ ଆପଦ ହ୍ରାସ ନିମନ୍ତେ ସଚେତନତା ସୃଷ୍ଟି ଏବଂ ଗୋଷ୍ଠୀ ସ୍ତରରେ ପ୍ରସ୍ତୁତିରେ ବୃଦ୍ଧି ଘଟାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମୂଲ୍ୟବାନ ଜୀବନ ଓ ଜୀବିକାକୁ ସୁରକ୍ଷିତ କରିବାରେ ଗୋଷ୍ଠୀସ୍ତରରେ ସଚେତନତା ଏବଂ ପ୍ରସ୍ତୁତି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପ୍ରାୟ ୬୦ ଜଣ ଗୋଷ୍ଠୀ ସ୍ୱେଚ୍ଛାସେବୀ ଏବଂ ଆପଦ ମିତ୍ରଙ୍କ ସମେତ ସାନକୃଷ୍ଣପୁର ଗ୍ରାମର ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା



ଓ ରକ୍ଷଣାବେକ୍ଷଣ କମିଟିର ସଦସ୍ୟବୃନ୍ଦ ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସାନକୃଷ୍ଣପୁର ଗ୍ରାମ ଅନେକ ସମୟରେ ଶକ୍ତିଶାଳୀ ଝଡବାତ୍ୟାର ସମ୍ମୁଖୀନ ହେଉଛି ଏବଂ ଏହା ସମୁଦ୍ର ଉପକୂଳ ଅଞ୍ଚଳରେ ଅବସ୍ଥିତ ଥିବାରୁ ସୁନାମି ଜନିତ ଆପଦ ଏହାପ୍ରତି ଅତ୍ୟଧିକ ରହୁଛି । ଏହି ପ୍ରସ୍ତୁତି ଅଭ୍ୟାସ ତଥା କର୍ମଶାଳାରେ ସ୍ଥାନ ପାଇଥିବା ବିଭିନ୍ନ ଦିଗ ମଧ୍ୟରେ ସୁନାମି / ବାତ୍ୟା ଏବଂ ତାହାର ଭୟାବହତାକୁ ଚିହ୍ନଟ କରିବା, ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ପ୍ରସ୍ତୁତି ଅଭ୍ୟାସର ଉଦ୍ଦେଶ୍ୟ ସଚେତନତା, ଆଦ୍ୟ ସତର୍କ ସୂଚନା ଏକତ୍ର କରିବା, ଜରୁରୀ ପରିସ୍ଥିତିରେ ସ୍ୱେଚ୍ଛାସେବୀ ଏବଂ ପ୍ରଥମ ପଦକ୍ଷେପ ଗ୍ରହଣକାରୀଙ୍କ ଭୂମିକା, ବାତ୍ୟା ସମୟରେ କ'ଣ କରିବା ଉଚିତ ଏବଂ କ'ଣ କରିବା ଅନୁଚିତ, ସାପ କାମୁଡା ଭଳି ଘଟଣାକୁ ରୋକିବା ଏବଂ ସେ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ, ଜରୁରୀକାଳୀନ ଖୋଜାଖୋଜି ଏବଂ ଦଉଡି ଓ ନଟ୍ ସହାୟତାରେ ଉଦ୍ଧାର କୌଶଳ, ଜରୁରୀକାଳୀନ ପରିବହନ ପଦ୍ଧତି-ମୃତ୍ୟୁ ଘଟଣା, ଆଦି ଅନ୍ତର୍ଭୁକ୍ତ ଥିଲା ।

### ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ରିଟେଲ୍ ଲୋନ୍ ଫେଷ୍ଟର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ପାର୍ବଣ ଋତୁ ପାଇଁ ଆଇଡିବିଆଇ ବ୍ୟାଙ୍କ, ଅକ୍ଟୋବର ୧୬ ଓ ୧୭ ତାରିଖ ୨୦୨୩ରେ 'ରିଟେଲ୍ ଲୋନ୍ ଫେଷ୍ଟ'ର ଶୁଭାରମ୍ଭ କରିବାକୁ ଯାଉଛି। ବ୍ୟାଙ୍କର ବ୍ରାଣ୍ଡ ଫିଲୋସୋଫି 'ବ୍ୟାଙ୍କ ଏସା ଦୋସ୍ତ ଜୈସା'କୁ ବିସ୍ତାର କରି ଏହି ଲୋନ୍ ଫେଷ୍ଟରେ ବ୍ୟାଙ୍କର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ ଏବଂ ହାଉସିଂ ଲୋନ୍, ଅଟୋ ଲୋନ୍, ଏଜୁକେଶନ ଲୋନ୍, ଲୋନ୍ ଏଗେନ୍‌ଷ୍ଟ ପ୍ରପର୍ଟି, ପର୍ସନାଲ ଲୋନ୍ ଓ ଲୋନ୍ ଏଗେନ୍‌ଷ୍ଟ ସିକ୍ୟୁରିଟିଜ୍ ସମେତ ରିଟେଲ୍ ଲୋନ୍‌ଗୁଡିକର ଏକ ବିସ୍ତୃତ ଶୃଙ୍ଖଳାରେ ସ୍ୱତନ୍ତ୍ର ସୁବିଧା ସାମିଲ ରହିଛି। ବ୍ୟାଙ୍କ ପକ୍ଷରୁ ରିଟେଲ୍ ଲୋନ୍ ଫେଷ୍ଟକୁ ପରିଚାଳନା କରିବା ପାଇଁ ୧୨୫ରୁ ଉର୍ଦ୍ଧ୍ୱ ନିର୍ଦ୍ଦିଷ୍ଟ ଶାଖା ଚିହ୍ନଟ କରାଯାଇଛି ଯାହା ଭାରତବ୍ୟାପୀ ୮୧ଟି ଜିଲ୍ଲା, ୮୮ଟି ସେଂଟର୍ ଓ ୨୨ଟି ରାଜ୍ୟର ଭୂଭାଗକୁ ଅନ୍ତର୍ଭୁକତ କରିବ। ଏସମ୍ପର୍କରେ ଆଇଡିବିଆଇ ବ୍ୟାଙ୍କର ଡିଏମ୍‌ଡି ଶ୍ରୀ ସୁରେଶ ଖାତାନ୍‌ହର କହିଛନ୍ତି, 'ଏହି ରିଟେଲ୍ ଲୋନ୍ ଫେଷ୍ଟ ହେଉଛି ପାର୍ବଣ ଋତୁ ସମୟରେ ଗ୍ରାହକଙ୍କ ଆକାଂକ୍ଷା ସହ ମେଳ ଖାଉଥିବା ଉତ୍ପାଦଗୁଡିକର ଏକ ଶୃଙ୍ଖଳା ସହ ସେମାନଙ୍କ ନିକଟରେ ପହଂଚିବା ପାଇଁ ଆଇଡିବିଆଇ ବ୍ୟାଙ୍କର ଏକ ପ୍ରୟାସ। ତତ୍କାଳ ପ୍ରୋସେସିଂ ସହ ଜଡିତ ଫେଷ୍ଟ ସମୟରେ ପ୍ରଦାନ କରାଯାଉଥିବା କଷ୍ଟମାଇଜ୍‌ଡ ଫିଚର ଓ ଆକର୍ଷଣୀୟ ଅବଧି ଗ୍ରାହକଙ୍କ ପାଇଁ ଏକ ଆନନ୍ଦଦାୟକ ଅନୁଭୂତି ସୁନିଶ୍ଚିତ କରିବା'

## ପାର୍ବଣ-୨୦୨୩ ପାଇଁ ପ୍ରସ୍ତୁତ କ୍ୟାରେଟ୍‌ଲେନ୍

ଭୁବନେଶ୍ୱର, (ସବ୍ୟୁ) : ତନିସ୍କର ପାର୍ଟନରସିପ୍ ଷ୍ଟୋର ତଥା ଦେଶର ଅନ୍ୟତମ ଅଗ୍ରଣୀ ଓମ୍ନିଚ୍ୟାନେଲ ଗହଣା ନିର୍ମାତା କ୍ୟାରେଟ୍‌ଲେନ୍ ପାର୍ବଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି । ପୂଜା ଅବସରରେ କମ୍ପାନୀ ପକ୍ଷରୁ ଏକ ଆକର୍ଷଣୀୟ କଲେକ୍ସନ 'ଆଲ୍‌ପୋନା'ର ବଜାର ପ୍ରବେଶ କରାଯାଇଛି । ଏହା ସହିତ ମନଲୋଭା ଡିଜାଇନଗୁଡ଼ିକରେ ଆକର୍ଷଣୀୟ ଅଫର ଆଣିଛି ଷ୍ଟୋର । ପାରମ୍ପରିକ ବେଙ୍ଗଲୀ ଆର୍ଟ ଷ୍ଟାଇଲ ଏବଂ ୮ଟି ସ୍ୱତନ୍ତ୍ର ଭାବରୁ କ୍ୟାରେଟ୍‌ଲେନ୍‌ର ଏହି ନୂଆ କଲେକ୍ସନ 'ଆଲ୍‌ପୋନା' ପ୍ରେରିତ । ଗହଣାର ଜଟିଳ ଢାଞ୍ଚାଗୁଡ଼ିକ ସମୃଦ୍ଧତା, ଉତ୍ତମ ସ୍ୱାସ୍ଥ୍ୟ ଏବଂ ବିଜୟର ପ୍ରତୀକ ବହନ କରୁଛି । ଜୀବନରେ ଏହି ସାଙ୍କେତିକ ଉପାଦାନଗୁଡ଼ିକୁ ଆଣି ଏହି କଲେକ୍ସନ ସେଲିବ୍ରେସନର ଆରମ୍ଭକୁ ଦର୍ଶାଉଛି । ପାର୍ବଣକୁ ଅଧିକ ଉତ୍ସବମୁଖର କରିବା ପାଇଁ କ୍ୟାରେଟ୍‌ଲେନ୍ ୪୦୦୦ରୁ ଉର୍ଦ୍ଧ୍ୱ ଡିଜାଇନ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରୁଛି । ଏହାସହିତ ପୁରୁଣା ସୁନା ଏକ୍ସଚେଞ୍ଜରେ ଗ୍ରାହକଙ୍କୁ ଏହା 'ଜିରୋ ଡିଡକ୍ସନ' ସୁବିଧା ଦେଉଛି । ଏଣୁ ଚଳିତ ପାର୍ବଣରେ କ୍ୟାରେଟ୍‌ଲେନ୍ ଗହଣା କ୍ରୟ



ପାଇଁ ଉପଯୁକ୍ତ ସ୍ଥଳ ପାଲଟିଛି ।

କ୍ୟାରେଟ୍‌ଲେନ୍ ଡିଜାଇନଗୁଡ଼ିକ ଉପହାର ଏବଂ ସମସ୍ତ ପ୍ରକାର ପାରିବାରିକ ସେଲିବ୍ରେସନ ପାଇଁ ଉପଯୁକ୍ତ । ଉପହାର ପ୍ରଦାନ ପାଇଁ କ୍ୟାରେଟ୍‌ଲେନ୍ ୫,୦୦୦ ଟଙ୍କାରୁ ଆରମ୍ଭ କରି ବ୍ୟାପକ ରେଞ୍ଜ୍ ଡିଜାଇନ ରହିଛି । କୌଣସି ଦମ୍ପତିଙ୍କ ପ୍ରଥମ ଦୀପାବଳି ହେଉ କିମ୍ବା ପରିବାର ଅବା ବନ୍ଧୁଜନଙ୍କୁ ଉପହାର ପ୍ରଦାନ, କ୍ୟାରେଟ୍‌ଲେନ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି । ସେମାନେ କ୍ୟାରେଟ୍‌ଲେନ୍‌କୁ ପସନ୍ଦ କରିଥାନ୍ତି, କାରଣ ଏହାର ଡିଜାଇନଗୁଡ଼ିକ ଜଟିଳ ଏବଂ ସମସ୍ତ ଷ୍ଟାଇଲକୁ ଖାପ ଖାଇଲା ଭଳି ଉଦ୍ଦିଷ୍ଟ । ନିଜର ପ୍ରିୟଜନଙ୍କ ପ୍ରତି ଥିବା ପ୍ରେମକୁ ଦର୍ଶାଇବା ପାଇଁ କ୍ୟାରେଟ୍‌ଲେନ୍‌ର ଗହଣା ଉପହାରସ୍ୱରୂପ ପ୍ରଦାନ କରିବାଠାରୁ ଉତ୍ତମ ବିକଳ୍ପ ଆଉ କିଛି ନାହିଁ ବୋଲି କୁହନ୍ତି କ୍ୟାରେଟ୍‌ଲେନ୍‌ର ଭିପି (ମାର୍କେଟିଂ) ଜେନିଫର ପାଣ୍ଡ୍ୟା ।

ଗ୍ରାହକଙ୍କ ସୁବିଧା ପାଇଁ କେବଳ ଭୁବନେଶ୍ୱରରେ କ୍ୟାରେଟ୍‌ଲେନ୍‌ର ଏବେ ୪ଟି ଷ୍ଟୋର ରହିଛି । ସମଗ୍ର ଦେଶରେ ୨୪୦ରୁ ଉର୍ଦ୍ଧ୍ୱ ଷ୍ଟୋର ରହିଛି । ଗ୍ରାହକ ଏହି ଷ୍ଟୋରଗୁଡ଼ିକୁ ଯାଇ ନିଜ ପସନ୍ଦର ଗହଣା କିଣିପାରିବେ କିମ୍ବା କମ୍ପାନୀର 'ଟ୍ରାଏ ଆଟ୍ ହୋମ' ସେବାର ଲାଭ ଉଠାଇପାରିବେ ।

## ୱାଲମାର୍ଟ ଫାଉଣ୍ଡେସନ ଅନୁଦାନ ସମର୍ଥନରେ କ୍ଷୁଦ୍ରଧାରୀ ମହିଳା କୃଷକଙ୍କର ଆର୍ଥିକ ସ୍ୱାଧୀନତାରେ ଉନ୍ନତି ପରିଲକ୍ଷିତ ହେଉଛି

ଭୁବନେଶ୍ୱର (ସବ୍ୟୁ): ଆନ୍ତର୍ଜାତିକ ଗ୍ରାମାଞ୍ଚଳ ମହିଳା ଦିବସ ଅବସରରେ ୱାଲମାର୍ଟ ଫାଉଣ୍ଡେସନ ପ୍ରଦାନ, ଆକସେସ, ମର୍ସି କର୍ପସ ଏବଂ ସ୍ରିଜନ ଭଳି ଏନଜିଓଗୁଡିକର ପ୍ରଭାବୀ ପ୍ରୟାସ ସମ୍ପର୍କରେ ଆଲୋକପାତ କରୁଛି, ଯେଉଁମାନେ ୱାଲମାର୍ଟ ଫାଉଣ୍ଡେସନର ମାର୍କେଟ ଆକସେସ ପ୍ରୋଗ୍ରାମ ସହିତ ସହଯୋଗିତାରେ କାର୍ଯ୍ୟ କରୁଛନ୍ତି ।

ୱାଲମାର୍ଟ ଫାଉଣ୍ଡେସନ ତାହାର ମାର୍କେଟ ଆକସେସ ପ୍ରୋଗ୍ରାମ ଜରିଆରେ ଆନ୍ଧ୍ର ପ୍ରଦେଶ, ଝାଡଖଣ୍ଡ, କର୍ଣ୍ଣାଟକ, ଓଡ଼ିଶା, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ମହାରାଷ୍ଟ୍ର ଆଦି ଭାରତର ନଅଟି ରାଜ୍ୟରେ କୃଷକ ସମୁଦାୟଙ୍କୁ ସମର୍ଥନ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛି। ଭାରତରେ କୃଷକଙ୍କ ଜୀବିକାରେ ଉନ୍ନତି ଆଣିବା ପ୍ରତିଶୃତିକୁ ପରିବ୍ୟାପ୍ତ କରି ୨୦୨୩ ମାର୍ଚ୍ଚରେ ୱାଲମାର୍ଟ ଫାଉଣ୍ଡେସନ ଏକ ନୂତନ ପାଞ୍ଚ ବର୍ଷିଆ କୌଶଳାତ୍ମକ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଥିଲା, ଯାହା ୨୦୨୮ ସୁଦ୍ଧା ୧ ନିୟୁତ କ୍ଷୁଦ୍ରଧାରୀ କୃଷକଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି ଏବଂ ସେମାନଙ୍କ ମଧ୍ୟରେ ଅନ୍ୟୂନ ୫୦ ପ୍ରତିଶତ ମହିଳା କ୍ଷୁଦ୍ରଧାରୀ କୃଷକ ହୋଇଥିବେ। ୨୦୧୮ରୁ ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୯ ନିୟୁତ ଡଲାର ନିବେଶ କରାଯାଇସାରିଛି ଏବଂ ଏହା ୫୦୦ କୃଷକ ଉତ୍ପାଦକ ସଂଗଠନ / କୃଷକ ଉତ୍ପାଦକ ଗୋଷ୍ଠୀ ନିକଟରେ ପହଞ୍ଚିବାକୁ ଡିଜାଇନ କରାଯାଇଛି, ଯେଉଁଥିରେ ୮୦୦,୦୦୦ କୃଷକଙ୍କୁ ସାମିଲ କରିବା ଲକ୍ଷ୍ୟ ରହିଛି ଏବଂ ସେଥିମଧ୍ୟରୁ ଅର୍ଦ୍ଧାଧିକ ମହିଳା ଅଟନ୍ତି ।

## ଦୂର୍ଗା ପୂଜା ପାଇଁ ଅଜ୍‌ମଲ୍ ପର୍‌ଫ୍ୟୁମ୍‌ସର ସ୍ୱତନ୍ତ୍ର ଗିଫ୍ଟ ସେଟ୍

ଭୁବନେଶ୍ୱର (ସବ୍ୟୁ) : ଅଜ୍‌ମଲ୍ ପର୍‌ଫ୍ୟୁମ୍‌ସ ପକ୍ଷରୁ ଏକ ସ୍ୱତନ୍ତ୍ର ପାର୍ବଣ ଅଫର୍‌ର ଶୁଭାରମ୍ଭ କରାଯାଇଛି ଯାହା ଗ୍ରାହକଙ୍କୁ ସମସ୍ତ ପାଂଟାଲୁନ୍‌ସ ଷ୍ଟୋର୍‌ରେ ଅତିରିକ୍ତ ନିଶ୍ଚିତ ଲାଭ ସହିତ ସେମାନଙ୍କର ପସନ୍ଦର ସୁଗନ୍ଧର ଏକ ବାକ୍ସ ପ୍ରସ୍ତୁତ କରିବା ପାଇଁ ଅନୁମତି ଦେବ। ଅଜ୍‌ମଲ୍ ପର୍‌ଫ୍ୟୁମ୍‌ସରେ ଏକ ସ୍ୱତନ୍ତ୍ର ରେର ଫ୍ରାଗ୍ରାନ୍ସ ବା ସୁଗନ୍ଧ ପ୍ରସ୍ତୁତ କରାଯାଇଛି। ଅଜ୍‌ମଲ୍ ପର୍‌ଫ୍ୟୁମ୍‌ସ କ୍ୟୁରେଟେଡ୍ ପର୍‌ଫ୍ୟୁମ୍ ଗିଫ୍ଟ ସେଟ୍ ସହ ଚଳିତ ପାର୍ବଣ ଋତୁକୁ ପାଳନ କରୁଛି ଯାହାକି ଉପହାର ଭାବେ ଦେବା ପାଇଁ ଉପଯୁକ୍ତ ଅଟେ, ଏହା ପାଂଟାଲୁନ୍‌ସରେ ଯେକୌଣସି ଅଜ୍‌ମଲ୍ ପର୍‌ଫ୍ୟୁମ୍‌ସ ଷ୍ଟୋର୍‌ରେ ୧୫୦୦ ଟଙ୍କାର ସର୍ବନିମ୍ନ କ୍ରୟ ମୂଲ୍ୟରେ ଉପଲବ୍ଧ ହେଉଛି। ଏକ ଅଲ୍ଟିମେଟ୍ ଫେଷ୍ଟିଭ୍ ଅଫର୍ ଭାବେ ଗ୍ରାହକମାନେ ଅଜ୍‌ମଲ ପର୍‌ଫ୍ୟୁମ୍‌ସର ନିର୍ଦ୍ଧିଷ୍ଟ ଉତ୍ପାଦଗୁଡିକ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଭାରତରେ ଅଜ୍‌ମଲ୍ ପର୍‌ଫ୍ୟୁମ୍‌ସ, ପର୍‌ଫ୍ୟୁମ୍‌କୁ ଏକ ସୁଲଭ ବର୍ଗରେ ପରିଣତ କରିଛି ଏବଂ ୪୦୦ ଟଙ୍କାରୁ ଆରମ୍ଭ ହେଉଥିବା ମୂଲ୍ୟ ସହିତ ପର୍‌ଫ୍ୟୁମ୍ ରେଗୁଡିକର ଏକ ବିସ୍ତୃତ ଚୟନର ଶୁଭାରମ୍ଭ କରି ଗ୍ରାହକଙ୍କ ପାଇଁ ପ୍ରବେଶ ପ୍ରତିବନ୍ଧକ ଦୂର କରିଛି, ଯାହାଫଳରେ ଅଧିକରୁ ଅଧିକ ଲୋକ ସୁଗନ୍ଧ ବର୍ଗରେ ଯୋଗ ଦେଇପାରିବେ।

## ଡେଲି କାଫେରେ ଖୋଲିଲା ଦୀପାବଳି ଉପହାରର ନୂଆ ସମ୍ଭାର

ଭୁବନେଶ୍ୱର (ସବ୍ୟୁ): ଡେଲି କାଫେରେ ଶନିବାର ଦିନ ଏକ ବିଶେଷ ଦୀପାବଳି ଉପହାର କାଉଣ୍ଟରର ଉଦ୍‌ଘାଟନୀ ସମାରୋହ ଆୟୋଜନ ହୋଇଛି । ଏହି କାର୍ଯ୍ୟକ୍ରମ ରେ ଓଲିଉଡ୍ ର ଦୁଇ ଜଣ ସେଲିବ୍ରିଟି ଚୁଲବୁଲି ନାୟିକା ନୈନା ଦାଶ ଓ ଅଭିନେତା ପ୍ରୀତିରାଜ ଶତପଥୀ ଯୋଗଦେଇଥିଲେ । ଦୀପାବଳି ଅବସରରେ ଦୋକାନ ବଜାରରେ ଅନେକ ଭିଡ ଜମି ରହିଥାଏ । ଏଭଳି ପରିସ୍ଥିତିରେ ଦୀପାବଳି ସମୟରେ ବଜାରକୁ ଯାଇ ଉପହାର କିଣିବାର ସୁବିଧା ଯୋଗାଇବ ଏମ୍ପାୟାର୍ସ ସ୍ଥିତ ଡେଲି କାଫେ, ଯେଉଁଠାରେ ଆପଣ ପାଇବେ ମିଠା ଓ ଡ୍ରାଇ ଫ୍ରୁଟ୍ ର ଅସରନ୍ତି ସମ୍ଭାର ଓ ଫେସ୍ଟିଭ ସେଲିବ୍ରସନ ପ୍ୟାକେଟ, ଯେଉଁଥିରେ ମିଳିବ ୫୦ରୁ ଅଧିକ କିସମର ଦିୱାଲୀ ହାପ୍ପୀ ହ୍ୟାମ୍ପର୍ ପ୍ୟାକେଟ ଯାହା ଆରମ୍ଭ ହେବ




ଟ୫୦୦ଙ୍କା ରୁ ଟ୫୦୦୦ଙ୍କା ପର୍ଯ୍ୟନ୍ତ ସୁସଜ୍ଜିତ ରାପିଙ୍ଗ୍ ବକ୍ସ, ଟ୍ରେ ଏବଂ ଜୁଡି ସହିତ । ଅଧିକ ଅର୍ଡର କିମ୍ବା କର୍ପୋରେଟ୍ ଅର୍ଡର ପାଇଁ ଅଗ୍ରୀମ ବୁକିଂରେ ୧୦% ର ଏକ ସ୍ୱତନ୍ତ୍ର ରିହାତି ମଧ୍ୟ ଉପଲବ୍ଧ ।ହୋଟେଲ ଏମ୍ପାୟାର୍ସ ସ୍ଥିତ ଡେଲି କାଫେର ହାଇଜେନିକ୍, ସୁସ୍ୱାଦୁ ଶୁଖିଲା ଫଳ ଏବଂ ମିଠା ପରି ଏହି ସବୁ ଉପହାର ହେଉଛି ଆପଣଙ୍କ ସହକର୍ମୀ, ଗ୍ରାହକ, କର୍ମଚାରୀ, ବନ୍ଧୁଙ୍କ ସମେତ ନିକଟ ତଥା ପ୍ରିୟ ଲୋକଙ୍କ ମଧ୍ୟରେ ଖୁସି ବାଣ୍ଟିବା ପାଇଁ ବଡ଼ ଏକ ମାଧ୍ୟମ ଛ ଅପଡେଟ୍ ହୋଇଥିବା ସୂଚନା ପାଇଁ ଓ ଉପହାର ହାମ୍ପର୍ ପ୍ୟାକେଟ୍ ଚିତ୍ର ଏବଂ ଭିଡିଓ ଦେଖିବା ପାଇଁ ଆମ ଏମ୍ପାୟାର୍ ହୋଟେଲ ଭୁବନେଶ୍ୱରର ଫେସବୁକ୍ ପେଜ୍ ପରିଦର୍ଶନ କରିପାରିବେ ।

ସପ୍ତବିଂଶ ବିଶେଷାଙ୍କ
ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ରବିବାର, ୧୫ ଅକ୍ଟୋବର ୨୦୨୩
27th ANNIVERSARY


# ଏକାଠି ହେବେ ୫୭ ମୁସଲିମ୍ ରାଷ୍ଟ୍ର




**ନୂଆଦିଲ୍ଲୀ:** ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ନେଇ ଆକ୍ସନ ମୁଡରେ ଆସିଛି ଇସ୍ଲାମିକ୍ ଗ୍ରୁପ୍ । ଦୀର୍ଘ ସପ୍ତାହେ ଧରି ଚାଲିଥିବା ଏହି ରକ୍ତାକ୍ତ ଯୁଦ୍ଧକୁ ନେଇ ୫୭ ମୁସଲିମ ଦେଶର ସଂଗଠନ ଅର୍ଗାନାଇଜେସନ୍ ଅଫ୍ ଇସଲାମିକ୍ କୋଅପରେସନ୍ (ଓଆଇସି) ଏକ ଜରୁରୀ ବୈଠକ ଡାକିଛି । ଏକ ବିବୃତ୍ତି ଜାରି କରି କହିଛି ଯେ ସାଉଦି ଆରବର ଦାବି ଅନୁଯାୟୀ ବୁଧବାର ଦିନ ଓଆଇସି କାର୍ଯ୍ୟନିର୍ବାହୀ କମିଟିର ଜରୁରୀକାଳୀନ ମନ୍ତ୍ରୀସ୍ତରୀୟ ବୈଠକ ହେବ ।

ଅର୍ଗାନାଇଜେସନ୍ ଅଫ୍ ଇସଲାମିକ୍ କୋଅପରେସନ୍ (ଓଆଇସି)ର ଏକ ପ୍ରମୁଖ ଦେଶ ଭାବେ ସାଉଦି ଆରବକୁ ବିବେଚନା କରାଯାଏ । OICରେ ସାଉଦି ଆରବ ଏବଂ ଏହାର ସହଯୋଗୀ ଦେଶଗୁଡିକର ଦବଦବା ରହିଛି । ଏହାର ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ସୃଷ୍ଟି କରି ମୁସଲମାନମାନଙ୍କୁ ସୁରକ୍ଷା ଦେବା ।

ଓଆଇସି ଏକ ବିବୃତ୍ତି ଜାରି କରି କହିଛି ଯେ, ସାଉଦି ଆରବର ଅନୁରୋଧ କ୍ରମେ ବୁଧବାର ଓସିଆଇ କାର୍ଯ୍ୟକାରିଣୀ କମିଟିର ବୈଠକ ଡକାଯାଇ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ତଥା ନାଗରିକଙ୍କ ସୁରକ୍ଷା ଉପରେ ଆଲୋଚନା କରାଯିବ । କିଙ୍ଗଡମ୍ ଅଫ୍ ସାଉଦି ଆରବ, ଯିଏ ଇସଲାମିକ୍ ଶିଖର ସମ୍ମିଳନୀ ଓ ଇସଲାମିକ୍ ସହଯୋଗ ସଂଗଠନର ବର୍ତ୍ତମାନର ଅଧ୍ୟକ୍ଷ ବି ଅଛନ୍ତି । ତାଙ୍କର ଅନୁରୋଧ କ୍ରମେ ଏହି ଜରୁରୀକାଳୀନ ବୈଠକ ଡକାଯାଇଛି ।

ଏହାର ଉଦ୍ଦେଶ୍ୟ ହେଉଛି ଗାଜା ଏବଂ ଏହାର ଆଖପାଖ ଅଞ୍ଚଳରେ ହେଉଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ସେଠାରେ ଥିବା ନାଗରିକଙ୍କ ଜୀବନ ସୁରକ୍ଷା ଏବଂ ସ୍ଥିରତା ଉପରେ ଅବନତି ଘଟୁଥିବା ପରିସ୍ଥିତି ଉପରେ ଆଲୋଚନା କରିବା । ଏହି OIC ବୈଠକ ଅକ୍ଟୋବର ୧୮ରେ ଜେଦ୍ଦା ଠାରେ ଅନୁଷ୍ଠିତ ହେବ । ସାଉଦି ଆରବର ରାଜା ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ମଙ୍ଗଳବାର ଜରୁରୀ ବୈଠକ ଡାକିବା ନେଇ ଓଆଇସିକୁ ନିବେଦନ କରିଥିଲେ । ଏହା ବ୍ୟତୀତ ସାଉଦି ରାଜା ସଲମାନଙ୍କ ନେତୃତ୍ୱରେ ସାଉଦି ମନ୍ତ୍ରୀ ପରିଷଦଙ୍କ ମଧ୍ୟ ଏକ ବୈଠକ ବସିଥିଲା । ଏହି ବୈଠକରେ ସାଉଦି ରାଜା ସଲମାନ ଏବଂ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଅନ୍ତର୍ଜାତୀୟ ସ୍ତରୀୟ ନେତାଙ୍କ ସହ ଆଲୋଚନା କରିଥିଲେ ।

# ହମାସ କେମିତି ଗଠନ କଲା ନିଜର ମିନି ଆର୍ମି

**ନୂଆଦିଲ୍ଲୀ:** ପାଲେଷ୍ଟାଇନର ଆତଙ୍କବାଦୀ ସଂଗଠନ ହମାସ ଦୀର୍ଘ ସମୟ ଧରି ଇସ୍ରାଏଲ ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲା । ସାମରିକ ଅସ୍ତ୍ରଠାରୁ ଆରମ୍ଭ କରି ଇରାନ ପରି ଅନ୍ୟାନ୍ୟ ଦେଶରୁ ଆର୍ଥିକ ସହାୟତା ପର୍ଯ୍ୟନ୍ତ ସବୁକିଛି ପାଉଥିଲା । ଏ ବିଷୟରେ ଏକ ରିପୋର୍ଟ ପ୍ରକାଶ ପାଇଛି । ଇସ୍ରାଏଲ ସହିତ ଲଢିବା ପାଇଁ ହାମାସ୍ ଗ୍ରୁପ୍ତରେ ଏକ 'ମିନି ଆର୍ମି ମଧ୍ୟ ପ୍ରସ୍ତୁତ କରିଛି । ସେମାନଙ୍କୁ ଏକ ଗୁପ୍ତ ସ୍ଥାନରେ ତାଲିମ ଦିଆଯାଇଥିଲା । ଆକ୍ରମଣର ରଣକୌଶଳ ବିଷୟରେ ସମ୍ପୂର୍ଣ୍ଣ ଶିକ୍ଷା ଦିଆଯାଇଥିଲା ।

ଇସ୍ରାଏଲ-ହମାସ ଯୁଦ୍ଧକୁ ସପ୍ତାହେ ପୁରି ଗଲାଣି । ଗତ ଶନିବାର ଦିନ ପାଲେଷ୍ଟାଇନ ସମର୍ଥକ ହାମାସ ଆତଙ୍କବାଦୀମାନେ ହଠାତ୍ ଇସ୍ରାଏଲରେ ଅନୁପ୍ରବେଶ କରି ଆକ୍ରମଣ କରିଥିଲେ । ହମାସ୍ ଦ୍ୱାରା ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଅତ୍ୟାଚାର ସମଗ୍ର ବିଶ୍ୱକୁ ଚକିତ କରିଛି । ଏହି କାରଣରୁ ଇସ୍ରାଏଲ ଶପଥ ନେଇଛି ଯେ ଏହା ହମାସକୁ ଶେଷ କରିବ । ଇସ୍ରାଏଲ୍ ମଧ୍ୟ ଗାଜା ଷ୍ଟ୍ରିପ୍ ଉପରେ କ୍ରମାଗତ ଭାବରେ ଆକ୍ରମଣ କରୁଛି । ଏଠି କଥା ଉଠୁଛି ହାମାସ୍ ପରି ଏକ ଆତଙ୍କବାଦୀ ସଂଗଠନ କେମିତି ଗୋପନରେ ନିଜର ଏକ ମିନି ଆର୍ମି ମଧ୍ୟ ଛିଡା କରିଦେଲା ?

ହମାସର ସହିତ ଜଡିତ ଲୋକମାନେ କୁହନ୍ତି ଯେ ଅସ୍ତ୍ରଶସ୍ତ୍ର ଆମଦାନୀ କରିବାରେ ଆମକୁ ଅସୁବିଧା ହୋଇଥିଲା, ତେଣୁ ଆମେ ସ୍ଥାନୀୟ ସ୍ତରରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବା ଆରମ୍ଭ କରିଛୁ । ହମାସ କହିବା ଅନୁସାରେ ଯେ ୨୦୦୮ ଗାଜା ଯୁଦ୍ଧରେ ଆମର ରକେଟର ପରିସର ମାତ୍ର ୪୦ କିଲୋମିଟର ଥିଲା କିନ୍ତୁ ୨୦୨୧ ସୁଦ୍ଧା ଆମର ରକେଟର ପରିସର ୨୩୦ କିଲୋମିଟରରେ ପହଞ୍ଚିଛି । ହମାସ କହିଛି ଯେ ଆମର ମିନି ଆର୍ମି ଏକ ବିଶେଷ ଢଙ୍ଗରେ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ କରୁଛି । ଆମର ଯୋଦ୍ଧାମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଏ । ସାଇବର ସୁରକ୍ଷା ଠାରୁ ନୌସେନା କମାଣ୍ଡୋ ୟୁନିଟ୍ ପରି କଷ୍ଟକର ତାଲିମ ମଧ୍ୟ ଦିଆଯାଏ ।



ଇରାନରୁ ପ୍ରତିବର୍ଷ ୧୦୦ ମିଲିଅନ ଡଲାର ଆର୍ଥିକ ସାହାଯ୍ୟ ଆସୁଛି

୨୦୦୦ ପରଠାରୁ ଗାଜାର ଟନେଲ ନେଟୱାର୍କରେ କାର୍ଯ୍ୟ ଦ୍ରୁତ ଗତିରେ କରାଯାଇଛି । ଯାହାଫଳରେ ହମାସ୍ ଯୁଦ୍ଧକ୍ଷେତ୍ରକୁ ଠିକ୍ ସମୟରେ ଅସ୍ତ୍ରଶସ୍ତ୍ର ପଠାଇ ପାରିବ ଏବଂ ନିଜକୁ ରକ୍ଷା କରିପାରିବ । ଗାଜାର ଏହି ଟନେଲ ସବୁ ମଧ୍ୟରେ ସାଂଘାତିକ ଅସ୍ତ୍ରଶସ୍ତ୍ରର ଭଣ୍ଡାର ଅଛି । ଏଥିମଧ୍ୟରୁ ବୋମା, ମୋର୍ଟାର, ରକେଟ, ଆଣ୍ଟି ଟ୍ୟାଙ୍କ କ୍ଷେପଣାସ୍ତ୍ର, ଆଣ୍ଟି ଏୟାରକ୍ରାଫ୍ଟ କ୍ଷେପଣାସ୍ତ୍ର ପ୍ରମୁଖ ରହିଛି । ଏକ ସାକ୍ଷାତକାରରେ ହାମାସର ଇସମାଇଲ ହାନାଇ ନାମକ ଜଣେ ଆତଙ୍କବାଦୀ ଏକ ବଡ଼ ଦାବି କରିଥିଲେ ଯେ ଯେ ଇରାନରୁ ହାମାସ ୭୦ ମିଲିୟନ ଡଲାର ପାଇଛି । ଇରାନ, ସିରିଆ ଏବଂ ଅନ୍ୟ ଦେଶମାନେ ଆମକୁ ଦୀର୍ଘ ଦୂରଗାମୀ ରକେଟ୍ ଯୋଗାଉଛନ୍ତି । ଇସ୍ରାଏଲର ଏକ ସୂତ୍ରରୁ ପ୍ରକାଶ ଯେ ଇରାନ ପୂର୍ବରୁ ହମାସକୁ ୧୦୦ ମିଲିଅନ ଡଲାର ଆର୍ଥିକ ସହାୟତା ଦେଉଥିଲା ଜାହା ଏବେ ବଢି ବଢି ୩୫୦ ମିଲିଅନ ଡଲାର ହେଇଗଲାଣି ।

## ଇସ୍ରାଏଲରେ ମୃତ୍ୟୁ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି

ପରିସଂଖ୍ୟାନରୁ ଜଣା ପଡିଛି ଯେ ହମାସ ବିରୁଦ୍ଧରେ ଲଢେଇରେ ଇସ୍ରାଏଲ ସେନାରେ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ହେଉଛି । ୨୦୦୮ରେ ୯ ଜଣ ସୈନ୍ୟଙ୍କର ମୃତ୍ୟୁ ହେଇଥିବା ବେଳେ ୨୦୧୪ ରେ ୬୬ ଜଣ ସୈନିକ ମୃତାହତ ହୋଇଛନ୍ତି ।

## ଇରାନ-ଲେବାନନରୁ ମଧ୍ୟ ସହାୟତା ମିଳୁଛି

ହମାସ ଗାଜାକୁ ୨୦୦୭ ରୁ ନିଜ କବଜାରେ ରଖିଛି । ସେବେଠୁ ଇସ୍ରାଏଲ ସହ ଲଗାତର ଝଗଡା ଚାଲିଛି । ଏହାମଧ୍ୟରେ ହମାସ ନିଜକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଚେଷ୍ଟା କରିଆସୁଛି । ହମାସର ଜଣେ ବରିଷ୍ଠ ଅଧିକାରୀ ଅଲି ବରାକା କହିବା ଅନୁସାରେ ଆବଶ୍ୟକତା ହିଁ ସୁଯୋଗ ଆଣିଦିଏ । ଆମର ଆବଶ୍ୟକତା ବଢିବାରୁ ଆମେ ବଢିବାକୁ ଚାହିଁଲୁ । ଏଥିରେ ଆମକୁ ଆମର କିଛି ମିତ୍ରଦେଶ ଓ ସଂଗଠନ ସାହାଯ୍ୟ କଲେ । ଇରାନ ଓ ଲେବାନନ ପରି ଦେଶ ଓ ହିଜବୁଲା ପରି କ୍ଷେତ୍ରୀୟ ଆତଙ୍କବାଦୀ ସଂଗଠନ ଆମକୁ ଆର୍ଥିକ ସହାୟତା ସହ ଟ୍ରେନିଂ ସୁବିଧା ମଧ୍ୟ ଉପଲବ୍ଧ କରାଇଛନ୍ତି । ୯ ବର୍ଷରେ ହମାସ ନିଜକୁ ଅଧିକ ଶକ୍ତିଶାଳୀ କରିଛି ମାତ୍ର ୯ ବର୍ଷ ମଧ୍ୟରେ ହମାସ ନିଜକୁ ଆବଶ୍ୟକତାଠୁ ଅଧିକ ଶକ୍ତିଶାଳୀ କରିପାରିଛି । ଲେବାନନରେ ରହୁଥିବା ବାରକା କହିଛନ୍ତି ଯେ ଆମକୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବାରେ ଅସୁବିଧା ହେଉଛି ତେଣୁ ଗତ ନଅ ବର୍ଷ ମଧ୍ୟରେ ଆମେ ଆମର ଦକ୍ଷତା ବିକାଶ କରିଛୁ । ଆଜି ସ୍ଥାନୀୟସ୍ତରରେ ଆମେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାରେ ସକ୍ଷମ ହେଇପାରିଲୁଣି । ୨୦୦୮ ଗାଜା ଯୁଦ୍ଧରେ ଆମର ରକେଟର ସୀମା ମାତ୍ର ୪୦ କିଲୋମିଟର ଥିଲା ଯାହା ୨୦୨୧ ବେଳକୁ ବଢି ବଢି ୨୩୦ କିଲୋମିଟର ଆମେ କରିପାରିଛୁ । ସମାଚାର ଏଜେନ୍ସି ରଏଟର୍ସ ହମାସର ନେତା, କ୍ଷେତ୍ରୀୟ ସୁରକ୍ଷା ଅଧିକାରୀ,ଏବଂ ସୈନ୍ୟ ବିଶେଷଜ୍ଞଙ୍କ ମାନଙ୍କର ଏକ ସାକ୍ଷାତକାର ନେଇଥିଲା । ସେହି ସାକ୍ଷାତକାର ଅନୁସାରେ ଆଜି ହମାସ ଏକ ବିଶାଳ ସଂଗଠନ ହେଇସାରିଛି । ଯିଏ ୩୬ ବର୍ଷ ପୂର୍ବେ ଇସ୍ରାଏଲକୁ ବିରୋଧ କରିଥିଲା ।

## ସୁଡଙ୍ଗ ନେଟୱାର୍କ ଜରିଆରେ ଅସ୍ତ୍ରଶସ୍ତ୍ର ଯୋଗାଣ

ହମାସର ଏକ ନିକଟତମ ସୂତ୍ରରୁ ପ୍ରକାଶ ଯେ ହମାସ ପାଖରେ ସାଇବର ସୁରକ୍ଷା ଠୁ ଆରମ୍ଭ କରି ବିଶେଷଜ୍ଞ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦେଉଥିବା ଏକ ସୈନ୍ୟ ଏକାଡେମୀ ଅଛି । ତାଙ୍କ ପାଖରେ ୪୦ ହଜାର ଯୋଦ୍ଧାଙ୍କର ଏକ ମଜବୁତ ଆର୍ମି ଅଛି । ତା ମଧ୍ୟରେ ଏକ ନୌସେନା କମାଣ୍ଡୋ ୟୁନିଟ୍ ମଧ୍ୟ ରହିଛି । ୧୯୯୦ ରେ ହମାସ ପାଖରେ ମାତ୍ର ୧୦୦୦୦ ସୈନିକ ଥିଲେ । ସ୍ଥାନୀୟ ସୂତ୍ରରୁ ପ୍ରକାଶ ଯେ ଗାଜାରେ ୨୦୦୦ ମସିହାରୁ ଏକ ସୁଡଙ୍ଗ ନେଟୱର୍କ ତିଆରି ଚାଲିଛି । ଏବେ ସେଠି ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ମହଜୁଦ ରହିବ ସହ ଆତଙ୍କବାଦୀମାନଙ୍କର ଆଶ୍ରୟସ୍ଥଳୀ ପାଲଟିଛି ।

# ହିଜବୁଲ୍ଲା ଡେପୁଟି ଚିଫର ଚେତାବନୀ
## ଇସ୍ରାଏଲ୍ ବିରୋଧରେ ଯୁଦ୍ଧ କରିବାକୁ ଆମେ ପ୍ରସ୍ତୁତ



**ବେରୁଟ:** ଇସ୍ରାଏଲ୍ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛି ହିଜବୁଲ୍ଲା । ଉଚିତ ସମୟ ଆସିଲେ ଆମେ ହମାସ ସହ ମିଶି ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି ବୋଲି ଇରାନ ସମର୍ଥିତ ବୋଲି ହିଜବୁଲ୍ଲା ଉପମୁଖ୍ୟ ନାଇମ କ୍ୱାସୀମ କହିଛି । ଲେବନାନର ଚରମପନ୍ଥୀ ସଂଗଠନ ହିଜବୁଲ୍ଲାକୁ ଇରାନ ସମର୍ଥନ ଦେଉଛି । ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ କରିବାକୁ ମତାଉଛି । ତେଣୁ ହିଜବୁଲ୍ଲା ଏବେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ବୋଲି କହିଛି । ଶୁକ୍ରବାର ଯୁଦ୍ଧ ସମ୍ପର୍କରେ ପ୍ରତିକ୍ରିୟା ଦେଇ ହିଜବୁଲ୍ଲା ଡେପୁଟି ଚିଫ୍ ନାଇ କ୍ୱାସିମ ଏହି ସୂଚନା ଦେଇଛି । ଅକ୍ଟୋବର ୭ ତାରିଖରେ ହମାସ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ଇସ୍ରାଏଲରେ ୧୩୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏପଟେ ଇସ୍ରାଏଲ୍ ଗାଜା ଉପରେ ସବୁଆଡୁ ଆକ୍ରମଣ କରି ଚାଲିଛି । ଫଳରେ ଗାଜାରେ ୧୯୦୦ ଲୋକଙ୍କର ମୃତ୍ୟୁ ହେଲାଣି । ଏଥିରେ ଅଧିକାଂଶ ସାଧାରଣ ଜନାତ ରହିଛନ୍ତି । ଯେଉଁଥିରେ କେବଳ ୬୦୦ ଛୋଟ ପିଲା ଅଛନ୍ତି ବୋଲି ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟମନ୍ତ୍ରଣାଳୟ କହିଛି ।

# ପୁଣି ଚିନ୍ତା ବଢ଼ାଇବ ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ: ଇସ୍ରାଏଲ-ହାମସ ଯୁଦ୍ଧର ପ୍ରଭାବ ସୁନା ମୂଲ୍ୟରେ ପଡିଥିବାବେଳେ ଏବେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପାଇଁ ଚିନ୍ତା ବଢ଼ାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା କହିବା ସହ ଏଥିଲାଗି ଚିନ୍ତା ପ୍ରକଟ କରିଛନ୍ତି । ସୀତାରମଣ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ସଙ୍କଟ ଏବେ ତୈଳ ମୂଲ୍ୟ ଲାଗି ଚିନ୍ତା ବଢ଼ାଇଛି । ଏହି ସଙ୍କଟ ଯୋଗୁ ତୈଳ ମୂଲ୍ୟ ଏବେ ଚିନ୍ତାଜନକ ସ୍ଥିତିକୁ ଯାଉଛି । ଅଧିକାଂଶ ଦେଶ ମଧ୍ୟ ଏନେଇ ବିବ୍ରତ ହେଉଛନ୍ତି । ତୈଳ ସଙ୍କଟ ମଧ୍ୟ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପକାଇବ ଓ ମୁଦ୍ରାସ୍ଫିତି ଉପରେ ଏହାର ପ୍ରଭାବ ରହିବ । ସେହିଭଳି ଯୋଗାଣ ଶୃଙ୍ଖଳା ନିକଟ ଭବିଷ୍ୟତରେ ବାଧାପ୍ରାପ୍ତ ହୋଇପାରେ ।

# ଫ୍ରାନ୍ସର ଲୁଭରେ ମ୍ୟୁଜିୟମ, ଭର୍ସାୟ ରାଜପ୍ରାସାଦକୁ ଉଡ଼ାଇ ଦେବାକୁ ଧମକ୍

**ପ୍ୟାରିସ୍:** ଇସ୍ଲାମ ଚରମପନ୍ଥୀଙ୍କ ଟାର୍ଗେଟରେ ଫ୍ରାନ୍ସ । ନିକଟରେ ଜଣେ ସ୍କୁଲ୍ ଶିକ୍ଷକଙ୍କୁ ଛୁରି ମାରି ହତ୍ୟା କରିବା ପରେ ଏବେ ବୋମାରେ ଉଡ଼ାଇ ଦେବାର ଧମକ ମିଳିଛି । ଶନିବାର ଫ୍ରାନ୍ସର ଲୁଭ୍ରେ ସଂଗ୍ରହାଳୟ ଓ ଭର୍ସାୟ ପେଲେସ୍କୁ ବୋମାମାଡ଼ କରି ଉଡ଼ାଇ ଦେବାର ଧମକ ମିଳିଥିଲା । ଏହାପରେ ସେଠାରୁ ପର୍ଯ୍ୟଟକଙ୍କୁ ହଟାଇ ଦିଆଯାଇଛି । ଏହା ପୂର୍ବରୁ ଶିକ୍ଷକଙ୍କ ହତ୍ୟା ଘଟଣାରେ ସରକାର ଦେଶବାସୀଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି ।



ବୋମା ଧମକ ମିଳିବା ପରେ ପ୍ୟାରିସ ପୁଲିସ ଘଟଣା ସ୍ଥଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା । କିନ୍ତୁ କୌଣସି ବୋମା କି ବିସ୍ଫୋରକ ଉଦ୍ଧାର କରାଯାଇ ନାହିଁ ବୋଲି ଲୁଭ୍ରୋ ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି ।

ସେନ୍ ନଦୀକୁ ସମ୍ମୁଖରେ ଥିବା ଫ୍ରାନ୍ସ ରାଜା ମହଲ ବର୍ସାୟକୁ ବୋମ ଧମକ ମଳିବା ପରେ ଆଲର୍ଟ ସାଇରନ୍ ବାଜିଥିଲା । ସେଠାରୁ ସମସ୍ତ ଯାତ୍ରୀଙ୍କୁ ହଟାଇ ଦିଆଯାଇଥିଲା । ପୁଲିସ ଉକ୍ତ ଅଞ୍ଚଳକୁ କର୍ଡନ କରି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ ।

ଫ୍ରାନ୍ସରେ ସ୍କୁଲ୍ ଶିକ୍ଷକଙ୍କ ହତ୍ୟା ଘଟଣାରେ ଇସ୍ଲାମ ଚରମପନ୍ଥୀଙ୍କ ହାତ ଥିବା ସନ୍ଦେହ କରିବା ପରଠାରୁ ଦେଶରେ ଅଧିକ ୭ ହଜାର ସୈନ୍ୟ ମୁତୟନ କରାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି । ସେପଟେ ହମାସ ଓ ପାଲେଷ୍ଟାଇନ୍ ଯୁଦ୍ଧ ଲାଗି ରହିଥିବାରୁ ଫ୍ରାନ୍ସ ସତର୍କ ରହିଛି ।

ସୂଚନା ଥାଉକି ଫ୍ରାନ୍ସର ଲୁଭ୍ରେ ସଂଗ୍ରହାଳୟରେ ଖୁବ୍ ଐତିହ୍ୟ ସମ୍ପର୍ଣ୍ଣ ସାମଗ୍ରୀ ରହିଛ । ଏମିତିକି ଲିଓନାର୍ଦୋ ଦା ଭିନ୍ସିଙ୍କର ରହସ୍ୟମୟ ମୋନା ଲିଜାର ଚିତ୍ର ମଧ୍ୟ ଏହି ମ୍ୟୁଜିୟମରେ ରହିଛି ।

# ପଶ୍ଚିମବଙ୍ଗରେ ଅଗ୍ନିକାଣ୍ଡ: ଜଳିଗଲା ଗୋଦାମ

କୋଲକାତା: ପଶ୍ଚିମବଙ୍ଗରେ ହାୱଡ଼ାରେ ଭୟଙ୍କର ଅଗ୍ନିକାଣ୍ଡ । ହୁତୁହୁତୁ ହୋଇ ଜଳିଗଲା ଗୋଦାମ । ନିଆଁ ଲିଭାଇବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଛି । ଦମକଳ ବାହିନୀର ୧୧ଟି ଗାଡ଼ି ମୁତୟନ ହୋଇଛନ୍ତି । ହାୱଡାର ସଙ୍କରେଲ ଇଣ୍ଡଷ୍ଟ୍ରିଆଲ ପାର୍କରେ ଥିବା ଏହି ଗୋଦାମ ଘରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଖାଇବା ତେଲ ଗୋଦାମରେ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । କୋଟି କୋଟି ଟଙ୍କାର ସମ୍ପତି ଜଳିଯାଇଥିବା ସୂଚନା ମିଳିଛି । ଅଗ୍ନିଶମ କର୍ମଚାରୀଙ୍କ ଦୀର୍ଘ ଘଂଟାର ପରିଶ୍ରମପରେ ବି ଏଯାଏଁ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ କରାଯାଇ ପାରିନାହିଁ । ନିଆଁ ଲାଗିଥିବା ଗୋଦାମ ଶିଳ୍ପାଞ୍ଚଳରେ ଥିବାରୁ ଆଖପାଖରେ ଅନେକ ଇଣ୍ଡଷ୍ଟ୍ରି ଓ ଗୋଦାମ ରହିଛି । ତେବେ ଏହି ଅଂଚଳରେ ନିଆଁ ଯେମିତି ନବ୍ୟାପେ ସେଥିପାଇଁ ଅଗ୍ନିଶମ କର୍ମଚାରୀ ଉଦ୍ୟମ ଜାରି ରଖିଛନ୍ତି । ଅଗ୍ନିଶମ ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡ଼ିଛି । ତେବେ ଗୋଦାମରେ ଥିବା କୋଟି କୋଟି ଟଙ୍କାର ସାମଗ୍ରୀ ଛାରଖାର ହୋଇଯାଇଛି ।

# ଚାକିରୀ ପ୍ରତ୍ୟାଶୀଙ୍କ ଆତ୍ମହତ୍ୟା ଘଟଣା
## ତେଲେଙ୍ଗାନା ସରକାରଙ୍କୁ ରାହୁଲଙ୍କ ସମାଲୋଚନା

**ନୂଆଦିଲ୍ଲୀ:** ତେଲେଙ୍ଗାନାର ବିଆର୍‌ଏସ୍ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଜଣେ ୨୩ ବର୍ଷୀୟା ଚାକିରୀ ପ୍ରତ୍ୟାଶୀ ଆତ୍ମହତ୍ୟା ଘଟଣା ନେଇ ବିଆର୍‌ଏସ୍ ସରକାର ଉପରେ ରାହୁଲ ବର୍ଷିଛନ୍ତି । ଯୁବକମାନଙ୍କ ସ୍ୱପ୍ନକୁ ହତ୍ୟା କରାଯାଉଛି ବୋଲି ସେ କହିଛନ୍ତି । କେ ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍ ସରକାର ତେଲେଙ୍ଗାନାରେ ଚାଲିଛି । ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ୨୩ ବର୍ଷୀୟା ଚାକିରୀ ଆଶାୟୀ ପ୍ରତିଯୋଗୀତା ପରୀକ୍ଷାର କାର୍ଯ୍ୟ ସାରଣୀକୁ ନେଇ ଏଭଳି କରିଥିବା କୁହାଯାଉଛି । ରାହୁଲ କହିଛନ୍ତି ଯେ ଗତ ୧୦ ବର୍ଷ ହେଲାଣି ବିଜେପି ରିସ୍ତେଦାସ ସମିତି (ବିଆର୍‌ଏସ୍) ଓ ବିଜେପି ମିଳିତ ଭାବେ ତେଲେଙ୍ଗାନାକୁ ନିଜର ଅପାରଗତା କାରଣରୁ ସଙ୍କୁଚିତ କରିଦେଇଛନ୍ତି । ଫଳରେ ଏଭଳି ଘଟଣା ଘଟୁଛି ।

ତେଲେଙ୍ଗାନା ସରକାର ଟିଏସ୍‌ପିଏସ୍‌ସିର ଏକ ଜବ୍ କ୍ୟାଲେଣ୍ଡରକୁ ପ୍ରକାଶ କରିଛନ୍ତି । ୟୁପିଏସ୍‌ସି ଢ଼ାଞ୍ଚାରେ ଏହା ପ୍ରସ୍ତୁତ ହୋଇଛି । ମାସକ ମଧ୍ୟରେ ୨ ଲକ୍ଷ ସରକାରୀ ଚାକିରିରେ ବର୍ଷକ ମଧ୍ୟରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି । ଏହି ୨୩ ବର୍ଷୀୟା ପ୍ରତ୍ୟାଶୀ ଜଣକ ପ୍ରତିଯୋଗୀତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ସେ ହାଇଦ୍ରାବାଦର ଅଶୋକ ନଗରରେ ଏକ ହଷ୍ଟେଲରେ ରହୁଥିଲେ । ବିଆର୍‌ଏସ୍ ସରକାରଙ୍କ ପକ୍ଷରୁ ଯେଉଁ ଜବ୍ କ୍ୟାଲେଣ୍ଡର ପ୍ରକାଶ ପାଇଛି ତାହା ତାଙ୍କୁ ଅବସାଦକୁ ନେଇଥିଲା ଏବଂ ସେ ଆତ୍ମହତ୍ୟା କରିଛନ୍ତି । ରାଜ୍ୟ ସରକାରଙ୍କ ବିରୋଧରେ ଛାତ୍ରମାନେ ବିକ୍ଷୋଭ କରୁଛନ୍ତି । କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନେ ଖଡ଼୍‌ଗେ ଏଥିଲାଗି ମର୍ମାହତ ହୋଇପଡିଥିବା କହିଛନ୍ତି । ସେ କହିଛନ୍ତି ଯେ ଏହି ତେଲେଙ୍ଗାନା ଛାତ୍ରୀଙ୍କ ଆତ୍ମହତ୍ୟା ତାଙ୍କୁ ବ୍ୟଥିତ କରିଛି । ଫଳରେ ସେ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇଛି । ଏହାର କାରଣ ହେଉଛି ରାଜ୍ୟ ଲୋକସେବା କମିଶନ ପକ୍ଷରୁ ଯେଉଁଭଳି ଭାବରେ ବାରମ୍ବାର ପରୀକ୍ଷାକୁ ବନ୍ଦ କରାଯିବା ଓ ଅନିୟମିତତା ହେଉଛି ସେଥିଲାଗି ସେ ଆତ୍ମହତ୍ୟା କରିଛନ୍ତି । ଏହା ହେଉଛି ଏକ ପୁଞ୍ଜିଭୂତ କ୍ରୋଧ ଓ ଅସନ୍ତୋଷ । ତେଲେଙ୍ଗାନାର ଯୁବକମାନେ ଏବେ ଦୁର୍ନୀତି ଓ ବିଆର୍‌ଏସ୍ ସରକାରର ଅପାରଗତାକୁ ନେଇ ହତସାହ ହୋଇପଡିଛନ୍ତି ।

# ଲ୍ୟାଣ୍ଡିଂ ପୂର୍ବରୁ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

**କାଠମାଣ୍ଡୁ:** ନେପାଳରେ ଶନିବାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ହେଲିକପ୍ଟରଟି ଯାତ୍ରୀ ଆଣିବା ପାଇଁ ଯାଇଥିଲା, ଅବତରଣ କାଳରେ ଅସନ୍ତୁଳିତ ହୋଇ ଏଥିରେ ନିଆଁ ଲାଗିଯାଇଛି । ଦୁର୍ଘଟଣା କାଳରେ ହେଲିକପ୍ଟରରେ କେବଳ ପାଇଲଟ କ୍ୟାପ୍ଟେନ ପ୍ରକାଶ କୁମାର ସେଧାଇ ଥିଲେ । ଏଣୁ ଦୁର୍ଘଟଣାରେ କ୍ୟାପ୍ଟେନ ସେଧାଇ ଗୁରୁତର ଆହତ ହୋଇଛନ୍ତିଛ ତାଙ୍କୁ ଏୟାର ଲିଫ୍ଟ କରି ହସ୍ପିଟାଲ ପଠାଯାଇଛି । ମନାଙ୍ଗ ଏୟାରର ଏହି ହେଲିକପ୍ଟରଟି ସୋଲୁଖୁମ୍ବୁ ଆଡକୁ ଉଡୁଥିଲା । ତେବେ ରାସ୍ତାରେ ପାର୍ବତ୍ୟାଞ୍ଚଳ ଲୋବୁଚେରେ ଦୁର୍ଘଟଣାଗ୍ରସ୍ତ ହୋଇଛି ।

ରିପୋର୍ଟ ଅନୁସାରେ ଏହି ଦୁର୍ଘଟଣା ୧୪ ଅକ୍ଟୋବର ଶନିବାର ସକାଳେ ହୋଇଛି । ନେପାଳ ବେସାମରିକ ବିମାନଚଳାଚଳ ପ୍ରାଧିକରଣଙ୍କ ଉପ ନିର୍ଦ୍ଦେଶକ ଜଗନ୍ନାଥ ନିରୌଲା କହିଛନ୍ତି ଯେ ହେଲିକପ୍ଟର ନାଇନ୍ ଏନ ଏଏନଜେ ଉତ୍ତର-ପୂର୍ବ ନେପାଳର ଲୋବୁଚେରେ ଅବତରଣ କରୁଥିବା ବେଳେ ଅସନ୍ତୁଳିତ ହୋଇ ସେଥିରେ ନିଆଁ ଲାଗିଯାଇଥିଲା । ଯାତ୍ରୀଙ୍କୁ ଆଣିବା ପାଇଁ ହେଲିକର୍ଟର ସକାଳ ୭ଟା ୧୩ ମିନିଟ୍ରେ ଲୁକ୍ଲାରୁ ସୋଲୁଖୁମ୍ବ ଲାଗି ଉଡାଣ କରୁଥିଲା । ହେଲିକପ୍ଟରରେ ଏକାକୀ ପାଇଲଟ କ୍ୟାପ୍ଟେନ ପ୍ରକାଶ କୁମାର ସେଧାଇ ଥିଲେ ।

ଜଗନ୍ନାଥ ନିରୌଲା କହିଛନ୍ତି ଯେ ଗୁରୁତର ଆହତ ପାଇଲଟଙ୍କୁ ବିମାନ ଯୋଗେ କାଠମାଣ୍ଡୁ ଅଣାଯାଇଛି । ତେବେ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡି ନାହିଁ । ତେବେ ହେଲିକପ୍ଟର ନିୟନ୍ତ୍ରଣ ହରାଇବା ଯୋଗୁ ଦୁର୍ଘଟଣା ହୋଇଥିବାର ଆଶଙ୍କା କରାଯାଉଛି । ଏହା ପୂର୍ବରୁ ଗତ ଜୁଲାଇ ୧୧ ତାରିଖରେ ସୋଲୁଖୁମ୍ବୁ ଜିଲ୍ଲାର ଲିଖୁପିକେ ଗ୍ରାମୀଣ ନଗରପାଳିକାର ଲମଜୁରାରେ ମନାଙ୍ଗ ଏୟାରର ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଏଥିରେ ଥିବା ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା ।

# ନକଲି ପାସପୋର୍ଟ ଦୁର୍ନୀତି ମାମଲା
## ୫୦ ଟି ସ୍ଥାନରେ ସିବିଆଇ ଚଢ଼ାଉ, ୨ ଗିରଫ

**ନୂଆଦିଲ୍ଲୀ:** ନକଲି ପାସ୍ପୋର୍ଟ ଦୁର୍ନୀତି ମାମଲାରେ ସିବିଆଇ ଶନିବାର ପଶ୍ଚିମବଙ୍ଗ ଓ ସିକ୍କିମର ୫୦ଟି ସ୍ଥାନରେ ଚଢ଼ାଉ କରିଛି । କୋଲକାତା, ସିଲିଗୁଡ଼ି, ଦାର୍ଜେଲିଂ ଓ ଗ୍ୟାଙ୍ଗଟକ୍ରେ ଚଢ଼ାଉ କରାଯାଇଛି ।

ଘଟଣାରେ ଗ୍ୟାଙ୍ଗଟକ୍ ପାସ୍ପୋର୍ଟ ସେବା କେନ୍ଦ୍ରର ଜଣେ ବରିଷ୍ଠ ଅଧିକ୍ଷକ(ସୁପରିଟେଣ୍ଡଣ୍ଟ) ଗୌତମ କୁମାର ଶାହ ଓ ଜଣେ ହୋଟେଲ ଏଜେଣ୍ଟଙ୍କୁ ଗିରଫ କରାଯାଇଛି । ଦୁଇ ଜଣଙ୍କ ପାଖରୁ ୧,୯୦,୦୦୦ ହଜାର ଟଙ୍କା ଜବତ ମଧ୍ୟ କରାଯାଇଛି । ଏମାନେ ମଧ୍ୟସ୍ଥିଙ୍କ ପାଇଁ ନକଲି ଡକ୍ୟୁମେଣ୍ଟ ବ୍ୟବାହର କରି ପାସ୍ପୋର୍ଟ ତିଆରି କରୁଥିଲେ ବୋଲି ସୂଚନା ମିଳିଛି ।

କେବଳ ସେତିକି ନୁହେଁ, ମାମଲାରେ ଅନ୍ୟ ୨୪ ଜଣଙ୍କ ବିରୁଦ୍ଧରେ ମାମଲା ଦାୟର କରାଯାଇଛ । ଏଫ୍ଆଇଆର୍ରେ ଥିବା ୨୪ ଜଣଙ୍କ ମଧ୍ୟରେ ୧୬ ଅଫିସ କର୍ମଚାରୀ ଅଛନ୍ତ । ଏମାନେ ଟଙ୍କା ନେଇ ଅଯୋଗ୍ୟ ବ୍ୟକ୍ତିଙ୍କୁ ନକଲି ପ୍ରମାଣପତ୍ର ଆଧାରରେ ପାସ୍ପୋର୍ଟ ଦେଉଛନ୍ତି । ଭାରତୀୟ ନ ହୋଇଥିଲେ ବି ସେମାନଙ୍କୁ ଭିଜା ଦେଉଛନ୍ତି ଏମାନେ ।

# ୫ବର୍ଷ ବଢ଼ିଲା ଗ୍ରୀନ୍ କାର୍ଡ ଅବଧି

ୱାଶିଂଟନ୍: ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଖୁସି ଖବର । ବଢ଼ିଲା ଗ୍ରୀନ୍ କାର୍ଡର ଅବଧି । ପାଞ୍ଚ ବର୍ଷ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି ବାଇଡେନ ସରକାର । ଯାହାଫଳରେ ଏଣିକି ଭାରତୀୟଙ୍କୁ ୫ ବର୍ଷର ନିଯୁକ୍ତି ପ୍ରାଧିକରଣ ଡକ୍ୟୁମେଣ୍ଟ ମିଳିବ ।

ୟୁଏସ ସିଟିଜେନସିପ୍ ଆଣ୍ଡ୍ ଇମିଗ୍ରେସନ୍ ସର୍ଭିସେଜ୍ ବା (ୟୁଏସସିଆଇଏସ) ଅନୁସାରେ, ଆମେରିକା ସରକାର ଅଣନାଗରିକଙ୍କ ନିଯୁକ୍ତି ପ୍ରାଧିକରଣ ଡକ୍ୟୁମେଣ୍ଟକୁ ସର୍ବାଧିକ ବୈଧତା ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହାର ମୁଖ୍ୟ କାରଣ ହେଉଛି ଗ୍ରୀନକାର୍ଡ ଆବେଦନକୁ କମ୍ କରିବା । ଏହାଦ୍ୱାରା ଆବେଦନ ପ୍ରୋସେସିଂ ସମୟ ମଧ୍ୟ ହ୍ରାସ ହେବ ।




ଏକ ନୂଆ ଅଧ୍ୟୟନ ଅନୁଯାୟୀ, ଆମେରିକାରେ ୧୦ ଲକ୍ଷରୁ ଅଧିକ ଭାରତୀୟ ନିଯୁକ୍ତି ଆଧାରିତ ଗ୍ରାନ୍କାର୍ଡ ପାଇଁ ଧାଡ଼ିରେ ରହିଛନ୍ତି । ଏଥିରୁ ୪ ଲକ୍ଷ ଲୋକ ଆମେରିକାର ସ୍ଥାୟୀ ଅଧିବାସୀ ହେବା ଲାଗି ଆଇନତଃ କାଗଜପତ୍ର ପାଇଁ ଦୀର୍ଘ ହେଲା ଚାହିଁ ବସିଛନ୍ତି ।

ତେବେ ଏହି ଗ୍ରୀନ୍ କାର୍ଡ କ'ଣ ? ଆମେରିକାରେ ଗ୍ରୀନ୍ କାର୍ଡ ପ୍ରାପ୍ତ ଲୋକଙ୍କୁ ଏକ ସ୍ଥାୟି ବାସିନ୍ଦା ଭାବେ ବିବେଚନା କରାଯାଏ । ଗ୍ରୀନ୍ କାର୍ଡଧାରୀ ଆମେରିକାରେ ସ୍ଥାୟି ଭାବେ ରହିବାର ସ୍ୱତନ୍ତ୍ର ଅଧିକାର ରହିଛି ।

## ଆଇସିସି ଦିନିକିଆ ବିଶ୍ୱକପ୍

# ରୋହିତ ପରାକ୍ରମ, ପାକିସ୍ତାନ ଧରାଶାୟୀ



ଅହମ୍ମଦାବାଦ,୧୪।୧୦(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ପରାକ୍ରମ ଜାରି ରହିଛି । ଶନିବାର ମ୍ୟାଚ ଉପରେ ସାରାବିଶ୍ୱର ନଜର ରହିଥିଲା । କ୍ରିକେଟ୍‌ପ୍ରେମୀ ଭାରତ-ପାକିସ୍ତାନ ହାଇଭୋଲ୍ଟେଜ୍ ମ୍ୟାଚକୁ ନେଇ ଉତ୍ସାହିତ ଥିଲେ । ଏହାର ଫଳାଫଳ ବି ସନ୍ତୋଷଜନକ ରହିଛି । ପୁଣିଥରେ ପାକିସ୍ତାନ ମାଟି କାମୁଡିଥିବା ବେଳେ ଭାରତର ଅପରାଜେୟ ଧାରା ଆଗକୁ ବଢ଼ିଛି । ବିଶ୍ୱକପ୍‌ରେ ଭାରତ ଏହାକୁ ମିଶାଇ ୮ଥର ପାକିସ୍ତାନ ବିପକ୍ଷରେ ବିଜୟଧ୍ୱଜା ଉଡାଇବାକୁ ସଫଳ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ୪୨.୫ ଓଭରରେ ୧୯୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଭାରତ ୩୦.୩ ଓଭରରେ ୧୯୨/୩ ରନ୍ କରି ସହଜବିଜୟ ହାସଲ କରିଥିଲା । ଅଧିନାୟକ ରୋହିତ ଶର୍ମାଙ୍କ ଚୌକା, ଛକା ବର୍ଷାରେ ପାକ୍ ବୋଲର ଆମ୍ବହରା ହୋଇଯାଇଥିଲେ । ୧୯ ରନ୍ ବ୍ୟୟରେ ୨ ୱିକେଟ୍ ଅକ୍ତିଆର କରିଥିବା ଜଶପ୍ରିତ ବୁମରାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ଟସ୍ ଜିତି ଭାରତୀୟ ଅଧିନାୟକ ରୋହିତ ଶର୍ମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ମ୍ୟାଚରେ କାକର ସମସ୍ୟା ଥିବାରୁ ରୋହିତ ପ୍ରଥମେ ବୋଲିଂକୁ ପ୍ରାଧାନ୍ୟ ଦେଇଥିଲେ । ଏହା ମଧ୍ୟ ଅନେକାଂଶରେ ସଫଳସିଦ୍ଧ ହୋଇଥିଲା । କାରଣ ପାକିସ୍ତାନର ଆରମ୍ଭ ଭଲ ହେବା ସତ୍ତ୍ୱେ ୧୫୦ ରନ୍ ପରେ ବିପର୍ଯ୍ୟୟ ଘଟିଥିଲା । ମଧ୍ୟମକ୍ରମର କୌଣସି ବ୍ୟାଟର ଦଳୀୟ ସ୍ଥିତି ସୁଧାରିବାକୁ ସକ୍ଷମ ହୋଇନଥିଲେ । ଓପନର ଅବଦ୍ଦୁଲ୍ଲା ସାଫିକ୍ ଓ ଇମାନ ଉଲ୍-ହକ୍ ପ୍ରଥମ ୱିକେଟ୍ ପାଇଁ ୪୧ ରନ୍ ଯୋଡି ଦଳକୁ ଭଲ ଆରମ୍ଭ ଦେଇଥିଲେ । ଏହି ଧାରା ୨୯ ଓଭର ପର୍ଯ୍ୟନ୍ତ ଜାରି ରହିଥିଲା । ଅବଦୁଲ୍ଲା ୨୦ ରନ୍ ଓ ଇମାମ୍ ଉଲ-ହକି ୩୬ ରନ୍ କରି ଆଉଟ୍ ହୋଇଥିଲେ । ମହମ୍ମଦ ସିରାଜ ଓପନିଂ ଯୋଡି ଭାଙ୍ଗିବା ପରେ ହାର୍ଦ୍ଦିକ ପାଣ୍ଡ୍ୟା ବୁମରା ଓ କୁଲଦୀପ ଯାଦବ ପର୍ଯ୍ୟାୟକ୍ରମେ ପାକିସ୍ତାନର ରନ୍ ସଂଗ୍ରହରେ ଅଙ୍କୁଶ ଲଗାଇବା ସହ ୱିକେଟ୍ ଝଡାଇଥିଲେ । ଅଧିନାୟକ ବାବର ଆଜମ୍ ୫୮ ବଲ୍‌ରୁ ୫୦ ରନ୍ ମହମ୍ମଦ ରିଜୱାନ ୬୯ ବଲ୍‌ରୁ ୪୯ ରନ୍ କରି ଆଉଟ୍ ହୋଇଥିବା ବେଳେ ଅନ୍ୟମାନଙ୍କ ପ୍ରଦର୍ଶନ ନିରାଶଜନକ ଥିଲା । ସଉଦ ସାକିଲ ୬, ଇଫତିଖାର ଅହମ୍ମଦ ୪, ସଦବ ଖାନ୍ ୨ ରନ୍ ଓ ମହମ୍ମଦ ନବାଜ ୪ ରନ୍ ତଥା ହାସନ ଅଲ୍ଲୀ ୧୨ ରନ୍ କରି ଆଉଟ୍ ହୋଇଥିଲେ ।

ଭାରତୀୟ ବୋଲିଂ ବର୍ଗ ଅତ୍ୟନ୍ତ ମଜଭୁତ ରହିଛି । ପାକିସ୍ତାନ ବିପକ୍ଷ ମ୍ୟାଚ ପୂର୍ବରୁ ଅଧିନାୟକଙ୍କ ସହ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରିଥିଲା । ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅଧକ୍ଷତାରେ କୁଲଦୀପ ଯାଦବଙ୍କ ଉପରେ ଅଧିକ ଭରଷା ରହିଥିଲା । ଅଲ୍‌ରାଉଣ୍ଡର ଭାବେ ସାର୍ଦ୍ଦୁଲ ଠାକୁରଙ୍କୁ ନିଆଯାଇଥିଲା । ୪ ଜଣ ଦ୍ରୁତ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା, ସାର୍ଦ୍ଦୁଲ ଠାକୁର, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦଳର ବୋଲିଂ ମଙ୍ଗ ସମ୍ଭାଳିଥିଲେ । ସ୍ପିନ ବିଭାଗରେ ରବିନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ପ୍ରଭାବୀ ପ୍ରଦର୍ଶନ ଦେଖାଇଥିଲେ । ସାର୍ଦ୍ଦୁଲ ଠାକୁରଙ୍କୁ ବାଦ ଦେଲେ ଅନ୍ୟ ୫ ଜଣ ବୋଲର ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାତେଇଥିଲେ । ଶାଣିତ ବୋଲିଂ ସାଙ୍ଗକୁ ଉତ୍ତମ କ୍ଷେତ୍ର ରକ୍ଷଣ ପରେ ପରେ ବିସ୍ଫୋରକ ବ୍ୟାଟିଂ ଟିମ୍ ଇଣ୍ଡିଆକୁ ଉଚ୍ଚକୋଟୀର ବିଜୟ ଦେଇଛି ।

୧୯୨ ରନ୍‌ର ବିଜୟଲକ୍ଷ୍ୟ ଭାରତ ପାଇଁ ସହଜ ଥିଲା । ତଥାପି ପାକିସ୍ତାନ ବିପକ୍ଷ ଏହି ମ୍ୟାଚରେ ସବୁ ଖେଳାଳି ଚାପରେ ଥିଲେ । ଏହା ସତ୍ତ୍ୱେ ରୋହିତ ଶର୍ମା ଭଲ ଫର୍ମରେ ଥିବାରୁ ଆରମ୍ଭରୁ ମ୍ୟାଚ ଏକତରଫା ହୋଇଥିଲା । ରୋହିତ ୬୩ ବଲ୍‌ରୁ ୬ଟି ଲେଖାଏଁ ଚୌକା ଓ ଛକା ମାରି ୮୬ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ । ଡେଙ୍ଗୁ ଜ୍ୱରରୁ ଭଲ ହୋଇଫେରିଥିବା ଶୁଭମନ ଗିଲ ବଡ଼ ଇନିଂସ ଖେଳିପାରିନଥିଲେ । ସେ ୧୧ ବଲ୍‌ରୁ ୧୬ ରନ୍ କରିଥିବା ବେଳେ ଏଥିରେ ୪ଟି ଚୌକା ସାମିଲ ଥିଲା । ବିରାଟ କୋହଲିଙ୍କ ଉପରେ ସାରା ଦୁନିଆର ନଜର ଥିଲା । କୋହଲି ବଡ଼ ଇନିଂସ ଖେଳି ଏହି ମ୍ୟାଚକୁ ଆହୁରି ସ୍ମରଣୀୟ କରିବେ ବୋଲି ଆଶା କରାଯାଇଥିଲା । ସେ ୧୮ ବଲ୍‌ରୁ ୧୬ ରନ୍ କରି ହାସନ ଅଲ୍ଲୀଙ୍କ ବଲରେ ମହମ୍ମଦ ନୱାଜଙ୍କ ହାତରେ ଧରାପଡିଥିଲେ । ଏହାପରେ ଶ୍ରେୟାସ ଆୟରଙ୍କ ସହ ଲୋକେଶ ରାହୁଲ ଆଉ ୱିକେଟ୍ ଝଡିବାକୁ ଦେଇନଥିଲେ । ଆୟର ୬୨ ବଲରୁ ୩ଟି ଚୌକା ଓ ୨ଟି ଛକା ସହାୟତାରେ ଅପରାଜିତ ୫୩ ରନ୍ ଏବଂ ରାହୁଲ ୧୯ ରନ୍ କରି ମ୍ୟାଚ ଫିନିସ କରିଥିଲେ । ତେଣୁ ଭାରତ ନିର୍ଦ୍ଧାରିତ କୋଟାର ୧୧୭ଟି ବଲ୍ ବାକିଥାଇ ୧୯୨/୩ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ପାକିସ୍ତାନର ସହିନ ଶାହା ଆଫ୍ରିଦୀ ଦୁଇଟି ଓ ହାସନ ଅଲ୍ଲୀ ଗୋଟିଏ ୱିକେଟ୍ ସଫଳତା ପାଇଥିଲେ । ଜମାଣିଆ ବିଜୟ ସହ ଭାରତ ୩ ମ୍ୟାଚରୁ ୬ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷକୁ ଉଠିଛି । ଆଗାମୀ ୧୯ ତାରିଖରେ ଭାରତ ଚତୁର୍ଥ ମ୍ୟାଚରେ ବାଂଲାଦେଶକୁ ଭେଟିବ ।



### ଭୁଲ ଜର୍ସି ପିନ୍ଧିଲେ ବିରାଟ

ଭାରତ-ପାକିସ୍ତାନ ମ୍ୟାଚରେ ତାରକା ଖେଳାଳି ବିରାଟ କୋହଲି ଭୁଲ ଜର୍ସି ପିନ୍ଧି ମୈଦାନକୁ ଓହ୍ଲାଇଥିଲେ । ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳ ଯେଉଁ ଜର୍ସି ପିନ୍ଧିଛି ଏହାର କାନ୍ଧରେ ତ୍ରିରଙ୍ଗା ଚିହ୍ନ ରହିଛି । ପୂର୍ବ ଜର୍ସି କାନ୍ଧରେ କେବଳ ୩ଟି ଧଳାରଙ୍ଗର ପଟି ରହିଥିଲା । ଯେତେବେଳେ କୋହଲି ଜାତୀୟ ସଂଗୀତ ପାଇଁ ପଡ଼ିଆକୁ ଆସିଥିଲେ ସେ ସମୟରେ ସେ ଧଳାରଙ୍ଗର ପଟି ଥିବା ଜର୍ସି ପିନ୍ଧି ଥିଲେ । ଏହାପରେ କିଛି ସମୟ ଉକ୍ତ ଜର୍ସିରେ ଫିଲ୍ଡିଂ ମଧ୍ୟ କରିଥିଲେ । ଯେତେବେଳେ ଭୁଲ ଜର୍ସି ପିନ୍ଧି ଥିବା ଜାଣିପାରିଥିଲେ । ଡ୍ରେସିଂ ରୁମ୍ ଯାଇ ସଠିକ୍ ଜର୍ସି ବଦଳାଇଥିଲେ ।

### ଟିମ୍ ଇଣ୍ଡିଆକୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ବିଶ୍ୱକପ୍‌ରେ ପାକିସ୍ତାନକୁ ଭାରତ ହରାଇବା ପରେ ପ୍ରଧାନମନ୍ତ୍ରୀ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଭାରତୀୟ ଦଳ ଭାରତବାସୀଙ୍କୁ ଏହି ବିଜୟ ପାଇଁ ମୁଁ ଧନ୍ୟବାଦ ଜଣାଉଛି । ଭାରତ ଅତି ସୁନ୍ଦର ବିଜୟ ହାସଲ କରିଛି । କ୍ରୀଡା ହେଉଛି ଭାରତୀୟ ସଂସ୍କୃତିର ଏକ ଅଂଶ । ଏହା ସହ ଭାରତର ପ୍ରତିଟି ଗ୍ରାମ୍‌ରେ ପାଳନ ହୋଇଥିବା ପୂର୍ବରେ କ୍ରୀଡା ସାମିଲ ଥାଏ । ଭାରତୀୟ କେବଳ କ୍ରୀଡାପ୍ରେମୀ ନୁହଁନ୍ତି । ବରଂ କ୍ରୀଡାକୁ ନେଇ ଜୀବନ ଜିଇଁଥାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।



# ଏସିଆନ୍ ପାରାଗେମ୍ସ: ଭାଗ ନେବେ ଓଡ଼ିଶାର ୭ ଖେଳାଳି

ଭୁବନେଶ୍ୱର,୧୪।୧୦(ସବ୍ୟୁ): ଚଳିତ ଏସିଆନ୍ ପାରାଗେମ୍ସରେ ଭାରତର ୩୧୧ ଜଣ ଖେଳାଳି ଦେଶ ପାଇଁ ପ୍ରତିନିଧିତ୍ୱ କରିବେ । ଏମାନଙ୍କ ମଧ୍ୟରେ ୭ ଜଣ ଓଡ଼ିଆ ଖେଳାଳି ରହିଛନ୍ତି । ପାରାବ୍ୟାଡ଼ମିଣ୍ଟନରେ ପ୍ରମୋଦ ଭଗତ, ଆଥଲେଟିକ୍ସରେ ଜୟନ୍ତ ବେହେରା, ବ୍ଲାଇଣ୍ଡ ଚେସ୍‌ରେ ସୌର୍ଯ୍ୟକୁମାର ପ୍ରଧାନ, ହ୍ୱିଲଚେୟାର ଫିନିସିଂରେ ରାଖାଲ କୁମାର ସେଠୀ, ଭି ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତ ରାୟ ଓ ପୂଜାସ୍ୱିନୀ ନାୟକ । ୨୦୧୮ ଏସିଆନ୍ ପାରାଗେମ୍ସରେ ୨୧୧ ଜଣ ଖେଳାଳି ଭାଗ ନେଇଥିଲେ । ଭାରତ ମୋଟ୍ ୭୨ ପଦକ ଜିତିଥିଲା । ଏବର୍ଷ ଆହୁରି ଭଲ ପ୍ରଦର୍ଶନ କରି ପଦକ ସଂଖ୍ୟା ୧୦୦ ଟପିବ ବୋଲି ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ସଭାପତି ଦୀପା ମଲ୍ଲିକ ଆଶାବ୍ୟକ୍ତ କରିଛନ୍ତି ।

**ପ୍ରମୋଦ ଭଗତ:** ପ୍ରମୋଦ ବିଗତ ୩ଟି ସଂସ୍କରଣ ଖେଳିଛନ୍ତି । ୨୦୧୦ରେ ଏକକ ଓ ଡବଲ୍ସରେ ପଦକ ପାଇନଥିଲେ । କିନ୍ତୁ ୨୦୧୪ରେ ଦ.କୋରିଆର ଅନୁଷ୍ଠିତ ଏସିଆନ୍ ପାରାଗେମ୍ସରେ ପ୍ରମୋଦ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ । ୨୦୧୮ ପାରାଗେମ୍ସରେ ଇଣ୍ଡୋନେସିଆରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏଥର ପ୍ରମୋଦ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଭାଗ ନେବେ । ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି ।



ପାରାବ୍ୟାଡ଼ମିଣ୍ଟନର ଉଦ୍‌ଘାଟନ ଉତ୍ସବର ୨ ଦିନ ଆଗରୁ ଅର୍ଥାତ୍ ୨୦ ତାରିଖରୁ ପ୍ରମୋଦ ଗ୍ରୁପ୍ ମ୍ୟାଚ ଖେଳିବେ ।

**ଜୟନ୍ତୀ ବେହେରା:** ଭାରତୀୟ ପାରା ଆଥଲେଟିକ୍ସରେ ଭାରତ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଓଡ଼ିଆ ଝିଅ ଜୟନ୍ତୀ ବେହେରା । ସେ ୨୦୧୮ ଏସିଆନ୍ ପାରାଗେମ୍ସର ୪୦୦ ମି.ରେ ରୌପ୍ୟ ଏବଂ ୨୦୦ ମିଟରରେ ବ୍ରୋଞ୍ଜ ପଦକ ଜିତିଥିଲେ । ୨୦୧୮ ପରଠାରୁ ଅଦ୍ୟାବଧି ସେ ୧୮ଟି ପଦକ ଜିତିଛନ୍ତି । ଏଥର ଜୟନ୍ତୀ ପାରାଗେମ୍ସର ୧୦୦ ମି. ୨୦୦ମି. ୪୦୦ ମି.ରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ।



## ମହିଳା କ୍ରିକେଟ୍

# ଗୁଜରାଟଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୧୪।୧୦(ସବ୍ୟୁ): ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି ଓଡ଼ିଶା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି । ଗୌହାଟୀରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ମହିଳା ଦଳ ୯୫ ରନ୍ ବ୍ୟବଧାନରେ ଗୁଜରାଟ ନିକଟରୁ ହାରିଯାଇଛି । ଏହି ମ୍ୟାଚରେ ଗୁଜରାଟ ୨୭ ଓଭରରେ ୯ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା । ଜବାବରେ ଓଡ଼ିଶା ୨୨.୨ ଓଭରରେ ୫୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ବର୍ଷା ଯୋଗୁଁ ମ୍ୟାଚ ବାଧାପ୍ରାପ୍ତ ହୋଇଥିବାରୁ ଡକ୍‌ୱର୍ଥ ଲୁଇସ୍ ନିୟମ ଅନୁଯାୟୀ ୯୫ ରନ୍ ବ୍ୟବଧାନରେ ବିଜୟୀ ହୋଇଛି ।

## ଜାତୀୟ ଜୁନିୟର ସଫ୍ଟ ଟେନିସ୍ ଚାମ୍ପିଅନ୍

# ଓଡ଼ିଶା ଦଳର ବିଜୟୱାଡା ଯାତ୍ରା

ଭୁବନେଶ୍ୱର,୧୪।୧୦(ସବ୍ୟୁ): ୧୮ତମ ଜାତୀୟ ଜୁନିୟର ସଫ୍ଟ ଟେନିସ୍ ଚାମ୍ପିଅନ୍‌ସିପ୍ ପାଇଁ ଓଡ଼ିଶା ଦଳ ବିଜୟୱାଡା ଗସ୍ତ କରିଛି । ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରର ବିଜୟୱାଡା ଠାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଓଡ଼ିଶା ଦଳକୁ ପୂର୍ବତନ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ସାଧାରଣ ସମ୍ପାଦକ ଏମ୍‌ଡି ଆଜମ୍ ସମ୍ମାନୀତ କରିଥିଲେ । ଓଡ଼ିଶା ଦଳରେ ଅଂଶୁମାନ ବାବୁ (ଅଧିନାୟକ), ବାଦଲ ଜେନା, ହର୍ମିତ ସିଂ, ଶିବ ବେଉରା, ରାହୁଲ ନାଥ, ସ୍ୱାଧୀନ ସାମଲ, ଆଦିତ୍ୟ ନାରାୟଣ ସାହୁ, କୋଚ ଏମ୍‌ଡି ଆଜମ୍ ବିଜୟୱାଡା ଗସ୍ତ କରିଛନ୍ତି । ରଞ୍ଜନ କୁମାର ନନ୍ଦ, ବିକାଶ ଚନ୍ଦ୍ର ପଟ୍ଟନାୟକ, ଦିଲ୍ଲୀପ କୁମାର ମହାନ୍ତି, ପଙ୍କଜ ମିତଲ, ଟିଟନ ସାହୁ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ଗଗନେନ୍ଦୁ ଦାଶ, ସୌର୍ଯ୍ୟ ରଞ୍ଜନ ପରିଜା, ନୀଳମାଧବ ଦେଓ, କୃଷ୍ଣଚନ୍ଦ୍ର ପଣ୍ଡା, ବାସୁଦେବ ଓଝା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।



# ଜେଏସ୍‌ପି ଫୁଟସାଲ: ଜୋସ୍ ଦଳ ଚାମ୍ପିଅନ୍

ଅନୁଗୁଳ,୧୪।୧୦(ସବ୍ୟୁ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର'ର ଜିନ୍ଦଲ ଅଫିସର କ୍ଲବ୍ ଦ୍ୱାରା ଜେଏସ୍‌ପି ଫୁଟସାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଆନ୍ତଃ ବିଭାଗୀୟ ଫୁଟସାଲ ପ୍ରତିଯୋଗିତାରେ ଜୋସ୍ ଦଳ ଟ୍ରଫି ହାସଲ କରିଛି । ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅନୁଗୁଳ ପ୍ରକଳ୍ପର ବିଭିନ୍ନ ଯଥା ସିଜିପିଡିଆର୍‌ଆଇ କୋଲ୍ ୱାସେରି, ସିଏଚ୍‌ପି, ସିଏଚ୍‌ପି ମାଇନ୍ସ ଆଦି ବିଭାଗର ଖେଳାଳିଙ୍କୁ ନେଇ ଗଠିତ ଏବଂ ଏହି ଚିତ୍ତାକର୍ଷକ ଫାଇନାଲ ମ୍ୟାଚରେ ଜୋସ ଦଳ ୧-୦ ଗୋଲ୍‌ରେ ରୟାଲ ଡାଇନାମୋ ଦଳକୁ ପରାଜିତ କରି ଚାମ୍ପିଅନ୍ ହୋଇଛି ।




ଜେଏସ୍‌ପି ଅନୁଗୁଳ ପ୍ଲାଣ୍ଟର ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା ଆଇରନ୍ ମେକିଂ ଏବଂ ପ୍ରୋଜେକ୍ଟର ନିର୍ବାହୀ ନିର୍ଦ୍ଦେଶକ ଦାମଦର ମିତଲ, ଜେଏସ୍‌ପି ପ୍ରେସିଡେଣ୍ଟ ତଥା ଜେଓସି ସାଧାରଣ ସମ୍ପାଦକ ଡିକେ ତ୍ରିପାଠୀ ଅତିଥି ଭାବେ ଯୋଗଦାନ କରି ବିଜେତା ତଥା ଉପବିଜେତା ଦଳକୁ ପୁରସ୍କାର ଏବଂ ଟ୍ରଫି ପ୍ରଦାନ କରିଥିଲେ । ଏହି ଉତ୍ସବରେ ସିପିସି ବିଭାଗର ଇଭିପି ଏଏନ୍ ତିୱାରୀ, ଜିନ୍ଦଲ ଅଫିସର କ୍ଲବ୍‌ର ସ୍ପୋର୍ଟ୍ସ ସାଧାରଣ ସମ୍ପାଦକ ଆଶିଷ କୁମାର ସିଂଙ୍କ ସମେତ ଅନେକ ବିଭାଗୀୟ ମୁଖ୍ୟ ଦର୍ଶକ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ରୟାଲ ଡାଇନାମୋ ଦଳର ବିଷ୍ଣୁ ନନ୍ଦ କୁମାର ସର୍ବାଧିକ ଗୋଲ୍‌ସ୍କୋର ଗୋଲ୍ଡେନ ବୁଟ ଗ୍ରହଣ କରିଛନ୍ତି । ଜୋସ ଦଳର ଦିବେନ୍ଦୁ ଦାସଙ୍କୁ ଗୋଲ୍ଡେନ ଗ୍ଲୋଭ ଆୱାର୍ଡ ପ୍ରଦାନ କରାଯାଇଥିଲା । ଭାସ୍କର ହାଲଦାରଙ୍କୁ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଗୋଲ୍ଡେନ ବଲ ଏବଂ ଝଣ୍ଟୁ ବାରଙ୍କୁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ।।। ଭିନୁ ମଙ୍କଡ ଟ୍ରଫି ।।।

# ଅରୁଣାଚଳ ପ୍ରଦେଶକୁ ଧରାଶାୟୀ କଲା ଓଡ଼ିଶା

ଭୁବନେଶ୍ୱର,୧୪।୧୦(ସବ୍ୟୁ): ବିସିସିଆଇର ଘରୋଇ ପ୍ରତିଯୋଗିତା ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଏକଦିବସୀୟ ଟ୍ରଫିର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଦଳ ୭ ୱିକେଟ୍‌ରେ ଅରୁଣାଚଳପ୍ରଦେଶକୁ ହରାଇଛି । ଏହି ମ୍ୟାଚରେ ଅରୁଣାଚଳ ପ୍ରଦେଶ ୧୭.୫ ଓଭରରେ ୪୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ସୟଦ ତୌଫିକ୍ ସର୍ବାଧିକ ୫ ୱିକେଟ୍ ଏବଂ ଶ୍ରୀରାଜ ପଟ୍ଟନାୟକ ୩ ୱିକେଟ୍ ସଫଳତା ହାସଲ କରିଥିଲେ । ଜବାବରେ ଓଡ଼ିଶା ୯ ଓଭରରେ ୪୪/୩ ରନ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଗୌତମ ଗୋପାଳ ୨୧ ଓ ଶ୍ରୀୟନ୍ସ ଭରଦ୍ୱାଜ ୧୫ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ।



**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor-Satakadi Hota, ମୁଖ୍ୟ ସମ୍ପାଦକ : ସାତକଡ଼ି ହୋତା